79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୯ବର୍ଷ ■ ସଂଖ୍ୟା-୧୮୧ ● କଟକ ● ଗୁରୁବାର ● ୦୫ ଫେବୃୟାରୀ- ୨୦୨୬ ● କୁମ୍ଭ- ୦୫ ● ସାଲ୍ ୧୪୩୧
CUTTACK ● THURSDAY ● 05 FEBRUARY-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

ଜନ୍ମମାଟିରେ ମହାମହିମ

## ଶ୍ୱେତଗଙ୍ଗାରେ କଲେ ପିଣ୍ଡଦାନ



ଭୁବନେଶ୍ୱର, (ପିପିଏସ୍): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ...ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦର ଅଧିକାରିଣୀ...ହେଲେ ନା ସେ ଭୁଲିଛନ୍ତି ଓଡ଼ିଆ ପରମ୍ପରାକୁ...ନା ସେ ଅଣଦେଖା କରିଛନ୍ତି ନିଜର ସଂସ୍କାର ଆଉ ସଂସ୍କୃତିକୁ। ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଗତକାଲି ଯେତେବେଳେ ଯାଜପୁର ବିରଜାଙ୍କ ଦର୍ଶନ ସହ ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଛନ୍ତି, ସେତେବେଳେ ମୁଣ୍ଡରେ ଓଢ଼ଣା ଦେବାକୁ ଭୁଲିନଥିଲେ... ବୁଧବାର ପୁରୀରେ ବେକରେ ପିନ୍ଧିଥିଲେ ତୁଳସୀ ମାଳ। ବୁଧବାର ସକାଳେ ପୁରୀ ଶ୍ୱେତଗଙ୍ଗାରେ ପୂର୍ବଜଙ୍କୁ ପିଣ୍ଡଦାନ କରିଥିଲେ ମହାମହିମ। ସେଠାରୁ ଯାଇଥିଲେ ଶ୍ରୀମନ୍ଦିର। ଯେଉଁଠି ସ୍ୱାଗତ କରିଥିଲେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ଏବଂ ସେବାୟତ ସମୁହ। ପରେ ମନ୍ଦିର ଭିତରେ ପ୍ରାୟ ୪୫ ମିନିଟ୍ କାଳ ରହି ଫେରିଥିଲେ ବାଇଶି ପାହାଚ ଦେଇ। ଫେରିବା ଆଗରୁ ମନ୍ଦିରରେ ଧ୍ୱଜା ବାନ୍ଧିବା ସହ ପାଉଣା ଦେଇଥିଲେ ରାଷ୍ଟ୍ରପତି। ତା ସହ ରତ୍ନ ସିଂହାସନ ପାଖରେ ପରିକ୍ରମା କରିଥିଲେ। ସେଠାରୁ ଫେରିବାବେଳେ ସାଧାରଣ ଭକ୍ତଟିଏ ଭଳି ବାଇଶି ପାହାଚରେ ବସିପଡ଼ିଥିଲେ ଏଭଳି, କିଛି ସମୟ ଧ୍ୟାନ ବି କରିଥିଲେ। ବେକରେ ଶୋଭା ପାଉଥିଲା ସୁଲମ୍ବ ତୁଳସୀ ମାଳ। ସାଙ୍ଗରେ ଥିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେଠାରୁ ବାହାରିବା ପରେ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ କରପଲ୍ଲଭ ଭେଟିଦେଇଥିଲେ ସେବାୟତ ମାନେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡୁଆ ସମେତ ସୁନା ବେଶର ପଟ୍ଟଚିତ୍ର ଦିଆଯାଇଥିଲା। ମନ୍ଦିରରୁ ବଡ଼ଦାଣ୍ଡରେ କିଛି ବାଟ ଚାଲି ଚାଲି ଜନତାଙ୍କ ଅଭିବାଦନ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ହେବା ପରେ ଚତୁର୍ଥ ଥର ପାଇଁ ପୁରୀ ଆସିଥିଲେ ରାଷ୍ଟ୍ରପତି। ପୁରୀରୁ ହେଲିକପ୍ଟରରେ ବାହାରି ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଯାଇଥିଲେ ରାଷ୍ଟ୍ରପତି। ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ ହୋଲିଡେ ହୋମକୁ ନିଜେ ଉଦଘାଟନ କରିଛନ୍ତି। ଏହାପରେ ଝଝଉ ବାଳିକା ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କ ପାଇଁ ସ୍ୱତନ୍ତ୍ର ଆସନ ସହ ସଭାମଞ୍ଚ ଥିଲା ସତ, କିନ୍ତୁ ପ୍ରୋଟୋକଲ୍ ଭାଙ୍ଗି ମଞ୍ଚ ଉପରୁ ଛାତ୍ରୀଙ୍କ ଗହଣକୁ ଆସିଥିଲେ ରାଷ୍ଟ୍ରପତି। ଆଉ ପଚାରିଥିଲେ କିଛି ହାଲକାଫୁଲକା ପ୍ରଶ୍ନ । ଏପରିକି ପିଲାଙ୍କ ପାଇଁ ବଡ଼ ଖେଳପଡ଼ିଆର ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କୁ କହିଥିଲେ ରାଷ୍ଟ୍ରପତି। କେବଳ ଏତିକି ନୁହେଁ, ରାଇରଙ୍ଗପୁରରେ କେଉଁଠି ଛୋଟ ପିଲାଙ୍କୁ ଖୋଜି ଖୋଜି ଚକୋଲେଟ୍ ବାଣ୍ଟିଲେ ତ ଆଉ କେଉଁଠି ଲୋକଙ୍କ ପାଖକୁ ଯାଇ କଥା ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେବେ ବି ରାଇରଙ୍ଗପୁର ଆସନ୍ତି, ସେତେବେଳେ ବାବା ପୁରନେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ସହ ଝାଡ଼ୁ ମାରନ୍ତି। ଏଥର ବି ମନ୍ଦିରରେ ଏହି ଝାଡ଼ୁ ଧରି ରାଷ୍ଟ୍ରପତି ସଫା କରିଥିବା କହିଛନ୍ତି ପୂଜକ। ୭ ତାରିଖ ସକାଳେ ଫେରିଯିବେ ମହାମହିମ।

## ଶିଶୁବାଟିକାରେ ୧୫ ସୁଦ୍ଧା ମିଳିବ ମାଗଣା ପୋଷାକ

ଭୁବନେଶ୍ୱର : ରାଜ୍ୟରେ ଥିବା ସମସ୍ତ ଶିଶୁ ବାଟିକାରେ ଆସନ୍ତା ୧୫ ତାରିଖ ସୁଦ୍ଧା ମାଗଣା ପୋଷାକ ବଣ୍ଟନ କରାଯିବ। ରାଜ୍ୟରେ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ପ୍ରଦାନ କରାଯିବ। ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା ) ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଏନେଇ ଅବଗତ କରାଯାଇଛି। ପ୍ରତି ବିଦ୍ୟାର୍ଥୀଙ୍କ ପୋଷାକ ପାଇଁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯେଉଁ ନିୟମ କାର୍ଯ୍ୟକାରୀ ହୋଇଥିଲା ତାହା ଶିଶୁ ବାଟିକା ପିଲାଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ କରାଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯେଉଁ ଆର୍ଥିକ ବ୍ୟବସ୍ଥାରେ ପୋଷାକ କ୍ରୟ ହେଉଥିଲା ଅନୁରୂପ ଭାବେ ଶିଶୁ ବାଟିକାରେ ମଧ୍ୟ ସମାନ ନିୟମ କାର୍ଯ୍ୟକାରୀ ହେବ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲାସ୍ତରୀୟ କମିଟି ଏହି କାର୍ଯ୍ୟର ତଦାରଖ କରିବ। କୌଣସି ନୂଆ ଟେଣ୍ଡର ହେବ ନାହିଁ। ପ୍ରଥମ ଶ୍ରେଣୀ ପିଲାଙ୍କ ପୋଷାକର ରଙ୍ଗ,ମାନ ,ଲୋଗୋ ଯାହା ଥିଲା ଶିଶୁ ବାଟିକାରେ ଛାତ୍ରଛାତ୍ରୀଙ୍କ ମଧ୍ୟ ସମାନ ରହିବ। ଆସନ୍ତା ୧୫ ତାରିଖ ସୁଦ୍ଧା ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ କରିବାକୁ ଓସେପା ପକ୍ଷରୁ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଚଳ ସଂସଦ

# ବାହାରେ ତୁତୁ ମେଁମେଁ, ଭିତରେ ହଙ୍ଗାମା

ନୂଆଦିଲ୍ଲୀ : ଲୋକସଭାରେ ଚାଲିଥିବା ହଟ୍ଟଗୋଳ ମଧ୍ୟରେ ବୁଧବାର ଏପରି ଏକ ଘଟଣା ଘଟିଛି ଯାହା ପୁଣି ଥରେ ରାଜନୈତିକ ଯୁଦ୍ଧ ଆରମ୍ଭ କରିଛି। ପାର୍ଲାମେଣ୍ଟ ଗେଟ୍ ଆଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କେନ୍ଦ୍ର ମନ୍ତ୍ରୀ ରବନୀତ ସିଂ ବିଟ୍ଟୁଙ୍କ ମଧ୍ୟରେ ତୁ ତୁ ମେ ମେ । ସଂସଦ ପରିସରରେ କ୍ୟାମେରାରେ କଏଦ ହୋଇଥିବା ଏହି ସମ୍ପୂର୍ଣ୍ଣ ଘଟଣା ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀ ରବନୀତ ପାର୍ଲାମେଣ୍ଟ ଭିତରକୁ ଯାଉଥିବା ବେଳେ ତାଙ୍କୁ ବିଶ୍ୱାସଘାତକ ବୋଲି କହି ଆକ୍ଷେପ କରିଥିଲେ । ଜବାବରେ ରବନୀତ ରାହୁଲଙ୍କୁ ଦେଶର ଶତ୍ରୁ ବୋଲି କହିଥିଲେ । ଆଉ ଏହାକୁ ନେଇ ବୁଧବାର ସାରା ଦେଶରେ ଚର୍ଚ୍ଚା । ସେପଟେ ରାହୁଲଙ୍କ ଆକ୍ଷେପକୁ ଶିଖ୍ ବିରୋଧୀ କହି ବିଜେପି ନିନ୍ଦା କରିବା ସହ ବିଭିନ୍ନ ସ୍ଥାନରେ ପ୍ରତିବାଦ କରିଛି ।



ପାର୍ଲାମେଣ୍ଟ ପରିସରରେ ବାକ୍ ଯୁଦ୍ଧ । ବିରୋଧୀ ଦଳ ନେତା ଓ କେନ୍ଦ୍ରମନ୍ତ୍ରୀ କଥା କଟାକଟି । ରାହୁଲ-ରବନୀତ୍ ମୁହାଁମୁହିଁ । ବୁଧବାର ସଂସଦ ଭବନ ପରିସରରେ ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା । ମକର ଦ୍ୱାର ନିକଟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦମାନେ ପ୍ରତିବାଦ କରୁଥିଲେ । ସେହି ବାଟ ଦେଇ ପାର୍ଲାମେଣ୍ଟ ଭିତରକୁ ଯାଉଥିଲେ କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ ରବନୀତ ସିଂ ବିଟ୍ଟୁ । ଆଉ ଏହି ସମୟରେ ରାହୁଲ, ରବନୀତଙ୍କୁ ଦେଖି ବିଶ୍ୱାସଘାତକ ଚାଲି ଚାଲି ଆସୁଛନ୍ତି ବୋଲି କହିବା ସହ ଆଉ ହେଣ୍ଡସେକ୍ କରିବାକୁ ହାତ ବଢାଇଥିଲେ । ରାହୁଲଙ୍କ ଏପରି କଥା ଶୁଣି କେନ୍ଦ୍ରମନ୍ତ୍ରୀ ରବନୀତ୍ ରାଗିଯାଇଥିଲେ । ରାହୁଲଙ୍କ ସହ ହାତ ମିଳାଇବାକୁ ମନା କରିବା ସହ ଜବାବ ଦେଇ ରବନୀତ୍ କହିଥିଲେ, ଆପଣ ଦେଶର ଶତ୍ରୁ। ଏହି କଥାକୁ ନେଇ ସେଠାରେ ଉପସ୍ଥିତ ସାଂସଦମାନଙ୍କ ମଧ୍ୟରେ ବେଶ୍ ହୋ-ହଲ୍ଲା ହୋଇଥିଲା । ରାହୁଲଙ୍କ ଏପରି କହିବା ପଛରେ ତାଙ୍କର କିଛି ଉଦ୍ଦେଶ୍ୟ ଥିବା ମଧ୍ୟ କୁହାଯାଉଛି । କାରଣ, ରବନୀତ୍ ବିଟ୍ଟୁ ପୂର୍ବରୁ କଂଗ୍ରେସରେ ଥିଲେ । ରାହୁଲ ଗାନ୍ଧୀଙ୍କ ସବୁଠୁ ଘନିଷ୍ଠ ଥିଲେ । ୨୦୨୧ରେ ଲୋକସଭାରେ କଂଗ୍ରେସ ଦଳ ନେତା ଥିଲେ । ହେଲେ ୨୦୨୪ରେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ । ତେବେ ରାହୁଲଙ୍କ ବ୍ୟବହାର ରାସ୍ତାର ଗୁଣ୍ଡା ଭଳିଆ ଥିଲା ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ରବନୀତ୍ ।

ଅନ୍ୟପକ୍ଷରେ ବିଶ୍ୱାସଘାତକ ଶବ୍ଦ କହିବା ନେଇ ବିଜେପି ରାହୁଲ ଗାନ୍ଧୀଙ୍କୁ ଜୋରଦାର ସମାଲୋଚନା କରିଛି । ଦେଶର ବିଭିନ୍ନ ସ୍ଥାନରେ ରାହୁଲଙ୍କ ମନ୍ତବ୍ୟକୁ ବିରୋଧ କରି ପ୍ରତିବାଦ କରିଛି ବିଜେପି । କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଏଭଳି କାହାକୁ କହିବା ଗ୍ରହଣୀୟ ନୁହେଁ। ରବନୀତ ରାହୁଲଙ୍କୁ ଛାଡି ମୋଦିଙ୍କ ନୀତିକୁ ଗ୍ରହଣ କରିବାର ଅର୍ଥ ନୁହେଁ ତାହାଙ୍କୁ ବିଶ୍ୱାସଘାତକ କୁହାଯିବ । ରାହୁଲ ଶାଳୀନତା, ମର୍ଯ୍ୟାଦା ଓ ଗରିମାର ସମସ୍ତ ସୀମା ଲଂଘି ଯାଇଛନ୍ତି । ବିଶ୍ୱାସଘାତକ କହି ରାହୁଲ ପୂରା ଶିଖ ସମୁଦାୟଙ୍କୁ ଅପମାନିତ କରିଛନ୍ତି ।

ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି ଯେ କଂଗ୍ରେସ ଦଳର ମାନସିକତା ଅପରିବର୍ତ୍ତିତ ରହିଛି। ଆଜିର ଘଟଣା ଏହାର ଏକ ପ୍ରମାଣ। ସିରସା ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ‘ଆଜି ସଂସଦରେ ଶିଖ ମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ବିରୁଦ୍ଧରେ ରାହୁଲ ଗାନ୍ଧୀ ଯେଉଁ ଭାଷା ବ୍ୟବହାର କରିଛନ୍ତି, ମୁଁ ତାହାକୁ ଦୃଢ଼ ନିନ୍ଦା କରୁଛି। ଏହି ବୟାନ ଅତ୍ୟନ୍ତ ଲଜ୍ଜାଜନକ।‘ ସେ କହିଛନ୍ତି ଯେ ଜଣେ ଶିଖ୍ ଜଣେ ସର୍ଦ୍ଦାର ଏବଂ ସେ କେବେବି ବିଶ୍ୱାସଘାତକ ହୋଇପାରିବ ନାହିଁ। ଯଦି କେହି ବିଶ୍ୱାସଘାତକ, ତେବେ ତାହା ହେଉଛି ଗାନ୍ଧୀ ପରିବାର, ଯେଉଁମାନେ ତୋପ ଏବଂ ଟ୍ୟାଙ୍କ ସହିତ ଶ୍ରୀ ଦରବାର ସାହିବ ଉପରେ ଆକ୍ରମଣ କରିଥିଲେ, ଶ୍ରୀ ଅକାଳ ତଖତ୍ ସାହିବକୁ ଭାଙ୍ଗି ଦେଇଥିଲେ ଏବଂ ନିର୍ଦ୍ଦୋଷ ଶିଖ୍ ଙ୍କୁ ବେକରେ ଟାୟାର ଲଗାଇ ଜୀବନ୍ତ ଜାଳି ଦେଇଥିଲେ। ସେ କହିଛନ୍ତି ଯେ କଂଗ୍ରେସର ମାନସିକତା ଆଜି ମଧ୍ୟ ବଦଳି ନାହିଁ। ସିରସା କହିଛନ୍ତି ଯେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ନେତାମାନଙ୍କ ଦ୍ୱାରା ଶିଖଙ୍କ ବିରୁଦ୍ଧରେ ଏପରି ଅପମାନଜନକ ଭାଷା ଏବଂ ନକାରାତ୍ମକ ଭାବନା ଅସହ୍ୟ। ଏହା କେବଳ ଶିଖଙ୍କ ପ୍ରତି ଅପମାନ ନୁହେଁ, ବରଂ ଆଜି କଂଗ୍ରେସ ମାନସିକତାରେ ୧୯୮୦ ଦଶକରେ ଯେପରି ବିଷ ଥିଲା ତାହା ମଧ୍ୟ ପ୍ରତିଫଳିତ କରୁଛି। ସେ ଲୋକସଭା ବାଚସ୍ପତିଙ୍କ ଠାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି କହିଛନ୍ତି ଯେ ଏପରି ମନ୍ତବ୍ୟ ଏବଂ ଭାବନାକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବା ଉଚିତ୍ ନୁହେଁ।

## ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ : ଶପଥ ନେଲେ ନୂଆ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ : ମଣିପୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ବିଜେପିର ୟୁମନାମ୍ ଖେମଚାନ୍ଦ ସିଂହ । ମଣିପୁର ଲୋକଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ସେ ବିଜେପି ବିଧାୟକ, ବରିଷ୍ଠ ଦଳୀୟ ପଦାଧିକାରୀ ଏବଂ ରାଜ୍ୟର ଏନଡିଏର ଶୀର୍ଷ ନେତାଙ୍କ ଉପସ୍ଥିତିରେ ଶପଥ ଗ୍ରହଣ କରିଛନ୍ତି । ୟୁମନାମ ଖେମଚାନ୍ଦ ସିଂହଙ୍କୁ ମଣିପୁରରେ ଜଣେ ଅଭିଜ୍ଞ ଏବଂ ଶକ୍ତିଶାଳୀ ନେତା । ଏନ. ବୀରେନ ସିଂହଙ୍କ ସରକାରରେ, ଖେମଚାନ୍ଦ ସିଂହ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ । ବିଧାନସଭା ବାଚସ୍ପତି ଭାବରେ ତାଙ୍କର ନିରପେକ୍ଷ କାର୍ଯ୍ୟଶୈଳୀକୁ ନେଇ ଚର୍ଚ୍ଚାରେ ରହିଥିଲେ । ବୁଧବାର ଅପରାହ୍ନରେ ମଣିପୁରରୁ ରାଷ୍ଟ୍ରପତି ଶାସନ ହଟିଥିଲା । ଗତବର୍ଷ ଫେବୃଆରୀ ୧୩ରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା । ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ, ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାକୁ ସ୍ଥଗିତ ରଖାଯାଇଥିଲା। ବିଧାନସଭାର କାର୍ଯ୍ୟକାଳ ୨୦୨୭ ରେ ଶେଷ ହେଉଛି ।



## ମାର୍ଚ୍ଚ ୬ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ବାର୍ଷିକ ପରୀକ୍ଷା

ଭୁବନେଶ୍ୱର : ଆସନ୍ତା ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହେବ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବାର୍ଷିକ ପରୀକ୍ଷା। ପ୍ରଥମରୁ ଚତୁର୍ଥ, ଷଷ୍ଠରୁ ସପ୍ତମ ଶ୍ରେଣୀ ଯାଏ ସମେଟିଭ୍ ଆସେସ୍ମେଣ୍ଟ-୨ ହେବ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କର ବାର୍ଷିକ ପରୀକ୍ଷା ହେବ। ମାର୍ଚ୍ଚ ୬ରୁ ୭ ତାରିଖ ଯାଏ ମୌଖିକ ପରୀକ୍ଷା ହେବ। ୭ରୁ ୧୩ ତାରିଖ ଯାଏ ଲିଖିତ ପରୀକ୍ଷା ହେବ । ଏନେଇ କାର୍ଯ୍ୟସୂଚୀ ଜାରି କରିଛି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୬ ତାରିଖରେ ମାତୃଭାଷା, ପରିବେଶ ଓ ସାମାଜିକ ବିଜ୍ଞାନର ପରୀକ୍ଷା ହେବ । ୭ରେ ଗଣିତ ପରୀକ୍ଷା ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ହେବ । ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କର ଇଂରାଜୀର ମୌଖିକ ପରୀକ୍ଷା ମଧ୍ୟ ହେବ । ସେହିପରି ୯ ତାରିଖରୁ ସକାଳ ୭ଟାରୁ ୯ଟାରୁ ପ୍ରଥମ ସିଟିଂ ପରୀକ୍ଷା ହେବ । ଦ୍ୱିତୀୟ ସିଟିଂ ସାଢ଼େ ୯ଟାରୁ ସାଢ଼େ ୧୧ଟା ମଧ୍ୟରେ ହେବ । ୯ ତାରିଖରେ ପ୍ରଥମ ସିଟିଂରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମାତୃଭାଷା ପରୀକ୍ଷା ହେବେ । ଦ୍ୱିତୀୟ ସିଟିଂରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଇତିହାସ ପରୀକ୍ଷା ହେବ । ୧୦ ତାରିଖରେ ପ୍ରଥମ ସିଟିଂରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଗଣିତ ଓ ଷଷ୍ଠରୁ ଅଷ୍ଟମ ପିଲାଙ୍କର ଦ୍ୱିତୀୟ ସିଟିଂରେ ଚିତ୍ରାଙ୍କନ ପରୀକ୍ଷା ହେବ । ସେହିପରି ୧୧ ତାରିଖରେ ପ୍ରଥମ ସିଟିଂରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ଯାଏ ପରିବେଶ, ପଞ୍ଚମ ଶ୍ରେଣୀର ସାମାଜିକ ପାଠ, ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଯାଏ ବିଜ୍ଞାନ ପରୀକ୍ଷା ହେବ । ୧୨ ତାରିଖରେ ପ୍ରଥମରୁ ପଞ୍ଚମ ଯାଏ ଚିତ୍ରାଙ୍କନ ପରୀକ୍ଷା ଓ ଷଷ୍ଠରୁ ଅଷ୍ଟମ ଯାଏ ଭୂଗୋଳ ପରୀକ୍ଷା ହେବ । ୧୩ ତାରିଖରେ ତୃତୀୟରୁ ଅଷ୍ଟମ ଯାଏ ଇଂରାଜୀ ପରୀକ୍ଷା ହେବ । ଦ୍ୱିତୀୟ ସିଟିଂରେ ଷଷ୍ଠରୁ ଅଷ୍ଟମ ଯାଏ ହିନ୍ଦୀ ଓ କେବଳ ଅଷ୍ଟମ ଶ୍ରେଣୀର ସଂସ୍କୃତ ପରୀକ୍ଷା ହେବ ।

## ବଦଳିବ ସାତକୋଶିଆର କାୟାକଳ୍ପ

ଭୁବନେଶ୍ୱର : ସାତକୋଶିଆ ଅଭୟାରଣ୍ୟ ହେବ ବିଶ୍ୱସ୍ତରୀୟ ଇକୋ-ଟୁରିଜିମ୍ ହବ୍। ଏଥିପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ସବିଶେଷ ପ୍ରକଳ୍ପ ରିପୋର୍ଟକୁ ଅନୁମୋଦନ ମିଳିଛି। ଏଠାରେ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଅଭୟାରଣ୍ୟ ମଧ୍ୟରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିପାଇଁ ବ୍ୟାଘ୍ର ଅଭୟାରଣ୍ୟର ୬ଟି ପ୍ରମୁଖ ସ୍ଥାନକୁ ଚିହ୍ନଟ କରାଯାଇଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ପୁରୁଣାକୋଟ, ଜଗନ୍ନାଥପୁର, ଟିକରପଡ଼ା, ବାଲିପୁଟ, କୁସଙ୍ଗ ଏବଂ ଛାମୁଣ୍ଡିଆ ଠାରେ ନୂଆ ପ୍ରବେଶ ପଥ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ଫୁଡ୍ କୋର୍ଟ, ଫ୍ଲୋଟିଂ ଜେଟି, ବନ୍ ଫାୟାର, ୱାଚ ଟାୱାର ଏବଂ ରିଭର ଭିୟୁ ଡେକ୍ ଭଳି ସୁବିଧା ସାମିଲ ରହିଛି। ଏହି ରୂପାନ୍ତରଣ ପରେ ସାତକୋଶିଆ କେବଳ ଓଡ଼ିଶା ନୁହେଁ, ବରଂ ଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହେବ ବୋଲି ଆଶା କରାଯାଉଛି।

### ସମ୍ପାଦକୀୟ

## କ୍ରିକେଟରେ ତିକ୍ତତା

### ବାଟେଘାଟେ



କଟଜର ବଡ଼ ଡାକ୍ତର ଖାନା
ନାଆଁ ସିନା ତାର ବଡ଼
ସ୍ୱାସ୍ଥ୍ୟ ସେବା ଏଠି ଭାରି ଦୟନୀୟ
କାମ ସବୁ ଗଡ଼ ବଡ଼
ବହୁଛି ଅଦିନ ଝଡ଼
ଡାକ୍ତର ସେବିକାଅଦୃଶ୍ୟ ଏଠାରେ
ସହାୟକ ଖାଏ ମାଡ଼
ସହାୟକ ଙ୍କୁ କିଏସେ କହିଛି
ଇଞ୍ଜେକ୍ସନ ନେଇ ଫୋଡ଼
ରୋଗୀ ପାଇଁ ଶଯ୍ୟା ନିଅଣ୍ଟ ହେଉଛି
ବୁଲା କୁକୁରଙ୍କ ଭିଡ଼

-ରାହୀ

ଓଡ଼ିଶା ପୁଲିସର ଅପରେସନ ଅନ୍ୱେଷଣ-୨

# ୫୪୫୧ ନିଖୋଜ ସୁରକ୍ଷିତ ଉଦ୍ଧାର

କଟକ: ପରିବାରଠାରୁ ବିଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୁଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ରୁ ୩୦.୦୧.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ‘ଅପରେସନ୍ ଅନ୍ୱେଷଣ-୨’ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୁଲିସ ସକ୍ରିୟ ଭାବେ ସାମିଲ ହୋଇ ରେକର୍ଡ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ପୁରୀ ଜିଲ୍ଲା ପୁଲିସ ସର୍ବାଧିକ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲ୍ଲା ୫୦୧ ଜଣ, ଭଦ୍ରକ ଜିଲ୍ଲା ୪୨୯ ଜଣ ଉଦ୍ଧାର କରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ୪୧୩ ଜଣ, କେନ୍ଦ୍ରାପଡ଼ା ୩୪୬ ଜଣ, ଯାଜପୁର ୨୭୧ ଜଣ, ବରଗଡ଼ ୨୩୬ ଜଣ, ଅନୁଗୁଳ ୨୧୦ ଜଣ, ଢେଙ୍କାନାଳ ୨୦୬ ଜଣ, ଜଗତସିଂପୁର ୧୭୭ ଜଣ,




ନୂଆପଡ଼ା ୧୭୩ ଜଣ, ବ୍ରହ୍ମପୁର ୧୭୦ ଜଣ, କେଉଁଝର ୧୬୧ ଜଣ, ସୁନ୍ଦରଗଡ ୧୩୫ ଜଣ, କଟକ ସହରାଞ୍ଚଳ ୧୩୪, କଳାହାଣ୍ଡି ୧୩୩ ଜଣ, ନୟାଗଡ ୧୨୭ ଜଣ, ବାଲେଶ୍ୱର ୧୨୫ ଜଣ, ମୟୂରଭଞ୍ଜ ୧୧୯ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ। ଜିଲ୍ଲା ପୁଲିସ, ରେଳବାଇ ପୋଲିସ ଓ ସହରାଞ୍ଚଳ ପୋଲିସର ସମନ୍ୱିତ ଓ ସକ୍ରିୟ କାର୍ଯ୍ୟଦକ୍ଷତା ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଓଡ଼ିଶା ପୁଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଥିବା ସହ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ଓ ପାଇଁ ଏପରି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି।

## ଆତ୍ମସମର୍ପଣ କଲେ ଟପ୍ କ୍ୟାଡର ମାଓବାଦୀ



ମାଲକାନଗିରି: ମାଲକାନଗିରି ପୁଲିସକୁ ବଡ ସଫଳତା । ଛତିଶଗଡ ମାଓ ସଂଗଠନର ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ ବୁଧବାର ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛି । ମାଓ ସଂଗଠନ ରେ ବ୍ୟବହାର କରୁଥିବା ନିଜର ଅତ୍ୟାଧୁନିକ ୯ଖଜ ବନ୍ଧୁକ ସହ ୧୨ଟି ଅଫୁଟା ଗୁଳି, ଦୁଇଟି ଲେଣ୍ଡମାଇନ, କୋଡେକ୍ସ ତାର, ବିଦ୍ୟୁତ ତାର, ମେଡିସିନ୍ ଓ ନକ୍ସଲ ପୋଷାକ ଓ ପ୍ରଚାର ପତ୍ର ସହ ପୁଲିସ ପାଖରେ ଆତ୍ମସମର୍ପଣ କରିଛି । ଛତିଶଗଡ ସୁକୁମା ଜିଲ୍ଲା ସହ ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଦଲଦଲି ଅଞ୍ଚଳର ଅନେକ ହିଂସା କାଣ୍ଡ ରେ ଜଡିତ ଥିଲେ ଏହି ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ । କାଙ୍ଗେରଘାଟି ଏରିଆ କମିଟି ମେମ୍ବର ଶୁକ୍ରାମ ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଓଡିଶା ଓ ଛତିଶଗଡର ବିଭିନ୍ନ ହିଂସାକାଣ୍ଡ ସାମିଲ ଥିଲା। ହେଲେ ଆତ୍ମସମର୍ପଣ ପରେ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବା ବୋଲି ମାଲକାନଗିରି ଏସପି କହିଛନ୍ତି ।




# ଆଜିର ରାଶିଫଳ

**ମେଷ** ବ୍ୟବସାୟୀ କିଛି ନୂଆ ଯୋଜନା ତିଆରି କରିବେ। ଚାକିରିଜୀବୀଙ୍କ ଲାଗି ଦିନଟି ଭଲ। କର୍ତୃପକ୍ଷ ଆପଣଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇପାରନ୍ତି। ପ୍ରେମିକାଙ୍କୁ ଉପହାର ଦେଇପାରନ୍ତି।

**ବୃଷ** ମସ୍ତିଷ୍କରେ ଘୂରି ବୁଲୁଥିବା ନକାରାତ୍ମକ ଚିନ୍ତା ସମାପ୍ତ ହୋଇଯିବ। ଶୁଭ ଖବର ମିଳିବା ଯୋଗ ରହିଛି। ଆୟରେ ବୃଦ୍ଧି ହେବ। ଅଫିସରେ ସମସ୍ତେ ଆପଣଙ୍କୁ ସହଯୋଗ କରିବେ।

**ମିଥୁନ** ଶାରୀରିକ ଓ ମାନସିକ ଦୃଷ୍ଟିରୁ ସୁସ୍ଥ ଅନୁଭବ କରିବେ। ବ୍ୟବସାୟରେ ତୁରନ୍ତ ଫଇସଲା ଲାଭପ୍ରଦ ହେବ। ସନ୍ଧ୍ୟାରେ ବନ୍ଧୁମାନଙ୍କ ସହିତ ସମୟ ଅତିବାହିତ କରିବେ।

**କର୍କଟ** କୌଣସି ଜରୁରୀ କାମରେ ଦୂରସ୍ଥାନକୁ ଯିବେ। ଅଫିସରେ କାମର ବୋଝ ବଢ଼ିପାରେ। ପରିବାର ଲୋକଙ୍କୁ ଆପଣଙ୍କ ଠାରୁ ବହୁତ ଅପେକ୍ଷା ରହିବ। ଶରୀର ସୁସ୍ଥ ରଖିବା ଲାଗି ଖର୍ଚ୍ଚ କରିବେ।

**ସିଂହ** ଧୈର୍ଯ୍ୟଧରି କାମ କରନ୍ତୁ ସଫଳ ହେବେ। ଅଫିସରେ କେ ?ଣସି କଥାକୁ ନେଇ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଠିକ୍ କରିବେ। ଗୃହିଣୀଙ୍କୁ ଘର କାମରେ ପତିଙ୍କ ସହଯୋଗ ମିଳିବ।

**କନ୍ୟା** ଲକ୍ଷ୍ୟ ପ୍ରତି ଗମ୍ଭୀରତାର ସହ ପ୍ରୟାସ କରନ୍ତୁ ସଫଳ ହେବେ। ବନ୍ଧୁବର୍ଗଙ୍କ ସହିତ ସମ୍ବନ୍ଧ ମଜଭୁତ ହେବ। ଖେଳାଳୀଙ୍କର ପ୍ରଦର୍ଶନ ଭଲ ରହିବ। ଦାମ୍ପତ୍ୟ ଜୀବନ ପୂର୍ବ ଅପେକ୍ଷା ଭଲ ହେବ।

**ତୁଳା** ନିଜକୁ ଲୋକଙ୍କ ନଜରରେ ବଢ଼ିଆ ପ୍ରମାଣିତ କରିପାରିବେ। ବ୍ୟବସାୟରେ ଯଥେଷ୍ଟ ଲାଭ ପାଇବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ଇଂଜିନିୟର ଛାତ୍ରଙ୍କ ଲାଗି ଦିନଟି ଭଲ।

**ବିଛା** କାର୍ଯ୍ୟକ୍ଷେତ୍ରରେ ଏଭଳି ସୁଯୋଗ ପାଇବେ ଯାହା ଦ୍ୱାରା ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ହେବ। ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ। ଯାତାୟାତ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।

**ଧନୁ** ପ୍ରତିଟି କାମରେ ମନ ଲାଗିବ। ଚାକିରି ସମ୍ବନ୍ଧିତ ଭଲ ଖବର ପାଇବେ। ସାମାଜିକ କାର୍ଯ୍ୟରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଦାମ୍ପତ୍ୟ ଜୀବନରେ ସାମଞ୍ଜସ୍ୟ ବଜାୟ ରହିବ।

**ମକର** କାରବାର ବୃଦ୍ଧି ଲାଗି ଦିନଟି ଭଲ। ବିରୋଧୀମାନେ କ୍ଷତି ପହଞ୍ଚାଇବା ପାଇଁ ବଫଳ ପ୍ରୟାସ କରିବେ। ଅଫିସ କାମରେ ଚିନ୍ତା କମ୍ ରହିବ। ନୂଆ ସଂପର୍କ ଗଢ଼ିବା ପାଇଁ ଦିନଟି ଭଲ।

**କୁମ୍ଭ** କାର୍ଯ୍ୟକ୍ଷେତ୍ରରେ ବୃଦ୍ଧି ଲାଗି ଦିନଟି ଭଲ। କଳା ସଙ୍ଗୀତ କ୍ଷେତ୍ରରେ ଥିବା ଲୋକମାନେ ଭଲ ପ୍ରଦର୍ଶନ କରିବେ। ସୁସମ୍ବାଦ ପାଇବେ। ଜୀବନସାଥୀଙ୍କ ବ୍ୟବହାରରେ ଆପଣଙ୍କୁ ଖୁସି ମିଳିବ।

**ମୀନ** ନୂଆ କାମ କରିବା ପାଇଁ ଦିନଟି ବହୁତ ଭଲ। ଲୁଗା ବ୍ୟବସାୟୀ ଯଥେଷ୍ଟ ଲାଭ ପାଇବେ। ପାରିବାରିକ କାମରେ ପରିବାର ଲୋକଙ୍କ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀଙ୍କର ଅଧ୍ୟୟନରେ ମନ ଲାଗିବ।

# ଶୌଚାଳୟ ପାଲଟିଛି ଟୁରିଷ୍ଟ ହଟ୍‌ସ୍ପଟ୍



ଚାଇନାର ଗାନ୍ସୁ ପ୍ରଦେଶସ୍ଥିତ ଡୁନ୍‌ହୁଆଙ୍ଗ୍ ନାଇଟ୍ ମାର୍କେଟରେ ଥିବା ଏକ ନୂତନ ସାର୍ବଜନୀନ ଶୌଚାଳୟକୁ ନେଇ ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସାଧାରଣତଃ ଲୋକମାନେ ଶୌଚାଳୟକୁ କେବଳ ଏକ ଆବଶ୍ୟକତା ବୋଲି ଭାବିଥାନ୍ତି। ତେବେ ଭାଇରାଲ ହେଉଥିବା ଶୌଚାଳୟଟିକୁ ଏପରି ଭାବରେ ଡିଜାଇନ୍ କରାଯାଇଛି, ଯାହା ସମ୍ପ୍ରତି ଏହାକୁ ଏକ ଟୁରିଷ୍ଟ ହଟ୍ସ୍ପଟ୍‌ରେ ପରିଣତ କରିଛି। ଏବେ ଏହି ଶୌଚାଳୟ ଡୁନ୍‌ହୁଆଙ୍ଗ୍ ପବ୍ଲିକ୍ ପିୟୋର୍ କଲ୍ଚରାଲ୍ ସ୍ପେସ୍ ନାମରେ ପ୍ରସିଦ୍ଧି ଲାଭ କରିଛି, ଯାହାକୁ ଦେଖିବାକୁ ଦୂର ଦୂରାନ୍ତରରୁ ଲୋକ ଆସୁଛନ୍ତି। ମହଲା ବିଶିଷ୍ଟ ଏହି ସାର୍ବଜନୀନ ଶୌଚାଳୟରେ ଡୁନ୍‌ହୁଆଙ୍ଗ୍ର ସଂସ୍କୃତିକୁ ନେଇ ବିଭିନ୍ନ ଚିତ୍ର କଳା ପ୍ରଦର୍ଶିତ ହୋଇଛି। ଏହାର ପ୍ରତ୍ୟେକ କୋଣରେ କଳା ଏବଂ ଐତିହ୍ୟର ସ୍ପର୍ଶ ଅନୁଭବ କରିହେବ। ଏହି କାରଣରୁ ପର୍ଯ୍ୟଟକମାନେ ଏହାକୁ କେବଳ ଏକ ଶୌଚାଳୟ ନୁହେଁ ବରଂ ଏକ ସାଂସ୍କୃତିକ ସ୍ଥାନ ବୋଲି ବିବେଚନା କରୁଛନ୍ତି। ଏହି ଶୌଚାଳୟରେ ମା'ଶିଶୁ କୋଠରି, ଶିଶୁ ସୁରକ୍ଷା ଆସନ, ଅଟୋ କ୍ଲିନିଂ ସିଷ୍ଟମ ଏବଂ ବୟସ୍କ ଓ ଅକ୍ଷମଙ୍କ ପାଇଁ ସୁବିଧା ରହିଛି।

# ପ୍ରତିଦିନ ତ୍ରିଫଳା ଖାଇଲେ...

ମଣିଷ ଶରୀର ଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ, ତିନୋଟି ସନ୍ତୁଳନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ବାତ, ପିତ୍ତ ଏବଂ କଫ। ଶୀତଦିନେ ସ୍ୱାଭାବିକ ଭାବରେ ବାତ ଦୋଷ ବୃଦ୍ଧି ପାଏ, ଯାହା ଫଳରେ ଗଣ୍ଠି ଯନ୍ତ୍ରଣା, ପେଟ ସମସ୍ୟା ଏବଂ ହାଡ଼ ସମ୍ବନ୍ଧୀୟ ରୋଗ ହୁଏ । କିନ୍ତୁ ଏକ ଆୟୁର୍ବେଦିକ ଔଷଧ ବାତ ଦୋଷକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ । ତ୍ରିଫଳା କେବଳ ପେଟ ସମସ୍ୟାରେ ସାହାଯ୍ୟ କରେ ନାହିଁ ବରଂ ବାତକୁ ମଧ୍ୟ ସନ୍ତୁଳିତ କରେ। ଆୟୁର୍ବେଦରେ ବିଶ୍ୱାସ କରାଯାଏ ଯେ, ବାତ ବୃଦ୍ଧିକୁ ରୋକିବା ପାଇଁ ତ୍ରିଫଳା ଖାଇବା ଲାଭଦାୟକ। ଘିଅ ସହିତ ତ୍ରିଫଳା ଖାଇବା ପରି ଫ୍ୟାଟ ସହିତ ମିଶ୍ରିତ ହେଲେ ତ୍ରିଫଳା ଶୀଘ୍ର କାମ କରେ । ଏକ ଗ୍ଲାସ୍ ଉଷୁମ ପାଣିରେ ଅଧ ଚାମଚ ତ୍ରିଫଳା ଏବଂ ଶୁଦ୍ଧ ଦେଶୀ ଗାଇ ଘିଅ ମିଶାଇ ରାତିରେ ସେବନ କରିବା ଦ୍ୱାରା ଅନ୍ତନଳୀରେ ତନ୍ତୁ ସୃଷ୍ଟି ହୁଏ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ ।



ଦ୍ୱିତୀୟ ପଦ୍ଧତି ହେଉଛି "ତ୍ରିଫଳା ଘୃତ"। ଆୟୁର୍ବେଦରେ, "ତ୍ରିଫଳା ଘୃତ" କୁ ଏକ ଔଷଧ ଭାବରେ ବିବେଚନା କରାଯାଏ, ଯେଉଁଥିରେ ବିଭିନ୍ନ ଔଷଧୀୟ ସହ ତିଆରି କରାଯାଇଥାଏ। ଯଦି ବର୍ଦ୍ଧିତ ବାତ ଦୋଷରୁ ପୀଡିତ, ତେବେ ରାତିରେ "ତ୍ରିଫଳା ଘୃତ" ସେବନ କରିପାରିବେ । ଏହା ବାତକୁ ସନ୍ତୁଳିତ କରିବ ଏବଂ ପେଟ ସମ୍ବନ୍ଧୀୟ ରୋଗରୁ ମଧ୍ୟ ମୁକ୍ତି ଦେବ। ତୃତୀୟ ପଦ୍ଧତି ହେଉଛି କାଷ୍ଟର ତେଲ ସହିତ ତ୍ରିଫଳା ସେବନ କରିବା। ବାତ ବୃଦ୍ଧି ହେଲେ, କୋଷ୍ଠକାଠିନ୍ୟ ସମସ୍ୟା ହୋଇପାରେ। ଏହାର ଚିକିତ୍ସା ପାଇଁ, କିଛି ବୁନ୍ଦା କାଷ୍ଟର ତେଲକୁ ତ୍ରିଫଳା ପାଉଡର ସହିତ ମିଶାଇ ପାଣି ସହିତ ସେବନ କରାଯାଇପାରିବ। ଏହା ଅନ୍ତନଳୀର ଗତିଶୀଳତା ବୃଦ୍ଧି କରେ। ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଶୀତଦିନେ ବାତ ସ୍ୱାଭାବିକ ଭାବରେ ସନ୍ଧ୍ୟା ଏବଂ ରାତିରେ ବୃଦ୍ଧି ପାଏ, ତେଣୁ ରାତ୍ରୀ ଭୋଜନ ପରେ ଦୁଇ ଘଣ୍ଟା ବ୍ୟବଧାନରେ ତ୍ରିଫଳା ସେବନ କରିବା ଉଚିତ୍ ।

# ସମ୍ପର୍କକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ ୨-୨-୨ ନିୟମ

ବୈବାହିକ ଜୀବନ ସବୁବେଳେ ସହଜ ନୁହେଁ। ଏଥିପାଇଁ ସ୍ୱାମୀ ଏବଂ ସ୍ତ୍ରୀ ଉଭୟଙ୍କୁ ନିରନ୍ତର ବୁଝାମଣା, ଧୈର୍ଯ୍ୟ ଏବଂ ସମନ୍ୱୟ ବଜାୟ ରଖିବାକୁ ପଡିବ। ଦୈନନ୍ଦିନ ଦାୟିତ୍ୱ ଏବଂ ଚାପ କେତେକ ସମୟରେ ସମ୍ପର୍କରେ ଦୂରତା ସୃଷ୍ଟି କରିପାରେ। ଏମିତି କିଛି ସହଜ ଟିପ୍ସ ଅଛି ଯାହାକୁ ଏପରି ସମୟରେ ଗ୍ରହଣ କରି ସମ୍ପର୍କକୁ ଦୃଢ କରାଯାଇପାରିବ। ୨-୨-୨ ନିୟମ ସମ୍ପର୍କକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହା ଏକ ସରଳ ପଦ୍ଧତି ଯାହା ସ୍ୱାମୀ ଏବଂ ସ୍ତ୍ରୀଙ୍କୁ ପୁଣି ଏକାଠି ଆଣିବାରେ ସାହାଯ୍ୟ କରେ। ଏହି ନିୟମ ସାହାଯ୍ୟରେ, ଆପଣ ଆପଣଙ୍କ ସାଥୀଙ୍କ ସହିତ ଅଧିକ ସମୟ ବିତାଇ ପାରିବେ ଏବଂ ଏକାଠି ନୂଆ ଏବଂ ସୁନ୍ଦର ସ୍ମୃତି ସୃଷ୍ଟି କରିପାରିବେ। ତେବେ ୨-୨-୨ ନିୟମ କ'ଣ ଆସନ୍ତୁ ଜାଣିବା।



**୧ : ପ୍ରଥମ ନିୟମ**

ପ୍ରତି ୨ ସପ୍ତାହରେ ଥରେ ଡେଟ୍ ନାଇଟ୍ - ଏହି ନିୟମର ପ୍ରଥମ ନିୟମ ହେଉଛି ପ୍ରତି ଦୁଇ ସପ୍ତାହରେ ଥରେ ଡେଟ୍ ନାଇଟ୍ କରିବା। ଏହି ସମୟ କେବଳ ସ୍ୱାମୀ ଏବଂ ସ୍ତ୍ରୀଙ୍କ ପାଇଁ, ଯେଉଁଠାରେ ସେମାନେ ମୋବାଇଲ୍ ଫୋନ୍, କାମ ଏବଂ ଦାୟିତ୍ୱଠାରୁ ଦୂରରେ ପରସ୍ପର ଉପରେ ଧ୍ୟାନ ଦେଇପାରିବେ। ଆପଣ ଏକାଠି ରାତ୍ରୀଭୋଜନ ପାଇଁ ବାହାରକୁ ଯାଇପାରିବେ କିମ୍ବା ସିନେମା ଦେଖିପାରିବେ।

**୨. ଦ୍ୱିତୀୟ ନିୟମ**

ପ୍ରତି ୨ ମାସରେ ଗୋଟିଏ ସପ୍ତାହନ୍ତ ଯାତ୍ରା - ଦ୍ୱିତୀୟ ନିୟମ ହେଉଛି ପ୍ରତି ଦୁଇ ମାସରେ ଏକ ଛୋଟ ସପ୍ତାହନ୍ତ ଯାତ୍ରା କରିବା। ଏହା ଏକ ମହଙ୍ଗା କିମ୍ବା ଲମ୍ବା ଯାତ୍ରା ହେବା ଆବଶ୍ୟକ ନାହିଁ। ନିକଟସ୍ଥ ଏକ ଶାନ୍ତ ସ୍ଥାନକୁ ଯାତ୍ରା ମଧ୍ୟ ଯଥେଷ୍ଟ। ଏହା ସ୍ୱାମୀ-ସ୍ତ୍ରୀଙ୍କୁ ପରସ୍ପର ସହିତ ସମୟ ବିତାଇବା ପାଇଁ ସମୟ ଦେଇଥାଏ ଏବଂ ସେମାନଙ୍କ ସମ୍ପର୍କ ଆହୁରି ମଜବୁତ ହୋଇଥାଏ।

**୩. ତୃତୀୟ ନିୟମ**

ପ୍ରତି ୨ ବର୍ଷରେ ଗୋଟିଏ ଲମ୍ବା ଛୁଟି - ତୃତୀୟ ନିୟମ ହେଉଛି ପ୍ରତି ଦୁଇ ବର୍ଷରେ ପ୍ରାୟ ଗୋଟିଏ ସପ୍ତାହ ଧରି ଏକ ଲମ୍ବା ଛୁଟି। ଏହା ସ୍ୱାମୀ ଏବଂ ସ୍ତ୍ରୀଙ୍କ ପାଇଁ ଗଭୀର ଭାବରେ ସଂଯୋଗ ସ୍ଥାପନ ଏବଂ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିବାର ସମୟ ଦିଏ। ଏହା ସମ୍ପର୍କକୁ ନୂତନ ଶକ୍ତି ପ୍ରଦାନ କରେ।

# କଳା ସୁନାର ଦେଶ



ଯେତେବେଳେ 'କଳା ସୁନାର ଦେଶ' ନାଁ ଆସେ ସେତେବେଳେ ପ୍ରାୟତଃ ପ୍ରଥମେ କୁଏତ୍ର ନାଁ ମନକୁ ଆସେ। କଳା ସୁନା ଯାହାର ଅର୍ଥ ଅଶୋଧିତ ତୈଳ। ଏହା କୁଏତର ପରିଚୟକୁ ବଦଳାଇ ଦେଇଥିଲା। ୧୯୩୮ରେ ତୈଳ ଆବିଷ୍କାର ପୂର୍ବରୁ କୁଏତ ଏକ ସରଳ ବାଣିଜ୍ୟ ଏବଂ ମୁକ୍ତା-ଡାଇଭିଂ ରାଷ୍ଟ୍ର ଥିଲା, କିନ୍ତୁ ତୈଳ ଆବିଷ୍କାର ହେବା ପରେ ଏହାର ଭାଗ୍ୟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ପ୍ରକୃତରେ କୁଏତ ମଧ୍ୟପ୍ରାଚ୍ୟରେ ଏକ ବିକଶିତ ଦେଶ, ଯେଉଁଠାରେ ଅଶୋଧିତ ତୈଳକୁ ବ୍ଲାକ୍ ଗୋଲ୍ଡ ବା କଳା ସୁନା କୁହାଯାଏ। ଏହି ତୈଳ ଆଜି ଦେଶର ଅର୍ଥନୀତି ଏବଂ ଆଧୁନିକ ପରିଚୟର ମୂଳଦୁଆ। ୧୯୩୮ରେ ବୁର୍ଗାନ ତୈଳ କ୍ଷେତ୍ରରେ ତୈଳ ଆବିଷ୍କୃତ ହୋଇଥିଲା। ଏହା ବିଶ୍ୱର ଦ୍ୱିତୀୟ ବୃହତ ତୈଳ କ୍ଷେତ୍ର। ଏହିଠାରେ କୁଏତର ଭାଗ୍ୟ ଏକ ନୂତନ ମୋଡ଼ ନେଇଥିଲା।

ତୈଳ ରାଜସ୍ୱ ସହିତ କୁଏତରେ ଜୀବନଯାପନର ମାନ ଦ୍ରୁତଗତିରେ ଉନ୍ନତ ହୋଇଥିଲା। ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ଭିତ୍ତିଭୂମି ବିକଶିତ ହୋଇଥିଲା। ଏହା ସହିତ କୁଏତ ତୈଳ କମ୍ପାନୀ ଦେଶର ତୈଳ କାର୍ଯ୍ୟକଳାପ ପରିଚାଳନା କରେ। ନିକଟବର୍ତ୍ତୀ ଅହମଦୀ ଟାଉନଶିପ୍ ୧୯୪୦ ଦଶକରେ ତୈଳ ଶ୍ରମିକଙ୍କ ପାଇଁ ପ୍ରତିଷ୍ଠିତ ହୋଇଥିଲା ଏବଂ ଏବେ ବି ତୈଳ ଇତିହାସର ଝଲକ ପ୍ରଦାନ କରେ। କୁଏତ ବୈଜ୍ଞାନିକ କେନ୍ଦ୍ରରେ ଏକ ତୈଳ ଏବଂ ଶକ୍ତି ପ୍ରଦର୍ଶନୀ ଅଛି, ଯାହା ତୈଳ ନିଷ୍କାସନରୁ ବିଶୋଧନ ଏବଂ ରପ୍ତାନି ପର୍ଯ୍ୟନ୍ତ ପ୍ରକ୍ରିୟା ବ୍ୟାଖ୍ୟା କରେ। କୁଏତ୍ ଜାତୀୟ ସଂଗ୍ରହାଳୟରେ ଏକ ତୈଳ ଯୁଗ ଗ୍ୟାଲେରୀ ମଧ୍ୟ ରହିଛି, ଯାହା କୁଏତ୍ କିପରି ମୁକ୍ତା ବାଣିଜ୍ୟରୁ ତୈଳ-ଆଧାରିତ ଅର୍ଥନୀତିକୁ ବିକଶିତ ହୋଇଥିଲା ତାହା କହିଥାଏ। କୁଏତ୍ ଟାୱାରଗୁଡ଼ିକ ସିଧାସଳଖ ତେଲ ସହିତ ଜଡ଼ିତ ନ ଥିଲେ ମଧ୍ୟ ସେଗୁଡ଼ିକ ତୈଳ ଦ୍ୱାରା ଆଗତ ସମୃଦ୍ଧି ସହିତ ନିର୍ମିତ ହୋଇଛି। ଏହି ଟାୱାରଗୁଡ଼ିକ ବ୍ଲାକ୍ ଗୋଲ୍ଡ ଦ୍ୱାରା ଆଗତ ପରିବର୍ତ୍ତନର ପ୍ରତୀକ।

# 'ଚିକେନ୍ ପତ୍ର ପୋଡ଼ା'

**ଆବଶ୍ୟକ ସାମଗ୍ରୀ :** ଚିକେନ, ସୋରିଷ ତେଲ, ଲଙ୍କା ପାଉଡର, ଜିରା ପାଉଡର, ଧନିଆ ପାଉଡର, ପିଆଜ,ରସୁଣ, ଅଦା ପେଷ୍ଟ, ଗରମ ମସଲା, ଚିକେନ୍ ପାଉଡର, ଲୁଣ ,ହଳଦୀ, କଦଳୀ ପତ୍ର, ଚାଇନିଜ୍ ସଲ୍ଟ, ଧନିଆ ପତ୍ର, କଞ୍ଚା ଲଙ୍କା, କଞ୍ଚା ପିଆଜ ।

**ପ୍ରସ୍ତୁତି ପ୍ରଣାଳୀ:** ବଜାରରୁ ଚିକେନ ଆଣି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ତାକୁ ଏକ ପ୍ଲେଟରେ ରଖନ୍ତୁ। ଏହାପରେ ସେଥିରେ ଲୁଣ, ହଳଦି ଓ ସୋରିଷ ତେଲ ଦେଇ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତା' ପରେ ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ପାଉଡର ପକାଇ ଗୋଳାଇ



ଦିଅନ୍ତୁ। ସେଥିରେ କିଛି ଚାଇନିଜ୍ ସଲ୍ଟ ପ ଚିକେନ୍ ପାଉଡର ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ।ପରେ ମସଲା ଗୋଳାଯାଇଥିବା ଚିକେନ୍କୁ କିଛି ସମୟ ଫ୍ରିଜରେ ରଖି ଦିଅନ୍ତୁ। ପରେ ଦୁଇଟି ବଡ଼ ଖଣ୍ଡ କଦଳୀ ପତ୍ର ଆଣନ୍ତୁ। ପତ୍ରକୁ ଭଲ ଭାବରେ ପାଣିରେ ଧୋଇ ଦିଅନ୍ତୁ।ଗୋଟିଏ କଦଳୀ ପତ୍ରରେ ସୋରିଷ ତେଲକୁ ଚାରି ଆଡେ ମାରି ଦିଅନ୍ତୁ। ସେଥିରେ ମସଲା ଗୋଳା ଚିକେନ୍ ରଖନ୍ତୁ। ତାକୁ ଭଲ ଭାବରେ ଗୁଡ଼ାନ୍ତୁ। ଏକ ସୁତଲିରେ ତାକୁ ବାନ୍ଧନ୍ତୁ। ଅନ୍ୟ ଖଣ୍ଡେ କଦଳୀ ପତ୍ରରେ ଆଉଥରେ ତାକୁ ଗୁଡ଼ାନ୍ତୁ। ଦୁଇ ଖଣ୍ଡ କଦଳୀ ପତ୍ରରେ ଚିକେନ୍ ଗୁଡ଼ାଇ ଦେଲେ ତାହା ଶୀଘ୍ର ପୋଡ଼ିବ ନାହିଁ। ଏହାପରେ ତାକୁ ନେଇ ଅଳ୍ପ ନିଆଁ ଥିବା ଆଞ୍ଚରେ ପୋଡ଼ନ୍ତୁ। କିଛି ସମୟ ଗୋଟିଏ ପଟ ନିଆଁରେ ବସିବା ପରେ ତାକୁ ଓଲଟାଇ ଦିଅନ୍ତୁ। କିଛି ସମୟ ଏହାକୁ ଆଞ୍ଚରେ ରଖନ୍ତୁ। ଏହା ପ୍ରସ୍ତୁତ ହୋଇଯିବା ପରେ ତାକୁ ବାହାରକୁ କାଢ଼ି ଆଣନ୍ତୁ। ଥଣ୍ଡା ହେଲା ପରେ ପ୍ଲେଟରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିକେନ ପତ୍ର ପୋଡ଼ା'। ଏହି ରେସିପିକୁ ପ୍ଲେଟ୍ରେ କଞ୍ଚା ଲଙ୍କା, ଧନିଆ ପତ୍ର ଓ ପିଆଜ ଦେଇ ସଜାଇ ଗରମ ଗରମ ଖାଆନ୍ତୁ।

# ଓଜନ ହ୍ରାସ କରେ ଭେଣ୍ଡି



ଭେଣ୍ଡି ଏମିତି ଏକ ପରିବା ଯାହା ଅଧିକାଂଶ ଲୋକଙ୍କୁ ପସନ୍ଦ ଆସିଥାଏ। ଭେଣ୍ଡିରେ କାର୍ବୋହାଇଡ୍ରେଟ୍, ଭିଟାମିନ୍ ଓ ପ୍ରୋଟିନ୍ ରହିଥାଏ। ଏଥିରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍, କ୍ୟାଲୋରିର ମାତ୍ରା ମଧ୍ୟ ଅଧିକ ରହିଥାଏ। ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଭେଣ୍ଡି ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଶର୍କରା ସ୍ତର କମିଯାଏ। କିନ୍ତୁ କିଛି ଲୋକ ଭେଣ୍ଡିଠାରୁ ଦୂରେଇ ରହିବା ଉଚିତ। ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, କିଛି ଲୋକ କେବେ ବି ଖାଇବା ଉଚିତ ନୁହେଁ। ଏହା ବିଷଠାରୁ ବି ଅଧିକ ବିପଜ୍ଜନକ ହୋଇପାରେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସମସ୍ତ ପ୍ରକାର ପନିପରିବା, ଫଳ ଏବଂ ମାଂସରେ ପୋଷକ ତତ୍ତ୍ୱ ରହିଥାଏ। ଭେଣ୍ଡି ଖାଇଲେ ଶର୍କରା ସ୍ତର କମିଯାଏ। ତେଣୁ ସୁଗାର ବା ଡାଇବେଟିସ୍ ଥିବା ଲୋକ ଏହାଠାରୁ ଦୂରେଇ ରହିବା ଉଚିତ।

ମେଦବହୁଳତା ବର୍ତ୍ତମାନ ସମୟରେ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଭେଣ୍ଡି ଏଥିରୁ ମୁକ୍ତି ଦେଇଥାଏ। ଏହାକୁ ପାଣିରେ ଭିଜାଇ ପିଇବା ଫଳରେ ଉକ୍ତ ସମସ୍ୟା ଦୂର ହୋଇଥାଏ। ଭେଣ୍ଡି ଖାଇବା ଫଳରେ ଶରୀରରେ ଖାଦ୍ୟ ପାଚନ କ୍ରିୟା ମଜଭୁତ ଓ ପାଚନତନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ। ଫାଇବର ମାତ୍ରା ଅଧିକ ଥିବାରୁ ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ। ଆଖି ପାଇଁ ଉପକାରୀ ହୋଇଥିବା ବେଳେ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣବତ୍ତା କ୍ଲୋରାହାଇଟ୍ ତ୍ୱଚାକୁ ସୁନ୍ଦର କରିଥାଏ।

# ଫ୍ୟାଶନ ଆଇକନ ସୋନମ କପୁର



ବଲିଉଡ ଫ୍ୟାଶନ ଆଇକନ ତଥା ଷ୍ଟାଇଲ କୁଇନ ସୋନମ କପୁର ଆଜିକାଲି ଜୀବନର ଏକ ସୁନ୍ଦର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଖୁବଶୀଘ୍ର ଦ୍ୱିତୀୟ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି। ବେବି ବମ୍ପ ସହ ସୋନମ ଆହୁରି ସୁନ୍ଦର ଲାଗୁଛନ୍ତି। ନିକଟରେ ସୋନମ ମୁମ୍ବାଇରେ ନଜର ଆସିଥିଲେ। ସେ ତାଙ୍କ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଏକ ଖୋଲା ଶର୍ଟ ପିନ୍ଧି ବେବି ବମ୍ପ ଦେଖାଉଥିବା ନଜର ଆସିଛନ୍ତି। ସବୁବେଳେ ପରି ସୋନମ ପ୍ରମାଣ କରିଛନ୍ତି ଯେ, ଫ୍ୟାଶନ ତାଙ୍କ ପାଇଁ କେବଳ ପୋଷାକ ନୁହେଁ, ବରଂ ତାଙ୍କ ଆତ୍ମବିଶ୍ୱାସ ଏବଂ ମନୋଭାବର ଏକ ଅଂଶ। କୁହାଯାଉଛି ଯେ, ଚଳିତବର୍ଷ ମାର୍ଚ୍ଚରେ ସେ ତାଙ୍କର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବେ। ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ସୋନମଙ୍କ ପୂର୍ବରୁ ଏକ ପୁଅ ଅଛି।






# ଆଜି ମୟୂରଭଞ୍ଜ ପାଇଁ ଏକ ଐତିହାସିକ ଦିନ: ମୁଖ୍ୟମନ୍ତ୍ରୀ




ରାଇରଙ୍ଗପୁର: ମୟୂରଭଞ୍ଜ ଜିଲ୍ଲାର ପ୍ରାଣକେନ୍ଦ୍ର ରାଇରଙ୍ଗପୁର ତଥା ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ ପ୍ରଥମ କର୍ମଭୂମିରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା, ମୋ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଗତ ନଭେମ୍ବର ୨୭ ତାରିଖରେ ମୋ ସହିତ ଓଡ଼ିଶାର ସମସ୍ତ ମନ୍ତ୍ରୀ ଓ ବିଧାୟକମାନେ ମହାମହିମ ରାଷ୍ଟ୍ରପତିଙ୍କୁ ରାଜ୍ୟ ବିଧାନସଭାରେ ସ୍ୱାଗତ କରିଥିଲୁ। ରାଷ୍ଟ୍ରପତି ଆମ ଭଳି ଜନପ୍ରତିନିଧି ମାନଙ୍କୁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଆଜି ପୁଣି ତାଙ୍କୁ ସ୍ୱାଗତ କରିବାର ସୁଯୋଗ ମିଳିଛି। ତାଙ୍କର ଉପସ୍ଥିତି ଏହି ଅବସରକୁ ଐତିହାସିକ କରିଛି ଏବଂ ଏହି ଅଞ୍ଚଳର ଲୋକଙ୍କ ପାଇଁ ପ୍ରେରଣାଦାୟକ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କହିଛନ୍ତି। ଓଡ଼ିଶା ସରକାର ଏବଂ ରାଜ୍ୟବାସୀଙ୍କ ପକ୍ଷରୁ, ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଆନ୍ତରିକ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ମୟୂରଭଞ୍ଜ ପାଇଁ ଏକ ଐତିହାସିକ ଦିନ। ଏଠାରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦ୍ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେଉଛି। ମୟୂରଭଞ୍ଜ ତଥା ସାରା ଓଡ଼ିଶାର ନିରନ୍ତର ବିକାଶ ପ୍ରତି ଏହି ପ୍ରକଳ୍ପ ଗୁଡିକ ହେଉଛି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରତିବଦ୍ଧତାର ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକ କେବଳ ସାମାନ୍ୟ କୋଠା କିମ୍ବା ଭିତ୍ତିଭୂମି ନୁହେଁ; ଏହା ହେଉଛି ଉନ୍ନତ ମାନବ ସମ୍ବଳ ସୃଷ୍ଟିରେ ଆମର ନିବେଶ। ବିଶେଷକରି ଆମର ଯୁବପିଢ଼ି, ଚାଷୀ, ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏହା ପଥ ପ୍ରସ୍ତୁତ କରିବ। ମହାମହିମ ରାଷ୍ଟ୍ରପତି, ଯେଉଁ ମାଟିର ଝିଅ, ସେ ମାଟି କେବେହେଲେ ଅବହେଳିତ ରହିପାରିବ ନାହିଁ। ଯେଉଁ ଦିନ ଠାରୁ ଆମ ସମସ୍ତଙ୍କର ସମ୍ମାନନୀୟା ଦ୍ରୌପଦୀ ମୁର୍ମୁଜୀ ଦେଶର ପ୍ରଥମ ନାଗରିକ ହୋଇଛନ୍ତି, ସେହିଦିନ ଠାରୁ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପାଇଁ ବିକାଶର ଗ୍ୟାରେଣ୍ଟି ମିଳିଛି। ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ଜଙ୍ଗଲ, ପାହାଡ଼, ନଦୀ, ସମୃଦ୍ଧ ଜୈବ ବିବିଧତା ଏବଂ ସ୍ପନ୍ଦନଶୀଳ ଆଦିବାସୀ ପରମ୍ପରାର ଭୂମି। ଏହା ଦେଶକୁ ମହାନ୍ ନେତା, ସ୍ୱାଧୀନତା ସଂଗ୍ରାମୀ, କଳାକାର, କ୍ରୀଡାବିତ୍, ପ୍ରଶାସକ ଏବଂ ବିଶେଷକରି ଭାରତକୁ ପ୍ରଥମ ନାଗରିକ ଉପହାର ଦେଇଛି। ଦୀର୍ଘ ଦିନ ଧରି, ଏହି ଅଞ୍ଚଳର ଆକାଂକ୍ଷା ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ସୁବିଧା ପାଇଁ ପ୍ରବେଶର ଦ୍ୱାର ସୀମିତ ଥିଲା। ଆଜି, ଆମେ ସେହି ସ୍ୱପ୍ନକୁ ବାସ୍ତବତାରେ ପରିବର୍ତ୍ତନ କରିବା ପାଇଁ ସାମୂହିକ ଭାବରେ କାର୍ଯ୍ୟ କରୁଛୁ। ଆମର ବିକାଶ ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ଶିକ୍ଷା। ଆୟୁଷ ହସ୍ପିଟାଲ୍ ଓ ଆୟୁର୍ବେଦିକ୍ କଲେଜ୍, ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ, ଗଙ୍ଗଉଇ ବିଶ୍ୱବିଦ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ, ଧନୁର୍ବିଦ୍ୟା ଏକାଡେମୀ ଗୁଡ଼ିକର ପ୍ରତିଷ୍ଠା ଉତ୍ତର ଓଡ଼ିଶାର ଦୃଶ୍ୟପଟକୁ ପରିବର୍ତ୍ତନ କରିବ। ବିଶେଷକରି ଆଜିର ଦିନଟି ବିଜ୍ଞାନ, ପ୍ରଯୁକ୍ତି ଓ କ୍ରୀଡାରେ ଶିକ୍ଷାପାଇଁ ଏକ ଐତିହାସିକ ଦିନ। ମୟୂରଭଞ୍ଜ, ଏବଂ ଏହାର ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ଆଉ ଦୂର ଯାତ୍ରା କରିବାକୁ ପଡ଼ିବ ନାହିଁ। ଏହା ସହିତ ରାଇରଙ୍ଗପୁର ସହରର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଷ୍ଟୋନ୍ ପଡିଛି।

## ଅଖିଳ ଭାରତୀୟ ସାଧୀନତା ସଂଗ୍ରାମୀ ସମିତିର କାର୍ଯ୍ୟକାରୀ ସଭାପତିଙ୍କ ପରଲୋକ



ଭୁବନେଶ୍ୱର : ଅଖିଳ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସମିତି, ନୂଆଦିଲ୍ଲୀର କାର୍ଯ୍ୟକାରୀ ସଭାପତି ଏବଂ ଉତ୍ସର୍ଗୀକୃତ ନେତା ଶ୍ରୀ ରବିନ୍ଦ୍ର ବାମନ ରାଓ ଯେଲନୁରକରଜୀଙ୍କର ପରଲୋକ ଘଟିଛି। ସେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ରୀ ବାମନରାଓ ଯେଲନୁରକରଙ୍କ ପୁତ୍ର ଥିଲେ। ସେ ମହାରାଷ୍ଟ୍ରର ଲାଟୁରର ବାସିନ୍ଦା। ତାଙ୍କର ଅବଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।

## ପିଲାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ରାଇରଙ୍ଗପୁର : ରାଷ୍ଟ୍ରପତିଙ୍କ ଘର ସାମ୍ନାରେ ରୋଚକ ଦୃଶ୍ୟ। ରାଷ୍ଟ୍ରପତିଙ୍କୁ ଦେଖିବାକୁ ଆସିଥିବା ପିଲାଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦେଖି ହଠାତ୍ ଅଟକି ଗଲେ ସିଏମ୍। ଗାଡ଼ିରୁ ଓହ୍ଲାଇ ବାରିକେଡ୍ ପାଖରେ ଛିଡା ହୋଇଥିବା ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ହାତ ହଲାଇବା ସହ କଥା ହୋଇଥିଲେ। ଏତିକି ବେଳେ ଉପସ୍ଥିତ ପିଲାଙ୍କୁ ବିଭିନ୍ନ ପ୍ରଶ୍ନ ବି ପଚାରିଥିଲେ। ରାଷ୍ଟ୍ରପତିଙ୍କ ଘରକୁ ଦେଖାଇ, ଏ ଘର କାହାର ? ବଡ଼ ହେଲେ କଣ ହେବ , ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନାମ କଣ ବୋଲି ପଚାରିଥିଲେ। ପିଲାମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପାଖରୁ ଦେଖି ହସ ହସ ମୁହଁରେ ଉତ୍ତର ଦେଇଥିଲେ।



ଭାରତୀୟ ସଂସଦୀୟ ଅର୍ଥ କମିଟିର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ସାଂସଦଙ୍କ ପ୍ରତିନିଧିମଣ୍ଡଳୀ











*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*
**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**
**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର
ତା ୦୫।୦୨।୨୦୨୬ ■ ଗୁରୁବାର

# କ୍ରିକେଟରେ ତିକ୍ତତା

ବିଶ୍ୱ କ୍ରିକେଟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ । ଆସନ୍ତା ୧୫ ଫେବୃଆରୀରେ କଲମ୍ବୋରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ ହେବା ଲାଗି ତାରିଖ ସ୍ଥିର ହୋଇଥିଲା, କିନ୍ତୁ ପାକିସ୍ତାନ ସରକାର ଭାରତ ସହ ହେବାକୁ ଥିବା ମ୍ୟାଚରୁ ହଟିଯିବା ଲାଗି ନିର୍ଣ୍ଣୟ ଶୁଣାଇ ନିଜର ଶତ୍ରୁତାକୁ ପ୍ରକଟ କରିଛି । ଧ୍ୟାନଯୋଗ୍ୟ ବିଷୟ ଏହି ଯେ ପୂର୍ବରୁ ଟି-୨୦ ବିଶ୍ୱକପ୍‌ର ଆୟୋଜନ ଭାରତରେ ହିଁ ହେବାର ଥିଲା, କିନ୍ତୁ ଭାରତରେ ଖେଳିବା ନେଇ ପାକିସ୍ତାନ ଆପତ୍ତି କରିବା ପରେ ଶ୍ରୀଲଙ୍କାକୁ ମଧ୍ୟ ଅୟୋଜକ ଭାବେ ସାମିଲ କରାଯାଇଥିଲା । ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ନିଜର ସବୁ ମ୍ୟାଚ ଶ୍ରୀଲଙ୍କାରେ ହିଁ ଖେଳିବାର ଥିଲା, ସିଏ ଖେଳିବ, କିନ୍ତୁ ଭାରତ ସହ ଖେଳିବ ନାହିଁ । ଏହା ଦେଖି କ୍ରିକେଟର ବିଶ୍ୱସଂସ୍ଥା ଆଇସିସିରେ ଅସନ୍ତୋଷ ବଢ଼ିଛି ଓ ଆୟୋଜକମାନଙ୍କର ଆର୍ଥିକ କ୍ଷତି ହେବା ନିଶ୍ଚିତ । ସବୁଠାରୁ ବଡ଼ କଥା ହେଉଛି ପାକିସ୍ତାନ ସରକାର ଭାରତ ବିପକ୍ଷରେ ନଖେଳିବାର କୌଣସି କାରଣ ଦର୍ଶାଇ ନାହିଁ । ଏମିତି ବି, ଆଇସିସି ପକ୍ଷରୁ ଏବେ ବି ଉଦ୍ୟମ ଜାରି ରହିଛି ଯେପରି ପାକିସ୍ତାନ କ୍ରିକେଟ ବୋର୍ଡ ଏପ୍ରକାର କୌଣସି ନିଷ୍ପତ୍ତି ନ ନେଇ, ଯାହାଯୋଗୁଁ କ୍ରିକେଟର କ୍ଷତି ହେବ ।

ପାକିସ୍ତାନ କ୍ରିକେଟ ପୂରାମାତ୍ରାରେ ରାଜନୀତି କବଳିତ, ଏଥିରେ ଦ୍ୱିମତ ନାହିଁ । ବିଡ଼ମ୍ବନାର ବିଷୟ ଏହି ଯେ ପାକିସ୍ତାନ ସହିତ କ୍ରିକେଟ ନ ଖେଳିବାର ଦାବି ଭାରତରେ ଅଧିକ ହୋଇଥାଏ ଓ ନ ଖେଳିବାର ନିର୍ଣ୍ଣୟ ପାକିସ୍ତାନ ନେଇଛି । ଆମେ ମାନି ଆସିଛନ୍ତି ଯେ ଯେଉଁ ଦେଶ ଆମକୁ ଆତଙ୍କବାଦ ଦ୍ୱାରା ପୀଡ଼ା ଦେଇଆସୁଛି, ତାହା ସହିତ ଆମେ କ୍ରିକେଟ ଖେଳିପାରିବା ନାହିଁ । ଏହି କାରଣରୁ ଭାରତୀୟ କ୍ରିକେଟ ଟିମ୍ ୨୦୦୮ ପରେ କେବେ ବି ପାକିସ୍ତାନ ଯାଇ ନାହିଁ । ଏହା ଫଳରେ ପାକିସ୍ତାନରେ କ୍ରିକେଟର ବହୁତ କ୍ଷତି ହେଲା, କିନ୍ତୁ ପାକିସ୍ତାନୀ ଶାସକବର୍ଗ ଏକଥାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ସେଠାକାର କ୍ରିକେଟ ବୋର୍ଡ ନିଜର ଖର୍ଚ୍ଚ ତୁଲାଇବା ଲାଗି ବିଶ୍ୱ କ୍ରିକେଟ ଉପରେ ନିର୍ଭରଶୀଳ ଓ ବିଶ୍ୱ କ୍ରିକେଟରେ ୮୦ ପ୍ରତିଶତରୁ ଅଧିକ ଅର୍ଥ ଭାରତୀୟ । ନିଜର କଟ୍ଟର ଓ ଦୟନୀୟ ରାଜନୀତି ଯୋଗୁଁ ପ୍ରଭାବିତ ପାକିସ୍ତାନକୁ ମାନିବାରେ ଢେର୍ ଅଡୁଆ ଲାଗୁଛି ଯେ ବିଶ୍ୱ କ୍ରିକେଟକୁ ଚଲାଇବାରେ ଭାରତର ସର୍ବାଧିକ ଯୋଗଦାନ ରହିଆସିଛି । ପାକିସ୍ତାନ ନିଜର ଭାରତବିରୋଧୀ ନୀତିରେ ସୁଧାର ଲାଗି ପ୍ରସ୍ତୁତ ନୁହେଁ । ସମ୍ଭବତଃ ପାକିସ୍ତାନ ଭାବୁଛି, ଭାରତ ଓ ଭାରତୀୟ ବୋର୍ଡ ତାହାର କିଛି ବିଗାଡ଼ି ପାରିବ ନାହିଁ ।

ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଏସିଆ କପ୍ ଟ୍ରଫି ମଧ୍ୟ ପାକିସ୍ତାନ ବୋର୍ଡ ଅଧ୍ୟକ୍ଷ ବିଜେତା ଭାରତକୁ ପ୍ରଦାନ କରିନାହାନ୍ତି । ବଡ଼ ପ୍ରଶ୍ନ ହେଉଛି ଯେଉଁ ଭାରତୀୟ ବୋର୍ଡ ହାସଲ କରିଥିବା ଟ୍ରଫି ଫେରାଇ ଆଣିପାରିଲା ନାହିଁ, ତାହା ଏବେ ଆଗକୁ କିପ୍ରକାର କଡ଼ା ପଦକ୍ଷେପ ନେଇପାରିବ ? ଅନୁମାନ କରାଯାଉଛି ଯେ ଏଥର ଭାରତୀୟ ବୋର୍ଡ କଡ଼ା ପଦକ୍ଷେପ ନେବ । କାରଣ, ଭାରତ-ପାକିସ୍ତାନ ମ୍ୟାଚ ପାଇଁ ପ୍ରବଳ ଡିମାଣ୍ଡ ହେବ । ପ୍ରସାରଣର ସମୟ ଦଶ-ଦଶ ସେକେଣ୍ଡର ବିଜ୍ଞାପନର ମୂଲ୍ୟ ୪୦ଲକ୍ଷ ଟଙ୍କା ଯାଏ ପହଞ୍ଚିଗଲାଣି । ତେଣୁ ଭାରତର କ୍ରିକେଟ ବୋର୍ଡ ନିଜ ରୋଜଗାର ସହିତ ସମ୍ମାନ ବିଷୟ ମଧ୍ୟ ଚିନ୍ତା କରିବା ଦରକାର । ଯଦି ଭାରତ, କ୍ରିକେଟର ମହାଶକ୍ତି, ତେବେ ଏ କଥା ସନ୍ତୁଳିତ ଓ ନ୍ୟାୟପୂର୍ଣ୍ଣ ଢଙ୍ଗରେ ଦୁନିଆ ସାମନାକୁ ଆସିବା ଦରକାର । ଭାରତୀୟ କ୍ରିକେଟପ୍ରେମୀମାନଙ୍କ ଭାବନା ସହ ଖେଳ ଖେଳିବା ବନ୍ଦ ହେବା ଆବଶ୍ୟକ । ବିଶ୍ୱ କ୍ରିକେଟରେ ପ୍ରଥମେ ବାଂଲାଦେଶ ଓ ଏବେ ପାକିସ୍ତାନ ଯେପରି ଭାବେ ଚୋଟ ମାରିଛନ୍ତି, ତାହାର ଭରଣା ହେବା ଦରକାର । ଅସଂଖ୍ୟ ଭାରତୀୟ ଚାହାନ୍ତି ପାକିସ୍ତାନ ସହ କ୍ରିକେଟ ଖେଳିବା ଉଚିତ ନୁହେଁ । ପାକିସ୍ତାନର ନିର୍ଣ୍ଣୟର ସମୁଚିତ ଉତ୍ତର ଭାରତ ପକ୍ଷରୁ ଦିଆଯିବା ଦରକାର । ❐❐

# ନାମ ଜପର ଔଷଧ

ଧ୍ୟାନବେଳେ ଆମେ ପ୍ରକୃତ ସତ୍ତା ଉପରେ ଏକାଗ୍ରତା ଆଣିବା ପାଇଁ ଦୈନିକ ଅଭ୍ୟାସ କରିଥାଉ। ଏ ପ୍ରକାର ସାଧନାକୁ କଠୋର ଭାବେ, ଦୈନିକ, ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସ୍ଥାନରେ, ସେହି ସମୟ ପର୍ଯ୍ୟନ୍ତ, ସେହି ପ୍ରକାରରେ, ସେହି ପ୍ରକାର ଆସନରେ ବସି କରିବାକୁ ହୋଇଥାଏ। ତେବେ ଯାଇ ଗଣ୍ଡଗୋଳ କରୁଥିବା ଉପାଦାନ ଗୁଡ଼ିକ ବିନମ୍ର ହୋଇ ଯିବେ ଓ କଥା ମାନିବେ। ଭଗବାନ ରାମକୃଷ୍ଣ କହିଲା ଭଳି, 'ଭିନ୍ନ ଭିନ୍ନ ସ୍ଥାନରେ କିଛି ଫୁଟ ଗଭୀରର ଗାତ ଖୋଳିବ ଓ ଦୁଃଖ କରିବ ଯେ ତୁମକୁ ପାଣି ମିଳିଲା ନାହିଁ। ଗୋଟିଏ ସ୍ଥାନରେ ଖୋଳି ଚାଲ। ଏହି ଖୋଳିବା କାମଟି ଭୂତଳ ଜଳସ୍ତର ପର୍ଯ୍ୟନ୍ତ ଯିବ ଓ ପାଣିର ଝର ଫିଟାଇ ଦେବ। ରାମ, ରାମ, ରାମ, ନାମକୁ ଅବିରତ ଭାବେ,' ସ୍ଥିର ଭାବେ ଗଭୀରରୁ ଗଭୀରକୁ ନେଇ ଚାଲ, ପୁରସ୍କାର ସ୍ୱରୂପ ତୁମେ 'ଉପଲବ୍ଧି' ରୂପକ ଫଳ ଲାଭ କରିବ। ରାମ, ହେଉଛି ସେ ଔଷଧର ନାମ। ଔଷଧର ନାମକୁ ଜପ କଲେ ରୋଗ ଉପରେ ସାମାନ୍ୟ ମାତ୍ର ପ୍ରଭାବ ପଡ଼ିବ ନାହିଁ। ଔଷଧକୁ ସେବନ କଲେ ଯାଇ ରୋଗର ପ୍ରକୋପ କମିବ ଓ ସେ ତା ପୁଡ଼ି ପୁଟୁଳି ଧରି ବିଦା ହୋଇଯିବ। ଦେହ ପାଇଁ ଘଷା ମୋଡ଼ା ଯେଉଁଭଳି ମନ ପାଇଁ ଜପ ସେହି ଭଳି କାମ କରେ। ଘଷାମୋଡ଼ା ଦେହକୁ ସତେଜ କରିଦିଏ, ଜପମନକୁ ସତେଜ କରିଦିଏ ଏବଂ ସେଥିରେ ଥିବା ଭୂତାଣୁ ମାନଙ୍କୁ ତଡ଼ି ଦିଏ। ହୃଦୟ ରୂପକ ପାତ୍ରରେ ବୁଦ୍ଧି ରୂପକ ମନ୍ଥନଦଣ୍ଡ ଦ୍ୱାରା ସାଧନା ରୂପକ ମନ୍ଥନ କ୍ରିୟା ଫଳରେ ଉପଲବ୍ଧି ରୂପକ ଲବଣୀ ପିଣ୍ଡୁଳା ଲାଭ କରିବା ଆତ୍ମ ମାନଙ୍କର ଜୀବନର ଧ୍ୟେୟ ଓ ଧର୍ମ ହେବା ଉଚିତ।

ଆତ୍ମମାନଙ୍କ ଭିତରୁ କହିଥାଉ ଯେ ଜପ ଓ ଧ୍ୟାନ କରିବାକୁ ଆମ ପାଖରେ ବେଳ କାହିଁ ? ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆତ୍ମ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି 'ତୁମର ଆଳସ୍ୟ ତୁମକୁ ଏ ପ୍ରକାର ଯୁକ୍ତି କରିବାକୁ ପ୍ରବର୍ତ୍ତାଉଛି। ଯେଉଁ କାମ ତାର ଜନ୍ମଗତ ଅଧିକାର ସେ କାମ ପାଇଁ ଥିବା ସମୟକୁ ଜୀବସ୍ତରୀୟ କର୍ମ ଗୁଡ଼ିକରେ ବ୍ୟବହାର କରାଯାଇଛି। ପ୍ରତିଦିନ ଶଯ୍ୟା ତ୍ୟାଗ କଲାବେଳେ ମୃତ୍ୟୁରୁ ଉଠି ଆସିଲା ଭଳି ଉଠି ଆସ। କହ 'ମୁଁ ଏବେ ଜନ୍ମ ହେଲି, ମୋ କଥାକୁ କୋମଳ କର, ମଧୁର କର, ମୋ ଆଚରଣକୁ ଶୀତଳତା ପ୍ରଦାନ କର, ମୋର କର୍ମ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରୁ ଓ ମୋ ମନରେ ଏଭଳି ଚିନ୍ତାଧାରା ଦିଅ ଯାହା ସମସ୍ତଙ୍କ ଉପକାରରେ ଲାଗିବ। ଶଯ୍ୟାରେ ବସି ଦିବସର କର୍ମ ଆରମ୍ଭ କରିବା ପୂର୍ବରୁ ଏଭଳି ପ୍ରାର୍ଥନା ଆମେ କରିଥାଉ। ଏହି ସଙ୍କଳ୍ପଟିକୁ ଦିନସାରା ମନେରଖିବା ପାଇଁ। ରାତିରେ ଯେତେବେଳେ ଶଯ୍ୟାକୁ ଯାଉଛେ, ସେଠାରେ ବସି ଦିନ ଯାକର ଅନୁଭୂତିକୁ ପରଖି ନେବା ଉଚିତ। ଆମେ ନିଜ କଥା ବା କର୍ମରେ କାହାକୁ କଷ୍ଟ ବା ଅସୁବିଧାରେ ପକାଇଛ କି ? ପୁନଶ୍ଚ ପ୍ରାର୍ଥନା କରିଥାଉ, 'ବର୍ତ୍ତମାନ ମୁଁ ମୃତ୍ୟୁ ବରଣ କରିବାକୁ ଯାଉଛି ତୁମ କୋଳରେ ଆଶ୍ରୟ ନେଉଛି। ମୋର ଦୋଷ କ୍ଷମାକର, ତୁମ ପ୍ରେମପୂର୍ଣ୍ଣ ଆଶ୍ରୟ ପ୍ରଦାନ କର।'

ଅଜୟ କୁମାର ବେହେରା
କଟକ

# କୃଷିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ

**ଯୁଧିଷ୍ଠିର ମହାରଣା**

କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ସରକାର ରହିଲେ ସ୍ୱାଭାବିକ ଭାବେ ଗୋଟିଏ ରାଜ୍ୟ ବିକାଶ ଲାଭ କରିଥାଏ ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଓଡ଼ିଶାରେ ବିକାଶର କାର୍ଯ୍ୟକ୍ରମ ଚାଲିଛି। ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ପ୍ରସଙ୍ଗ ଉପରେ ମୁଁ ଆଲୋଚନାଟି ରଖୁଛି। ବର୍ତ୍ତମାନର ବଜାର ଦରକୁ ଦେଖିଲେ ଚିନି ଓ ତେଲ ପରି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପ୍ରାୟତଃ ଚଢ଼ା ରହୁଛି। ଓଡ଼ିଶାରେ ଆଖୁ ଓ ବିଭିନ୍ନ ଶସ୍ୟରାଶି ପ୍ରଚୁର ଅମଳ ହେଉଛି କିନ୍ତୁ ଆମ ରାଜ୍ୟରେ ଦିନେ ସକଳ ଥିବା ଚିନିକଳ, ତେଲକଳ ଏବଂ ସୂତା କଳ ଗୁଡ଼ିକ ଏବେ ଅଚଳ। ଆଉ କେତୋଟିର ତ ଅସ୍ତିତ୍ୱ ନାହିଁ। ଚିନିକଳ ଆଖୁ ଚାଷୀଙ୍କୁ ରୋଜଗାର ଦିଏ, ତେଲ କଳ ଚିନାବାଦାମ, ସୂର୍ଯ୍ୟମୁଖୀ ଏବଂ ସୋରିଷ ଚାଷୀଙ୍କୁ ଲାଭବାନ କରାଏ, ସୂତାକଳ କପାଚାଷୀଙ୍କୁ ରୋଜଗାରକ୍ଷମ କରେ। ଏସବୁ କଳ ଚାଲିଥିବା ସମୟରେ ଏଥିରେ ଅନେକ ଲୋକ କର୍ମ ସଂସ୍ଥାନ ପାଇଥିଲେ। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏସବୁ କୃଷିଭିତ୍ତିକ ଶିଳ୍ପ ଅନେକ ରୋଜଗାର ସୃଷ୍ଟି କରିପାରିଥିଲା।

ଧାନଚାଷ ସହିତ ବିକଳ୍ପ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଏସବୁ ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର ଆନ୍ତରିକତା ସହ ଉଦ୍ୟମ କରିବା ଜରୁରୀ। ଆଖୁର ଅଭାବୀ ବିକ୍ରି ପାଇଁ ଅନେକ ଚାଷୀ ଏବେ ଆଖୁଚାଷ ଆଡୁ ମୁହଁ ଫେରାଇ ନେଲେଣି। ଏମାନେ ଦାଦନ ମୁହାଁ ହେଉଛନ୍ତି। ନିକଟରେ ସରକାରୀ ଭାବେ ଏକ ଘୋଷଣା ଅନୁଯାୟୀ ରାଜ୍ୟରେ ଚିନିକଳର ପୁନରୁଦ୍ଧାର ପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି। ଚିନିକଳର ଆଧୁନିକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଜଣା ଯାଇଛି। ଏଇ ଟାସ୍କଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ।

ଆମ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭିତରେ ଦେଖିବାକୁ ଗଲେ ନୟାଗଡ଼ ଏବଂ ବାଙ୍କି ଅଞ୍ଚଳରେ ଆଖୁ ଚାଷ ପାଇଁ ଅନୁକୂଳ ମାଟି, ପାଣି ପବନ ରହିଛି। ଆଖୁ ଭଲ ଅମଳ ଦିଏ ଏଠି। ଦିନେ ନୟାଗଡ଼ ଚିନିକଳ ଏ ଅଞ୍ଚଳ ଚାଷୀଙ୍କ ଆଖୁକୁ କିଣି ନେଉଥିଲେ। ଏବେ ସେ ସବୁ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଛନ୍ତି ଚିନିକଳ ବନ୍ଦ ହୋଇଯିବା କାରଣରୁ। ପଡ଼ୋଶୀ ରାଜ୍ୟର ଦଲାଲମାନେ ଶସ୍ତାରେ ଆଖୁ କିଣି ନେଉଛନ୍ତି ଚାଷୀଙ୍କ ଠାରୁ। ଧାନଚାଷ ପାଇଁ ଯେଉଁ ସବୁ କ୍ଷେତ ଉପଯୁକ୍ତ ନ ହୁଏ ସେ ସବୁ କ୍ଷେତ୍ରରେ ଆଖୁଚାଷ କରାଯାଇପାରେ। ତେଣୁ ଏ ଅଞ୍ଚଳରେ ମଧ୍ୟ ଏକାଧିକ ଚିନିକଳର ଆବଶ୍ୟକତା ରହିଛି।

ରାଜ୍ୟରେ ଅନେକ ସୂତାକଳ ବନ୍ଦ ପଡ଼ିଛି। ଆମ ରାଜ୍ୟ ପକାର ଗୁଣାତ୍ମକ ମାନ ଉନ୍ନତ ହୋଇଥିବାରୁ ବିଦେଶରେ ମଧ୍ୟ ଓଡ଼ିଶା କପାର ଚାହିଦା ରହିଛି। ତେଣୁ ଆମେ ଆମ ରାଜ୍ୟର କପାକୁ ସୂତାରେ ରୂପାନ୍ତରିତ କରି ବାହାର ରାଜ୍ୟ ଏବଂ ଦେଶକୁ ମଧ୍ୟ ବିକି ପାରନ୍ତେ। ଏଥିରେ ରାଜ୍ୟର ଚାଷୀ ଉପକୃତ ହେବା ସହିତ ଆମ ରାଜ୍ୟର ହସ୍ତତନ୍ତ ଶିଳ୍ପୀକୁ ମଧ୍ୟ ଏହା ପ୍ରୋତ୍ସାହିତ କରନ୍ତା। ଏବେ ଦେଶ ବିଦେଶରେ କଟନ ପୋଷାକର ଚାହିଦା ବଢୁଛି। ତେଣୁ ଆମ ରାଜ୍ୟରେ ଉନ୍ନତମାନର ସୂତା କପଡ଼ା ମଧ୍ୟ ତିଆରି ହୋଇପାରନ୍ତା ଆମ ରାଜ୍ୟର ଉନ୍ନତ କପାରେ। ଆମ ରାଜ୍ୟର ହସ୍ତତନ୍ତ ଶାଢ଼ିର ସୁନାମ ରହିଛି ଦେଶ ବିଦେଶରେ। କିନ୍ତୁ ଦୁର୍ଭାଗ୍ୟର କଥା ଆମ ରାଜ୍ୟର ବୁଣାକାରମାନେ ଅନ୍ୟ ରାଜ୍ୟରୁ ସୂତା କିଣୁଛନ୍ତି। ତେଣୁ ଏବେ ସମୟ ଆସିଛି କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ପୁଣିଥରେ କିଭଳି ସଚଳ କରେଇହେବ ଏବଂ ଅଧିକ ସଂଖ୍ୟକ ଏଭଳି ଶିଳ୍ପ କିଭଳି କରାଯାଇପାରିବ ସେ ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବାର ବେଳ ଆସିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ କୃଷି ରାଜ୍ୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନେଉଥିବାରୁ ଓଡ଼ିଶାରେ ବିଶେଷକରି ଆଖୁଚାଷ ଓ କପାଚାଷକୁ ଗୁରୁତ୍ୱ ଦେଲେ ଏହା ଧାନ ଓ ଅନ୍ୟ ଶସ୍ୟପରି ଲାଭଜନକ ହୋଇପାରନ୍ତା।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଉଦବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷ ଜମିରେ ପରିଲକ୍ଷିତ ହେଉନାହିଁ। ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଷାନ'। ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି। ପ୍ରୋତ୍ସାହନ ନାହିଁ। ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି। ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ। କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି। ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା। ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଚଷାପୁଅର ଅର୍ଥନୀତିକୁ ବଳ ଦେଇନଥାଏ ବରଂ ଅଳସୁଆ ଓ ନିକମା କରିଥାଏ। ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି। ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ। ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ କିନ୍ତୁ ସତ ହୋଇପାରି ନଥାଏ। ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ। ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ନାହିଁ। ବିପୁଳ ଧନ ଖଟାଇ ନିର୍ବାଚନ ବୈତରଣୀ ପାର ହେବାପରେ କାଶିଆ କିଏ ନା କପିଳା କିଏ ନ୍ୟାୟରେ ଖାଉଟିଙ୍କ ସ୍ୱାର୍ଥକୁ ଫୁ କରିଦେବା ଆମ ସାଧାରଣ ଜୀବନ ଦର୍ଶନରେ ପରିଣତ ହୋଇସାରିଲାଣି। ଏସବୁ ଭିତରେ ଜାତୀୟ ତଥା କ୍ଷେତ୍ରୀୟ ସରକାରମାନେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହଙ୍ଗା ସ୍ଥିତିକୁ କିପରି ବଜାରକୁ ଦେଖି ମୁକାବିଲା କରିହେବ ସେ ପଦକ୍ଷେପ ନେବା ଜରୁରୀ। ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ। ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ।

କଟକ,
ମୋ : ୯୪୩୭୧୬୩୫୨୮

# ବର୍ତ୍ତମାନର ବନ୍ଧୁ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ବନ୍ଧୁତା ସବୁଠାରୁ ରହସ୍ୟମୟ ସମ୍ପର୍କ। ଏହା ସ୍ଥାନ , କାଳ, ପାତ୍ର , ପରିସ୍ଥିତି ଏବଂ ସୁବିଧା ଅନୁସାରେ ନିରନ୍ତର ପରିବର୍ତ୍ତନ ହୁଏ। ବନ୍ଧୁତାର ହଜାର ହଜାର ଉଦାହରଣ ଅଛି, ଏବଂ ଏହାର ପ୍ରଭାବରୁ କଷ୍ଟ ପାଉଥିବା ଅଗଣିତ ଲୋକ ମଧ୍ୟ ଅଛନ୍ତି। ଯଦି ବନ୍ଧୁତା ନଥାନ୍ତା, ତେବେ ବିଶ୍ୱାସଘାତକତା ଏବଂ ପ୍ରତାରଣା ଭଳି ଶବ୍ଦ କେବେବି ଅସ୍ତିତ୍ୱ ପାଇ ନଥାନ୍ତା। ଆଜିକାଲି, ଏହି ଶବ୍ଦ ଆହୁରି ବିସ୍ତାରିତ ହୋଇଛି। ଯଦି କେହି ଆପଣଙ୍କୁ ବାରମ୍ବାର ନିଜର ବନ୍ଧୁ ବୋଲି କହୁଥାନ୍ତି , ତେବେ ସେମାନଙ୍କ ପ୍ରତି ସତର୍କ ରୁହନ୍ତୁ। ସରଳ ଏବଂ ପ୍ରକୃତ ବନ୍ଧୁଙ୍କ କଥା କହିବାକୁ ଗଲେ, ସେମାନେ ଆମ ଚାରିପାଖରେ ସବୁବେଳେ ଉପଲବ୍ଧ ।ଏମାନେ ହେଉଛନ୍ତି ଆଣ୍ଟିବାୟୋଟିକ ଔଷଧ ପରି ।କାମରେ ଆସନ୍ତି କିନ୍ତୁ ସାଇଡ ଇଫେକ୍ଟ ବେଶୀ। ସେମାନଙ୍କର ବନ୍ଧୁତା ସେମାନଙ୍କ ବିଶ୍ୱାସଘାତକତା ପରି ସ୍ୱାଭାବିକ। ଏମାନେ ସେହି ବନ୍ଧୁ ଯେଉଁମାନେ ଆପଣଙ୍କୁ ଆତ୍ମନିର୍ଭରଶୀଳ କରନ୍ତି। ଏହି ବନ୍ଧୁମାନେ ବହୁତ କିଛି ଯୋଗଦାନ କରିପାରିବେ ନାହିଁ। ସେମାନେ ସ୍ୱାଭାବିକ ଭାବରେ ଭୟଭୀତ । ଏପରି ବନ୍ଧୁମାନେ ଆପଣଙ୍କୁ କଥା ଚାତୁରୀରେ ହଜାର ହଜାର ଟଙ୍କା ଠକିପାରନ୍ତି କିନ୍ତୁ ଯେତେବେଳେ ଆପଣଙ୍କୁ ଆବଶ୍ୟକ ହୁଏ ସେତେବେଳେ ନିଜକୁ ଅଧିକ ଦୁଃଖିତ ବୋଲି ଦର୍ଶାଇଥାନ୍ତି । ସବୁଠାରୁ କମ୍ ବିପଦପୂର୍ଣ୍ଣ ବନ୍ଧୁ ହେଉଛନ୍ତି ସାହିତ୍ୟିକ ବନ୍ଧୁ।ଏମାନେ ଆୟୁର୍ବେଦିକ ଔଷଧ ପରି। ସେମାନଙ୍କର ଆଶା ବହୁତ ଅଧିକ ନୁହେଁ। ଯେତେବେଳେ ଏହି ବନ୍ଧୁମାନଙ୍କର ଏକ ନୂତନ ପୁସ୍ତକ ପ୍ରକାଶିତ ହୁଏ, ସେତେବେଳେ ସେମାନେ ଆପଣଙ୍କଠାରୁ ଅଳ୍ପ କିଛି ଆଶା କରନ୍ତି । ଏହାକୁ ଏଡାଇବା ପାଇଁ ଅନେକ ଉପାୟ ଅଛି, କିନ୍ତୁ ସେଗୁଡ଼ିକ ବହୁତ ପ୍ରଭାବଶାଳୀ ନୁହେଁ। ଯେତେବେଳେ ଜଣେ ପୁରୁଣା ବନ୍ଧୁ ଆପଣଙ୍କୁ ଲଗାତାର ଦିନ ଦିନ ଧରି ଗୁଡ୍ ମର୍ଣ୍ଣିଂ ମେସେଜ୍ ପଠାନ୍ତି , ବୁଝିଯାନ୍ତୁ ତାଙ୍କ ନୂତନ ପୁସ୍ତକର କଭର ଫାଟିବାକୁ ଯାଉଛି, ଏବଂ ଆପଣଙ୍କ ପକେଟରୁ କିଛି ବାହାରକୁ ଯିବ । କିଛି ଦିନ ଅପରାନ୍ତେ ଆପଣ ପୁସ୍ତକ ବିଷୟରେ ନିଶ୍ଚିତ ଭାବରେ ଏକ ସୂଚନା ପାଇଯିବେ ।ଆପଣ ନିଜ ଆଡୁ ଯେମିତି ଏକ ଅଭିନନ୍ଦନ ବାର୍ତ୍ତା ପଠାଇବେ ସେହି ମୁହୂର୍ତ୍ତରେ ଡିଜିଟାଲ ଭାବରେ ଗିରଫ ହେବେ। ଆପଣ ପୁସ୍ତକର ଲିଙ୍କ୍ ନ ଖୋଲି ଖସି ଯାଇପାରିବେ ନାହିଁ। ଯଦି ଆପଣ ବୁଦ୍ଧିମାନ, ତେବେ ଦୁଇ ଶହ ପଚାଶ ଟଙ୍କାରେ ମୁକ୍ତ ହୋଇଯିବେ। ଯଦି ଅଧିକ ଅତିରିକ୍ତ ଜ୍ଞାନ ଦେଖାଇବେ, ତେବେ ଆପଣଙ୍କ ରାଶିଫଳ ଖୁବ୍ ଶୀଘ୍ର ପ୍ରକାଶ ପାଇବ। ଅନ୍ୟ ବନ୍ଧୁମାନଙ୍କ ଠାରୁ ଆପଣଙ୍କ ଅବିସ୍ମରଣୀୟ ଅବଦାନକୁ ଗୋଟିଏ ମହାନତାର ମେଡଲ୍ ପିନ୍ଧାଯିବ । ସବୁଠାରୁ ଭଲ ବନ୍ଧୁ ହେଉଛନ୍ତି ଚୁଚୁନ୍ଦରା ପ୍ରକାରର। ସେମାନେ ଚା ଏବଂ ପାଣିରେ ମଧ୍ୟ ସନ୍ତୁଷ୍ଟ। ସେମାନଙ୍କୁ କେବେବି ଟଙ୍କା ଦରକାର ନାହିଁ। ଏତେ କମ୍ ନିବେଶରେ, ଆପଣ ଶତ୍ରୁ ମଧ୍ୟ ପାଇପାରିବେ ନାହିଁ ।ଏମାନେ ହୋମିଓପାଥି। କାମ ସେମିତି କିଛି ନାହିଁ କିନ୍ତୁ ଏମାନେ ପାଖରେ ଥିଲେ ଭଲଲାଗେ। ସେମାନଙ୍କର ଗୋଟିଏ ମହାନ ଗୁଣ ଅଛି- ସେମାନେ ବିଶ୍ୱସ୍ତ ।ଏମାନଙ୍କର ସାଇଡ୍ ଇଫେକ୍ଟ ବୋଲି କିଛି ନାହିଁ। ଯେପର୍ଯ୍ୟନ୍ତ ତୁମେ ସେମାନଙ୍କର ଯତ୍ନ ନେବ, ସେମାନେ ତୁମର ପ୍ରଶଂସା କରି ଚାଲିବେ। ସେମାନେ ବନ୍ଧୁତାକୁ ଶତ୍ରୁତାରେ ପରିଣତ କରିବା ବିଷୟରେ ଚିନ୍ତା ମଧ୍ୟ କରନ୍ତି ନାହିଁ। ହଁ, ଭର୍ଚୁଆଲ୍ ମିଡିଆରେ ବନ୍ଧୁତା ବହୁତ ସତର୍କତାର ସହିତ ବଜାୟ ରଖାଯାଏ। ଏଠାରେ ହୋଇଥିବା ବନ୍ଧୁମାନଙ୍କୁ ସାଧାରଣ ବନ୍ଧୁ ଭାବରେ ଭାବିବା ଏକ ବଡ଼ ଭୁଲ। ଏପରିକି ସବୁଠାରୁ ପ୍ରମୁଖ ଲେଖକ, ଅଧିକାରୀ କିମ୍ବା ସାମ୍ବାଦିକ ମଧ୍ୟ ଆପଣଙ୍କର ବନ୍ଧୁ ହୋଇପାରନ୍ତି, କିନ୍ତୁ ସେମାନେ ପ୍ରକୃତ ବନ୍ଧୁ ପରି ନୁହଁନ୍ତି। ସେମାନଙ୍କ ଲେଖା ଉପରେ ନିୟମିତ ମନ୍ତବ୍ୟ ନଦେବା ଆପଣଙ୍କୁ ବନ୍ଧୁହୀନ କରିପାରେ। ଏହି ଦୁନିଆରେ, ବନ୍ଧୁତା ଏବଂ ଶତ୍ରୁତା କେବଳ ଗୋଟିଏ କ୍ଲିକ୍ ଉପରେ ନିର୍ଭର କରେ । ଏଠାରେ, ବନ୍ଧୁତ୍ୱହୀନ ହେବା ପ୍ରତିଫଳ ବ୍ଲକିଂ ଦ୍ୱାରା ମିଳିଥାଏ। ଲୋକମାନଙ୍କୁ ସେମାନଙ୍କର ଭଲ କିମ୍ବା ଖରାପ ଲେଖା ଦ୍ୱାରା ନୁହେଁ, ସେମାନଙ୍କର ମନ୍ତବ୍ୟ ଦ୍ୱାରା ବିଚାର କରାଯାଏ। ଏହା କେବଳ ନାମକୁ ମାତ୍ର ଭର୍ଚୁଆଲ୍ ମିଡିଆ, କିନ୍ତୁ ଏଠାରେ, ବନ୍ଧୁତା ଅପେକ୍ଷା ଅଧିକ ଶତ୍ରୁତା ବଜାୟ ରଖାଯାଏ। ତେଣୁ, ଅଧିକ ବିଚକ୍ଷଣ ଲୋକମାନେ ଅନ୍ୟମାନେ କ'ଣ ଲେଖିଛନ୍ତି ତାହା ଉପରେ ମନ୍ତବ୍ୟ ଦିଅନ୍ତି ନାହିଁ। ଅନେକ ବନ୍ଧୁମାନେ ସେମାନଙ୍କ ଇନବକ୍ସରେ କେବଳ ଉତ୍କୃଷ୍ଟ ଲେଖିବାକୁ ପସନ୍ଦ କରନ୍ତି । ବେଳେ ବେଳେ, ସେମାନେ ଆପଣଙ୍କୁ ଫୋନ୍ କରି ପ୍ରଶଂସା କରିବେ, କିନ୍ତୁ ସେମାନେ କେବେବି ସାର୍ବଜନୀନ ଭାବରେ ମନ୍ତବ୍ୟ ଦିଅନ୍ତି ନାହିଁ। ସେମାନେ ଏହି ଭ୍ରମରେ ଥାଆନ୍ତି ଯେ ଖୋଲାଖୋଲି ଭାବରେ ଗୋଟିଏ କିମ୍ବା ଦୁଇଟି ଧାଡି ଲେଖିଲେ କାଳେ ସେମାନେ ସମାଲୋଚନାର ଶିକାର ହେବେ। ପୁଣି ହୁଏତ ସେମାନଙ୍କ ମନ୍ତବ୍ୟ ଅନ୍ୟ ସଦସ୍ୟମାନଙ୍କୁ ତାଙ୍କ ଠାରୁ ଦୂରେଇ ଦେଇପାରେ। ତେଣୁ, ଏପରି ବନ୍ଧୁମାନେ ସ୍ଲିପର ସେଲ୍ ଭାବରେ କାର୍ଯ୍ୟ କରନ୍ତି, ଏବଂ ଏହି ବ୍ୟକ୍ତିମାନେ ନିରନ୍ତର ସାହସ, ଚିନ୍ତା ଏବଂ ସତ୍ୟ ବିଷୟରେ କଥା କୁହନ୍ତି କିନ୍ତୁ ଲେଖି ପାରନ୍ତି ନାହିଁ । ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ସମ୍ପୂର୍ଣ୍ଣ ସଙ୍କୋଚତାର ସହିତ ବନ୍ଧୁତା ବଜାୟ ରଖନ୍ତି।

ନୟାଗଡ଼
ମୋ:୯୪୩୭୬୪୨୯୪୭

## ସଂପାଦକଙ୍କୁ ପତ୍ର

### ହଜି ଯାଉଛି ମଣିଷପଣିଆ

ମହାଶୟ,

ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତ୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ୍ୟ ସଂକଟମୟ। ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି। ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ। ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ।

ଆମ ଚାରିପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ। ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତ୍ତବ୍ୟ। ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ। ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର। ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ। ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ। ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି ? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ। ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ। ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ। ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ୍ୟ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ। ଏସବୁ ପ୍ରଦୂଷଣ କିଏ କରୁଛି ? ଏସବୁ ଆମର ମଣିଷ ପଣିଆର ଅଭାବକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ବିଶ୍ୱରଞ୍ଜନ ସାହୁ, ସାଲେପୁର

# ସବୁରି ମୂଳରେ ଜଗା

**ଜୟନ୍ତ ପଟ୍ଟନାୟକ**

ଆପଣମାନେ ପୁରୀଗଲେ ଜଗା ଦର୍ଶନ ସକାଶେ,ସବୁ କରିପାରିବେ ବିନା ବାଧାରେ କେବଳ ଜଗା ଦର୍ଶନ ବ୍ୟତୀତ ।ଏଇଠି କଥାଟିଏ ମନେପଡେ,ଗୋଟିଏ ଇଂଲିଶ ମିଡିୟମ୍ ସ୍କୁଲରେ ନିଜର ଝିଅକୁ ପଢ଼ାଇବା ନିମନ୍ତେ ଜଣେ ଅଟୋ ଡ୍ରାଇଭର କଷ୍ଟ ହେଉ ପଛେ ସ୍କୁଲରେ ପହଞ୍ଚି କେତେ ଟଙ୍କା ଆବଶ୍ୟକ ଓ କ'ଣ କରିବାକୁହେବ ବୁଝି- ନେଲେ। ସ୍କୁଲରେ ତାଙ୍କୁ ଯାହା ବୁଝାଇ ଦେଲେ ତାହା ହେଲା,ମାସିକ ୩,୦୦୦/-ଟ୍ୟୁସନ ଫି ଅତିରିକ୍ତ ଟଙ୍କା ବିନିମୟରେ ୟୁନିଫର୍ମ, ଯୋତା,ସ୍କୁଲ ବ୍ୟାଗ୍, ବହି,ଖାତା, ୱାଟର ବଟଲ୍ ଓ ସବୁପ୍ରକାର ପାଠ୍ୟୋପକରଣ ମିଳିପାରିବ ମାତ୍ର ଯାହାସବୁଠୁ ଅତ୍ୟାବଶ୍ୟକ, 'ପାଠପଢା ପାଇଁ ଅନ୍ୟତ୍ର ଘରୋଇ କୋଚିଂ ସେଣ୍ଟରର ସାହାଯ୍ୟ ନେବାକୁ ହେବ ।ଇଏ ସେମିତି କଥା, ମୋର ମନେ ଅଛି,ପୂର୍ବେ ପୁରୀ ଯାଇ ବାରମ୍ବାର କଳା ସାଆନ୍ତଙ୍କୁ ଦର୍ଶନ କରି ହେଉଥିଲା, ମନ ଖୁସିରେ ଭରି ଯାଉଥିଲା। ଏବେ ଅନେକ ବର୍ଷ ହେଲା ସେକଥା ସାତ ସପନ ହୋଇ- ଯାଇଛି, ଧାଡ଼ିରେ ଘଣ୍ଟା ଘଣ୍ଟା ଠିଆ ହେବାପରେ ଥରେ ଦର୍ଶନ ମିଳିଲେ ବହୁତ ବଡ଼ କଥା, କେବେ କେମିତି ଯେ ଅଧିକ ଥର ଦର୍ଶନ ମିଳିଗଲେ ବଡ଼ ଭାଗ୍ୟ ବୋଲି ଭାବିବାକୁ ହେବ ।ବେଳେ ବେଳେ ମୋଟେ ଦର୍ଶନ ନମିଳିଲେ ମଧ୍ୟ ମନକୁ ବୁଝାଇବାକୁ ପଡୁଛି,ପାଖପଡିଶା କିଏ ପଚାରିଲେ ମିଛକହିବାକୁ ପଡୁଛି,ହଁ ଯାଇଥିଲୁ,କାଳିଆକୁ ଦେଖିଲୁ,ନୀଳାଚଳେ,ନୀଳ କନ୍ଦରରେ ରତ୍ନବେଦୀ ଉପରେ ଝଟକୁଛନ୍ତି ଚକା ଆଖି ଜଗତର ନାଥ,ଜଗନ୍ନାଥ ସ୍ୱାମୀ, ମନରେ କୋହ,ଛାତିରେ ବ୍ୟଥା ।ଓଡ଼ିଆର ତ ସବୁକିଛି ସିଏ,ସେଇ ଦାରୁବ୍ରହ୍ମ ଚକାନୟନ, ତାଙ୍କୁ ଦେଖିବାକୁ ଯାଇ ଅନ୍ୟ କିଛିରେ କ'ଣ ମନ ଶାନ୍ତ ହୁଏ ।ତାଙ୍କ ଦର୍ଶନ ବ୍ୟତିରେକେ ତାଙ୍କ ମହାପ୍ରସାଦ(ମା' ପ୍ରସାଦ)କୈବଲ୍ୟ(ପ୍ରାପ୍ତି ମାତ୍ରେକ ମୋକ୍ଷ)ରୁଚେନା,ମହୋଦଧି ଅନ୍ୟାନ ତୀର୍ଥ ସବୁ କିଛି ଭଲ ଲାଗେନା ।ସବୁ କେମିତି ଫିକା ଫିକା ଲାଗେ,କୋଉଥିରେ ମନ ଶାନ୍ତି ହୁଏନା। ସବୁକିଛି ବିରକ୍ତ ଲାଗେ,ମନ ଚିଡି ଚିଡି ହୁଏ ।ଜଗା ପାଇଁ ସିନା ରଥ ଯାତେରା,କହ୍ନେଇ ଲାଗି ସିନା ଦୋଳ ଯାତେରା !ଇଏ ପରା ସେଇ କହ୍ନେଇ,ବୃନ୍ଦାବନରୁ ଆସି ଲୀଳା ଲଗାଇଛନ୍ତି ବଡଦାଣ୍ଡ ଓ ଶ୍ରୀମନ୍ଦିରରେ,ଇଏ ସେଇ ନନ୍ଦ ଲାଲା,ମାତା ଯଶୋ -ଦାଙ୍କ ଲଲା। ଯେତେବେଳେ ଚିର ଇପ୍ସିତ ଜଗା ଦର୍ଶନ ମିଳୁନି,ସେତେବେଳେ ଯେତେ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲେ ସୁଦ୍ଧା ସେ 'ପରିକ୍ରମା ପଥ'ରୁ ଆମକୁ ମିଳେ କ'ଣ ? ଏକଥା କହିବାର କାରଣ ହେଲା, ଥରେ ମତେ ଜଣେ କହିଲେ, ପୁରୀରେ 'ପରିକ୍ରମା ପଥ'ରେ ବୁଲିଲେଣି। ମୁଁ କହିଲି,ଭାଇ ଗଲେ ତ ଭଲରେ ଦର୍ଶନ ଟିକେ ମିଳୁନି, କେତେବେଳେ ସେତିକି ଭାଗ୍ୟ ଥିଲେ କାଳିଆର ଗୋଟେ (ଡାହାଣ) ଆଖି,ବଡ଼ଭାଇ ବଳଭଦ୍ରଙ୍କ ପଟେ (ବାମ) ଆଖି ଓ ମାତା ସୁଭଦ୍ରାଙ୍କ ଦୁଇ ଆଖି (ମଝିରେ ଥିବାରୁ) ଦର୍ଶନର ସୌଭାଗ୍ୟ ମିଳେ, ବେଳେବେଳେ ମୋଟେ କିଛି ଦର୍ଶନ ମିଳେନା, ମନ ବିକ୍ଷେଇ ଉଠେ, ଆଉ ପୁରୀ ଆସିବାକୁ ମନ ହୁଏନା। ପରିବାରରେ ଏନେଇ ଅନେକ ଥର ବାକବିତଣ୍ଡା,ତେଣୁ ଯେତେବେଳେ ମୁଖ୍ୟ କାର୍ଯ୍ୟ ହେଉ ନାହିଁ,ପରିକ୍ରମା କଥା ଉଠୁଛି କୁଆଡୁ ।ତମେ ପୁଲିସବାଲା,ତମ ପାଇଁ ସବୁ ଖୋଲା ! ପ୍ରାୟ ସବୁ ସମୟରେ ପରିବର୍ତ୍ତନ ହେଉଛି ବ୍ୟବସ୍ଥାରେ,ବର୍ଷେ ପୂର୍ବ କଥା କହୁଛି, ସେତେବେଳେ ଗୋଟିଏ ବୟସ୍କ(ସିନିୟର୍ ସିଟିଜେନ୍) ଲାଇନ ଥିଲା,ପିଲାଠୁ ଯୁବକ ପର୍ଯ୍ୟନ୍ତ ସମସ୍ତେ ଯାଉ ଥିଲେ ସେ ଲାଇନରେ କେବଳ ସିନିୟର୍ ବ୍ୟତୀତ, ସିନିୟର୍ ଭାଗ୍ୟକୁ ପଚାରୁଥିଲେ ମୋ ପାଳି କେବେ ଆସିବ ଏମାନଙ୍କ ମେଳରେ ?ଆଉ ସେମାନଙ୍କ ସହିତ ବଚସା/ଯୁକ୍ତିତର୍କ ମାନେ ବିହରେ ମୁଣ୍ଡରେ କିଛି ଅଭାବ ହେବ ନାହିଁ,କାରଣ ପୋଲିସ ଉପସ୍ଥିତିରେ ଏ ଦୃଶ୍ୟ ଅପୂର୍ବ, ଅଧିକ କ'ଣ କହିବି।

ଇଏ ହେଲେ ସଂସାରର/ ଜଗତର ନାଥ,ଜଗନ୍ନାଥ ସ୍ୱାମୀ, ଜୀଅନ୍ତା ଠାକୁର,ଭଲା କୋଉଠି ଏମିତି ଠାକୁରେ,ଖରାତାପରୁ ରକ୍ଷା ପାଇବାକୁ ଚନ୍ଦନ(ଭିତର ଓ ବାହାର)ଯାତ୍ରା କରନ୍ତି,ଶେଷରେ ଅତ୍ୟଧିକ ସ୍ନାନ(୧୦୮ଗରା ସୁବାସିତ ସୁଶୀତଳ ଜଳରେ) କରିବାରୁ ଜ୍ୱରାକ୍ରାନ୍ତ ହୁଅନ୍ତି,ସିଏ ପରା ସ୍ୱୟଂ ଅନ୍ତର୍ଯ୍ୟାମୀ, ନାରାୟଣ । ସାଧାରଣ ମନୁଷ୍ୟପରି ଶୀତଦିନେ ଥଣ୍ଡା ଲାଗିବ ବୋଲି ଶୀତବସ୍ତ୍ରରେ ଆବୃତ ହୁଅନ୍ତି, ତାକୁ କୁହାଯାଏ ଘୋଡଲାଗି ଅମାବାସ୍ୟା, ଓଢଣ ଷଷ୍ଠୀ(ମାର୍ଗଶୀର ଶୁକ୍ଳ ଷଷ୍ଠୀ),ପୁଣି ଶୀତ ଦିନ ସରିଗଲେ,'ଓଲାଗି' ପର୍ବ ଅର୍ଥାତ୍ ସେସବୁ ଶୀତବସ୍ତ୍ର କାଢ଼ି ସାଧାରଣ ସୂତା ବସ୍ତ୍ର ପରି- ଧାନ କରନ୍ତି ଜଗତଠାକୁର। ଏମିତି ଯୋଉ ପ୍ରଭୁ ସାଧାରଣ ଜନତାର ଜୀବନଚକ୍ର/ ଜୀବନତନ୍ତ୍ରରେ ଓତଃପ୍ରୋତ-ଭାବେ ପ୍ରତ୍ୟେକ କାର୍ଯ୍ୟରେ ଜଡ଼ିତ ସେଇ ପ୍ରଭୁଙ୍କୁ କିନ୍ତୁ ବଦନାମ କରିବାକୁ, ନୀତିକାନ୍ତିରେ ବିଭ୍ରାଟ ଘଟାଇବାକୁ ଲୋକଙ୍କର ଅଭାବନାହିଁ ।ଆଉ ସେଇମାନେ କିଏ ଜାଣନ୍ତି,ତାଙ୍କର ନିଜ ଲୋକ ବୋଲାଉଥିବା ସେବକମାନେ ଓ ଭାଗ୍ୟବଳରୁ ମହାବାହୁଙ୍କ ତତ୍ତ୍ୱାବଧାରକ ହୋଇଥିବା କିଛି ଅଧିକାରୀ। ଆପଣମାନେ ବାରମ୍ବାର ଶୁଣିଥିବେ/ ଜାଣିଥିବେ/ଦେଖିଥିବେ ଟିଭି ସୌଜନ୍ୟରୁ କୋଉଦିନ ପ୍ରଭୁଙ୍କ ପହୁଡ଼ ପଡୁନାହିଁ/ଭାଙ୍ଗୁନାହିଁ ତ କୋଉଦିନ ଆମ ବଡ- ଖିଆ ଠାକୁର ବେଶ ଶ୍ରୀଙ୍ଗାର ହୋଇ ସେମିତି ପୂଜକଙ୍କ ହାତକୁ ଅନାଇଥାନ୍ତି କିଛି ଭୋଗ ପାଇଁ,ମାତ୍ର ସେତକ ମଧ୍ୟ ଜଗତରନାଥଙ୍କୁ ଜୁଟେ ନାହିଁ,କାରଣ ତାଙ୍କ ପରମଭକ୍ତ ବୋଲାଉ -ଥିବା ତାଙ୍କ ନିଜଲୋକ ସେବକମାନେ ବିଭିନ୍ନ ଆଳରେ ବିଦ୍ରୋହ/ବିକ୍ଷୋଭ ପ୍ରଦର୍ଶନ କରୁଥାଆନ୍ତି ।ଗତ ୨୦୨୬ଇଂରାଜୀ ନୂଆବର୍ଷ ପାଳନ ନିମନ୍ତେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ସ୍ଥିରକଲେ ବର୍ଷର ଅନ୍ତିମ ଦିବସରେ (୨୦୨୫)ପ୍ରଭୁ ବିଶ୍ରାମ ନେବେ ନାହିଁ,ନୂତନବର୍ଷ ଆରମ୍ଭରୁ ଭକ୍ତଙ୍କୁ ଆର୍ଶୀବାଦ ଦେବା ସକାଶେ ସେମିତି ରତ୍ନବେଦୀ ଉପରେ ବସିଥିବେ ବଡ଼ ବଡ଼ ଚକା ଆଖି ମେଲି ।ଭକ୍ତ ତ ଉଦ୍ଧାର ହୋଇ ନଥାନ୍ତେ,ଖୋଦ୍ ମହାପ୍ରଭୁ ଉଦ୍ଧାର ପାଇଯାଇ ଥାଆନ୍ତେ ଭକ୍ତଙ୍କୁ ବିନା ବିଶ୍ରାମରେ ଆର୍ଶୀର୍ବାଦ ଦେଇ ଦେଇ। ମାତ୍ର ଏ ସମ୍ପର୍କରେ ଚାରିଆଡୁ ପ୍ରତିବାଦ/ ବିରୋଧପରେ କର୍ତ୍ତୃପକ୍ଷ ବାଧହୋଇ ଘୋଷଣାକଲେ,ନାଇଁ ପ୍ରଭୁ ତିନି ଘଣ୍ଟା ବିଶ୍ରାମ ନେବେ ଓ ନବବର୍ଷର ରାତି ୨ଟାରୁ ଭକ୍ତଜନଙ୍କୁ ଆଶୀର୍ବାଦ ଦେବେ ।ସତେକି ଜଗତର ନାଥଙ୍କୁ ଦୟାକଲେ !ଯେତେବେଳେ ଚିକିତ୍ସକମାନେ ବାରମ୍ବାର କହୁଛନ୍ତି, ମନୁଷ୍ୟ ପାଇଁ ଦୈନିକ ୭/୮ ଘଣ୍ଟା ବିଶ୍ରାମ/ନିଦ୍ରା ଜରୁରୀ, ସେଇ ମନୁଷ୍ୟଭଳି ସବୁପ୍ରକାର ଦୈନନ୍ଦିନ କାର୍ଯ୍ୟକ୍ରମ ସମାପନ କରୁଥିବା ମହାବାହୁଙ୍କୁ ଏପ୍ରକାର ଦୟା ପ୍ରଦର୍ଶନର ହେତୁ କ'ଣ ?ଏଥିରେ ଅବଶ୍ୟ ସବୁ ଭକ୍ତ ଖୁସ୍,କାରଣ ବର୍ଷସାରା କରିଥିବା ପାପ/କୁକାର୍ଯ୍ୟର ନିରାକ- ରଣ ଯଦି ହୋଇପାରିବ ଏଇ ବର୍ଷାରମ୍ଭରୁ ପ୍ରଭୁଙ୍କ ଅନିଦ୍ରା ସତ୍ତ୍ୱେ ଆଶୀର୍ବାଦରୁ ତାହେଲେ ତ କେତେ ପୁଅ ବାର ।ପ୍ରଭୁ ନ ଶୋଇଲେ ଆମର କ'ଣ ଗଲା,ଆମେ ତ ବର୍ଷ ଶେଷରାତିରେ ଆକଣ୍ଠ ପାନ, ଭୋଜନକରି ବିଭିନ୍ନ ଉତ୍ପାତିଆ ନାଚ/ଅଙ୍ଗଭଙ୍ଗୀ/କାର୍ଯ୍ୟକଳାପ କରି ବିଳ -ମ୍ବିତ ରାତ୍ରୀରେ ବିଶ୍ରାମ ନେଇଛେ। ଆମର ଗୁରୁଜନ, ବନ୍ଧୁବାନ୍ଧବ,ସଖା ସହୋଦର,ଆମର ଇଶାଣ, ଆମର ଇଷ୍ଟ,ଆମର ସବୁକିଛି,ଆମର ସର୍ବାଧିକପ୍ରିୟ, ସର୍ବୋଚ୍ଚ ପ୍ରଭୁଙ୍କୁ ଯଦି ଆମେ ଏପ୍ରକାର ନିର୍ଯ୍ୟାତନା ଦେଇ- ପାରୁଛେ କାହାକୁ କହିବା, କପାଳରେ ସିନା କର ମାରିବା ! ଆଜି ପର୍ଯ୍ୟନ୍ତ ତ ଜଗା ଦର୍ଶନକୁ ସହଜ, ସରଳ,ସାବଲୀଳ କରିପାରିଲ ନାହିଁ,ସହଜ ଧାଡ଼ି ଦର୍ଶନ ଅଦ୍ୟାବଧି ସୋଇପାରିଲା ନାହିଁ ! ଜଗାଦର୍ଶନରେ ଆଉ ପୂର୍ବର ସେ ଆନନ୍ଦ,ଆଗ୍ରହ, ଆବେଗ, ଉତ୍କଣ୍ଠା କ'ଣ ଆଉ ସମ୍ଭବ !

ଭୁବନେଶ୍ୱର
ମୋ:୯୦୯୦୧୯୦୦୬୯

ଉଦନ୍ତୀ ନଦୀରେ ଛତିଶଗଡ଼ କରିବ ବ୍ୟାରେଜ୍

# ଓଡ଼ିଶାର ୮୦ କିମି ଜଳସ୍ରୋତ ଶୁଖିଯିବ

ଭବାନୀପାଟଣା: ଉଦନ୍ତୀ ନଦୀରେ ଛତିଶଗଡ଼ ବ୍ୟାରେଜ୍ ନିର୍ମାଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଓଡ଼ିଶା ସରକାର ଏ ପର୍ଯ୍ୟନ୍ତ ଜାଣି ପାରିନାହାନ୍ତି। ଉପର ଉଦନ୍ତୀ ଓ ତଳ ଉଦନ୍ତୀରେ ଜଳସେଚନ ପ୍ରକଳ୍ପ ପାଇଁ ଓଡ଼ିଶା ପୂର୍ବରୁ କେନ୍ଦ୍ରୀୟ ଜଳ କମିସନଙ୍କ ନିକଟରେ ଫେରାଦ ହୋଇଥିଲା। ହେଲେ ଏ ନେଇ ଅନୁମତି ମିଳିନାହିଁ। ଫଳରେ ପ୍ରକଳ୍ପ କାର୍ଯ୍ୟକାରିତାରେ ଅନିଶ୍ଚିତତା ଦେଖାଦେଇଛି। ଏଭଳି ପରିସ୍ଥିତିରେ ଛତିଶଗଡ଼ ପକ୍ଷରୁ ବ୍ୟାରେଜ୍ ନିର୍ମାଣ କରାଗଲେ, ଓଡ଼ିଶାରେ ପ୍ରବାହିତ ପ୍ରାୟ ୮୦ କିମି ଉଦନ୍ତୀ ନଦୀର ଜଳସ୍ରୋତ ଶୁଖିଯିବ ଏବଂ ଏହା ଉପରେ ନିର୍ଭର କରୁଥିବା ଚାଷୀ ଓ ଲୋକେ ପାଣି ମୁନ୍ଦିଏ ପାଇବାରୁ ବଞ୍ଚିତ ହେବେ।



ଛତିଶଗଡ଼ ଗରିଆବନ୍ଧର ଦଣ୍ଡକାରଣ୍ୟ ସଂରକ୍ଷିତ ଜଙ୍ଗଲରୁ ଉଦନ୍ତୀ ନଦୀ ବାହାରି ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ସେପୁରଠାରେ ତେଲ ନଦୀରେ ମିଶିଛି। ଓଡ଼ିଶାର ନୂଆପଡ଼ା ଜିଲ୍ଲାରେ ୩୧.୨୪ କିମି ଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୫୦ କିମି ନଦୀପଥ ଲମ୍ବିଛି। ଛତିଶଗଡ଼ ସରକାର ଉଦନ୍ତୀ ସୀତାନଦୀ ସଂରକ୍ଷିତ ଜଙ୍ଗଲକୁ ୨୦୦୩ ମସିହାରେ ବ୍ୟାଘ୍ର ଅଭୟାରଣ୍ୟ ରୂପେ ଘୋଷଣା କରିଥିଲେ। ଏଠାରେ ପକ୍ଷୀ ଅଭୟାରଣ୍ୟ ଓ ବଣ ମଇଁଷିଙ୍କ ନିମନ୍ତେ ଉଦନ୍ତୀ ନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ଛତିଶଗଡ଼ର ବନ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ବ୍ୟାରେଜ୍ କେବଳ ପରୋକ୍ଷରେ ଓଡ଼ିଶାକୁ ଅକଳରେ ପକାଇବା ପାଇଁ ପ୍ରୟାସ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ୧୯୬୫ ମସିହାରୁ ଉଦନ୍ତୀ ନଦୀ ଉପରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଗୋର୍ଲାଠାରେ ଏକ ବ୍ୟାରେଜ୍ ଏବଂ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍ ବୋର୍ଡାଠାରେ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରୟାସ ହୋଇ ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ।

ଉପର ଉଦନ୍ତୀ ପ୍ରକଳ୍ପ ହେଲେ ନୂଆପଡ଼ା ଜିଲ୍ଲାର ପ୍ରାୟ ୮୫୦୦ ହେକ୍ଟର ଓ କଳାହାଣ୍ଡି ଜିଲ୍ଲାର ବୋର୍ଡାଠାରେ ୯୩୦୦ ହେକ୍ଟର ଜମି ଜଳସେଚିତ ହେବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଜିଲ୍ଲାର ପ୍ରାୟ ୪ ହଜାର ଏକର ଜମିରେ ଜଳସେଚନ ସୁବିଧା ହୋଇପାରିବ। ୨୦୧୮ ମସିହାରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟରେ ଓଡ଼ିଶା ସରକାର ଫେରାଦ ହୋଇଥିବା ବେଳେ ମହାନଦୀ ଅବବାହିକା ବିବାଦ ଯୋଗୁଁ ଏହାର ଅନୁମତି ମିଳି ପାରୁନାହିଁ। ତେବେ ଏହି ଅନୁମତି ମିଳିବା ପୂର୍ବରୁ ଛତିଶଗଡ଼ ଚାଲାକି କରି ବନ୍ୟଜନ୍ତୁ ସଂରକ୍ଷଣ ପ୍ରକଳ୍ପ ଆଳରେ ଉଦନ୍ତୀ ଉପରେ ବ୍ୟାରେଜ୍ ନିର୍ମାଣ କରିବାକୁ ଉଦ୍ୟମ ଚଳାଇଛି, ଯାହାକି ଓଡ଼ିଶାକୁ ଅସୁବିଧାରେ ପକାଇବାକୁ ଉଦ୍ଦିଷ୍ଟ ବୋଲି ଜଣାପଡୁଛି।

## ଓଡ଼ିଶା କୋଷ୍ଟ କେନାଲ୍ ପୁନରୁଦ୍ଧାର କେବେ ?

ଜଳେଶ୍ୱର: ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ଥିବା ଓଡ଼ିଶା କୋଷ୍ଟ କେନାଲ୍ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି। ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି। ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୮୬୭ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ କେନାଲ୍ ଖନନ ଆରମ୍ଭ କରିଥିଲେ। ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି। ଓଡ଼ିଶା ଭିତରକୁ ଏହି କୋଷ୍ଟ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି। ପୂର୍ବରୁ ଏହି କୋଷ୍ଟ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା। ନୌପରିବହନ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା। ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ



କେନାଲ୍ ?ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ। କୋଷ୍ଟ କେନାଲ୍ ଯୋଗୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟା ଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା। ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା। ହଜାର ହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ। ତେବେ, ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି। କେନାଲ୍ ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି। ୨୦୧୯ ମସିହାରେ କୋଷ୍ଟ କେନାଲ୍‌ର ପୁନରୁଦ୍ଧାର ପାଇଁ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନି। ୨୦୨୫ ଫେବୃଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ୮ ମାସ ହେଲା ଏଥିରେ କୌଣସି ଅଗ୍ରଗତି ହୋଇନି।

# ଅନୁଗୁଳରେ ଆୟୁର୍ବେଦ ପ୍ରତିଷ୍ଠାନ ପାଇଁ ଦାବି

ଅନୁଗୁଳ: ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ଅନୁଗୁଳଜିଲ୍ଲା। ସାତକୋଶିଆର ଜୈବ ବିବିଧତା ଭରା ଜଙ୍ଗଲ ହେଉ କି ଦୁର୍ଲଭ ବୃକ୍ଷରାଜିର ସମ୍ଭାର ଥିବା ମନ୍ଦରଗିରି ପାହାଡ଼, ସବୁବେଳେ ଏହା ଆୟୁର୍ବେଦ ଚିକିତ୍ସକଙ୍କ ଆକର୍ଷଣର କାରଣ ସାଜିଛି। ଦେଶରେ ୩ଟି ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ହେବା ନେଇ କେନ୍ଦ୍ର ବଜେଟ୍‌ରେ ଘୋଷଣା ହେବା ପରେ ପୁଣି ଚର୍ଚ୍ଚାରେ ଅନୁଗୁଳର ବିରଳ ଔଷଧୀୟ ବୃକ୍ଷଲତାର ଭଣ୍ଡାର। ଆୟୁର୍ବେଦ ଚିକିତ୍ସା ନେଇ ଏଠାରେ ଥିବା ସମ୍ଭାବନାକୁ ସରକାର ସୁଯୋଗରେ ପରିଣତ କରିବା ନେଇ ଆଶା ବାନ୍ଧିଲେଣି ଅନୁଗୁଳବାସୀ। ବହୁଦିନ ଧରି ଅବହେଳାର ଶିକାର ହୋଇ ରହିଥିବା ଅନୁଗୁଳ ଜିଲ୍ଲାରେ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରି ଡବଲ୍ ଇଞ୍ଜିନ୍ ସରକାର ହକ୍ ଦେବାକୁ ଦାବି ଉଠିଛି।



ଅନୁଗୁଳ ଜିଲ୍ଲାରେ ପ୍ରାୟ ୧୨୦୦ ପ୍ରକାରର ଔଷଧୀୟ ବୃକ୍ଷଲତା ଓ ଗୁଳ୍ମ ରହିଛି। ସାତକୋଶିଆ ସହିତ ମନ୍ଦରଗିରି ଓ ମାଲ୍ୟଗିରି ପର୍ବତରେ ବହୁ ବିରଳ ଔଷଧୀୟ ବୃକ୍ଷର ସନ୍ଧାନ ପାଇଛନ୍ତି ଗବେଷକ। ଅନୁଗୁଳ ଜିଲ୍ଲାରେ ୧୩ ପ୍ରକାରର ଆଦିମ ଜନଜାତି ବାସ କରନ୍ତି। ଏହି ଆଦିମ ଜନଜାତି ରୋଗ ଉପଶମ ପାଇଁ ଏଠାକାର ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ ବ୍ୟବହାର କରି ଆସୁଛନ୍ତି। ଏମିତିକି ଅନୁଗୁଳ ଜିଲ୍ଲାରେ ବିଲୁପ୍ତପ୍ରାୟ ୪୧ଟି ବିରଳ ପ୍ରଜାତିର ଔଷଧୀୟ ବୃକ୍ଷ ରହିଛି। ଏଣୁ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ ହେଲେ ଏସବୁ ଔଷଧୀୟ ବୃକ୍ଷ ସଂରକ୍ଷଣ ହେବା ସହ ରୋଗ ଉପଚାରରେ ବେଶ୍ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଉଦ୍ଭିଦ ବିଜ୍ଞାନୀ ଡ. ଗୌରୀଶଙ୍କର ଯୁଗ ପ୍ରକାଶ ଜେନା କହିଛନ୍ତି, ଆୟୁର୍ବେଦ ପ୍ରତିଷ୍ଠାନ ପାଇଁ ଅନୁଗୁଳ ଜିଲ୍ଲାରେ ଉପଯୁକ୍ତ ପରିବେଶ ଓ ଭିତ୍ତିଭୂମି ରହିଛି। ଏଠାରେ ଥିବା ବିରଳ ଔଷଧୀୟ ବୃକ୍ଷଲତା ଆୟୁର୍ବେଦ ଚିକିତ୍ସାକୁ ବେଶ୍ ସହାୟକ ହୋଇପାରିବ। ବିଶେଷକରି ଗବେଷଣା ଓ ସଂରକ୍ଷଣ ଦିଗରେ ଅନୁଗୁଳ ପ୍ରକୃଷ୍ଟ ସ୍ଥାନ ବୋଲି ସେ କହିଛନ୍ତି। ରାଜସ୍ୱ ଦେବା କ୍ଷେତ୍ରରେ ସବୁବେଳେ ଆଗରେ ରହୁଥିବା ଅନୁଗୁଳ ଏ ପର୍ଯ୍ୟନ୍ତ ନିଜର ଉପଯୁକ୍ତ ହକ୍ ପାଇନି। ଏହି ଜିଲ୍ଲାରେ ଏ ପର୍ଯ୍ୟନ୍ତ କୌଣସି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇପାରିଲାନି। ଜାତୀୟସ୍ତରରେ ପ୍ରତିଷ୍ଠାନ ବି ନାହିଁ। ଚିକିତ୍ସା ଭିତ୍ତିଭୂମି ମଧ୍ୟ ଦୁର୍ବଳ। ଏଣୁ ବିଳମ୍ବରେ ହେ ?ଲେ ବି ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବାକୁ ସାଧାରଣରେ ଦାବି ଉଠିଛି। କାରଣ ମନ୍ଦରଗିରି ପାହାଡ଼ ଔଷଧୀୟ ବୃକ୍ଷର ମାହାତ୍ମ୍ୟ ସାରା ଦେଶ ଜାଣିଛି। ଅନୁଗୁଳରେ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରେ ଦାବି ରଖିବେ ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସରକାର ଦେଶରେ ୩ଟି ଆୟୁର୍ବେଦ ପ୍ରତିଷ୍ଠାନ ଖୋଲିବାକୁ ଯାଉଥିଲା ବେଳେ ଏଥିରୁ ଗୋଟିଏ ପ୍ରତିଷ୍ଠାନ ଅନୁଗୁଳ ଜିଲ୍ଲାରେ ସ୍ଥାପନ ହେବା ଦରକାର। ଏ ଦିଗରେ ପଦକ୍ଷେପ ନେବାକୁ ସେ ସରକାରଙ୍କ ପାଖରେ ଯୁକ୍ତି ରଖିବେ।

## କାମରେ ଲାଗୁନି ଆମ ଶୌଚାଳୟ : ହନ୍ତସନ୍ତ ଯାତ୍ରୀ



ଧର୍ମଶାଳା : ଯାଜପୁର ଜିଲା ଜାରକା ବସ୍ ରହଣି ସ୍ଥାନରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ରହିଥିବା ଶୌଚାଳୟ କାମରେ ଲାଗୁନି। ଏହା ଅପରିଷ୍କାର ଭାବେ ଅଳିଆ ଆବର୍ଜନା ହୋଇ ପଡ଼ିରହିଥିବା ବେଳେ ଏହାର ଦୁର୍ଗନ୍ଧ ଯୋଗୁ ପାଖରେ ଛିଡା ହେବା ସମ୍ଭବ ହୋଇ ପାରୁନାହିଁ। ଷୋହଳ ନମ୍ବର ଜାତୀୟ ରାଜପଥର ଜାରକା ବସ୍ ରହଣି ସ୍ଥାନଟି ସବୁ ସମୟରେ ଭିଡ ରହିଥାଏ। ସକାଳ ହେଲେ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କ ଠାରୁ ଆରମ୍ଭ କରି ମହିଳାମାନେ ବସ୍‌ରେ ନିଜ ଗନ୍ତବ୍ୟସ୍ଥଳକୁ ଯିବା ଆସିବା କରିଥାନ୍ତି। କିନ୍ତୁ ରହିଥିବା ଶୌଚାଳୟଟି ବ୍ୟବହାର ପାଇଁ ଅନୁପଯୋଗୀ କାରଣରୁ ମହିଳାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଶୌଚାଳୟ ଥାଇ କି ବି ଅପରିଷ୍କାର ଭାବେ ପଡିରହିଥିବା ବେଳେ କେହି ଏହା ଉପରେ ଦୃଷ୍ଟି ଦେଉନଥିବା ଘଟଣାକୁ ନିନ୍ଦା କରାଯାଇଛି। ସବୁ ଠାରୁ ବଡ କଥା ଏହାର ନିକଟରେ ଜାରକା ପୋଲିସ ଫାଣ୍ଡି ମଧ୍ୟ ରହିଛି। ପୂର୍ବରୁ ଅନେକ ବାର ଜାରକା ଫାଣ୍ଡି ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ସହଯୋଗରେ ଏହାକୁ ସଫେଇ କରିବା ସହ ଏହାର ମରାମତି ମଧ୍ୟ କରିଥିବା ଦେଖିବାକୁ ମିଳୁଥିଲା। କିନ୍ତୁ କିଛି ଦିନ ହେବ ଏହା ରକ୍ଷଣା ବେକ୍ଷଣ ଅଭାବରୁ ଅତି ଖରାପ ହୋଇପଡ଼ିରହିଛି। ଏହା ଉପରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ପହରିଆ ଆଦିମ ଜନଜାତି

ନୂଆପଡ଼ା : ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲରେ ରହୁଥିବା ପାରମ୍ପରିକ ଓ ଅଣ ପାରମ୍ପରିକ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଜଙ୍ଗଲ ଜମି ଅଧିକାର ଆଇନ। କିନ୍ତୁ ଦୀର୍ଘ ଦଶନ୍ଧି ନେଇ ଜଙ୍ଗଲ ଅଞ୍ଚଳରେ ବସବାସ କରିଆସୁଥିବା ପହରିଆ ସମ୍ପ୍ରଦାୟର ଆଦିମ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନ ଥିବାରୁ ଏବେ ଏମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ ସହ ପାଟଧାରାର ଜଙ୍ଗଲ ଅଞ୍ଚଳରେ ଆଦିମ କାଳରୁ ବସବାସ କରି ଆସୁଥିବା ଏହି ପହରିଆ ଆଦିମ ଜନଜାତି ଜଙ୍ଗଲ ଉପରେ ନିର୍ଭର କରି ଜଙ୍ଗଲରୁ ବନ୍ୟଜାତ ଦ୍ରବ୍ୟ ସହ ମୁଖ୍ୟତଃ ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ନିଜ ଜୀବିକା ନିର୍ବାହ କରି ଆସୁଛନ୍ତି। କିନ୍ତୁ ବର୍ତ୍ତମାନ ଜଙ୍ଗଲରେ ବାଉଁଶ ଅଭାବ ସହ ବଜାରରେ ବାଉଁଶରେ ତିଆରି ସାମଗ୍ରୀର ଚାହିଦା କମିଯିବାରୁ ଏମାନଙ୍କ ଜୀବିକା ସଙ୍କଟରେ ପଡ଼ିଛି। ନିଜ ପରିବାର ପ୍ରତିପୋଷଣ ପାଇଁ ଏମାନେ ସମସ୍ୟାରେ ପଡ଼ି ରହିଛନ୍ତି। ଯା ଫଳରେ ଏମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି।

ଛତିଶଗଡ଼ରେ ଆଦିବାସୀ ଶ୍ରେଣୀର ମାନ୍ୟତା ପାଇଛନ୍ତି ପହରିଆ ସମ୍ପ୍ରଦାୟର ଆଦିମ ଜନଜାତି ଜଙ୍ଗଲ ଜମି ପାଇଁ ଏହି ଜନଜାତି ବନବିଭାଗ ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ରୁ ସରକାରୀ ଯୋଜନାରୁ ଏମାନେ ବଞ୍ଚିତ ରହିଯାଇଛନ୍ତି ଏହି ପହରିଆ ସମ୍ପ୍ରଦାୟର ଆଦିମ ଜନଜାତି ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ଆଦିବାସୀ ଶ୍ରେଣୀର ମାନ୍ୟତା ପାଇ ସମସ୍ତ ସରକାରୀ ଯୋଜନାରେ ସାମିଲ ହୋଇ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ବେଳେ ଓଡ଼ିଶାରେ କିନ୍ତୁ ଆଦିବାସୀ ମାନ୍ୟତା ମିଳିପାରି ନାହିଁ।

ଏମାନଙ୍କୁ ସରକାରୀ ସହାୟତା ଓ ଯୋଜନାରେ ଶୀଘ୍ର ସାମିଲ ପାଇଁ ଆଦିବାସୀ ସଂଘ ମଧ୍ୟ ଦାବି କରିଛି। ଏହା ସହ ପହରିଆ ଜନଜାତିଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ପହରିଆ ଜନଜାତି ଆନ୍ଦୋଳନକୁ ଓହ୍ଲାଇବ ଓ ଆଦିବାସୀମାନେ ଏହି ଆନ୍ଦୋଳାନରେ ସାମିଲ ହେବେ ବୋଲି ଆଦିବାସୀ ନେତା ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହି ପାହରିଆ ସମ୍ପ୍ରଦାୟର ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବାରେ ଦେଖଦେଇଥିବା ସମସ୍ୟାର ସମାଧାନ କରି ଜଙ୍ଗଲ ଜମି ଯୋଗାଇ ଦେବା ଦିଗରେ ଶୀଘ୍ର ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।



# ୟୁଜିସି ବିଲ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ବଲାଙ୍ଗିର, (ପିପିଏସ୍) : ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମାଜରୁ ଜାତିଭେଦ ଦୂରେଇ ଥିବା ବେଳେ ନିଜେ କେନ୍ଦ୍ର ସରକାର ଜାତିଭେଦ ପ୍ରଥାକୁ ପ୍ରୋତ୍ସାହିତ କରୁଛନ୍ତି । ବିଲ୍‌ରେ ଯେଉଁଭଳି ବ୍ୟବସ୍ଥା ରହିଛି କେବଳ ବ୍ରାହ୍ମଣମାନେ ଦୋଷୀ ବୋଲି ସିଧାସଳଖ ସରକାର ବିଚାର କରି କରିଛନ୍ତି । ଯାହାକି ସଂପୂର୍ଣ୍ଣ ମିଥ୍ୟା ଓ ତୃଟିପୂର୍ଣ୍ଣ ବୋଲି କହି ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ରାହ୍ମଣ ମହାସଭାର ଜିଲ୍ଲା ସଭାପତି ପ୍ରାଣ୍ୱଲ୍ଲଭ ତ୍ରିପାଠୀ, ଉପସଭାପତି କିଶୋର କୁମାର ପୁରୋହିତ ଓ ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ସଭ୍ୟା ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ୟୁଜିସି ବିଲ୍ କୁ କେନ୍ଦ୍ର ସରକାର ତୁରନ୍ତ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୟୁଜିସି କେବଳ ଭୋଟବ୍ୟାଙ୍କ ସୃଷ୍ଟି ପାଇଁ କରାଯାଇଛି । ବିଲରେ ଜାତିଗତ ବିଦ୍ୱେଶ ସୃଷ୍ଟି କରାଯାଇ ଦେଶକୁ ଭୁଲ୍ ରାସ୍ତାରେ ନେବାକୁ ଉଦ୍ୟମ ହେଉଛି । ଆଜି ପର୍ଯ୍ୟନ୍ତଏସସି/ଏସଟି ଆଟ୍ରୋସିଟିର ବହୁଳ ମାତ୍ରାରେ ଅପବ୍ୟବହାର ହେଉଛି ଓ ଏହି ବିଲ୍ ଆସିଲେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆହୁରି ବିଭେଦ ସୃଷ୍ଟି ହେବାକୁ ଯାଉଛି । ବିଲ୍ ରେ ଏସ/ଏସଟି, ଓବିସି ବର୍ଗର ସଭ୍ୟ ଇକ୍ୟୁଟି କମିଟିରେ ରଖାଯାଇଥିବା ବେଳେ ସାଧାରଣ ବର୍ଗର ସଭ୍ୟ ରଖିବାର ପ୍ରାବଧାନ ନାହିଁ । ଠିକ୍ ସେହିପରି ଯେଉଁମାନେ ଅଭିଯୋଗ କରିଥିବେ ସେମାନଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲେ ସେମାନେ ବିଲ୍ ର ଅପବ୍ୟବହାର କରିଥିବା ଅଭିଯୋଗରେ ଦଣ୍ଡିତ ହେବାର ବ୍ୟବସ୍ଥା ମଧ୍ୟ ରଖାଯାଇ ନାହିଁ । ଫଳରେ କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସବୁବେଳେ ଭୟର ବାତାବରଣ ମଧ୍ୟରେ ରହି ମାନସିକ ଚାପରେ ପାଠ ମଧ୍ୟ ପଢି ପାରିବେ ନାହିଁ । ଏହା ସମ୍ବିଧାନର ଧାରା ୧୪ର ସଂପୂର୍ଣ୍ଣ ଉଲ୍ଲଂଘନ ହେଉଛି ଓ ବ୍ରାହ୍ମଣମାନଙ୍କର ବଞ୍ଚିବାର ଅଧିକାରର ହନନ ହେବ ବୋଲି କୁହାଯାଇଛି । ସମ୍ବିଧାନରେ କୌଣସି ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ ବିଭେଦ କରାଯାଇ ପାରିବ ନାହିଁ ବୋଲି ନିୟମ ରହିଥିବା ବେଳେ ୟୁଜିସି ବିଲ୍ ଏହି ନିୟମର ବିରୁଦ୍ଧାଚରଣ କରୁଛି, ତେଣୁ ତୁରନ୍ତ ଏଭଳି ବିବାଦୀୟ ବିଲ୍ କୁ ପ୍ରତ୍ୟାହାର କରାଯାଉ ବୋଲି ବ୍ରାହ୍ମଣ ମହାସଭା ଦାବି କରିଛି । ଆଜିର ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ସଂକିର୍ତ୍ତନ ମିଶ୍ର, ଯୁଗ୍ମ ସଂପାଦକ ସୋମନାଥ ମିଶ୍ର, ରାକେଶ ପଣ୍ଡା, କାହ୍ନା ଶତପଥି, ବିଜୟଲକ୍ଷ୍ମୀ ମିଶ୍ରଙ୍କ ସମେତ ଶତାଧିକ ସଭ୍ୟ/ସଭ୍ୟା ସାମିଲ ହୋଇଥିଲେ ।

# ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟିତ




ରାୟଗଡା(ପିପିଏସ୍) : ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ବିକାଶ ଓ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷ ଅଧୀକ୍ଷକ ଗୋସନର ବାର୍ଲା, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାୟକ,ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମୀନତି ଦେଓ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଏନ ଗୁଣାଶେଖର, ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଖ୍ୟାନ ହିମାଂଶୁ ମୋହନ ଲେଙ୍କା, ଅତିରିକ୍ତ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଡିପିଏମ -ଏନ୍‌ଏଚ୍‌ଏମ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଭିଯାନର ଉଦ୍‌ଘାଟନ କରି ଯଥାସମୟରେ ତଥ୍ୟ ଅପଡେଟ୍ ଉପରେ ବିଶେଷ ଗୁରୁତ୍ୱ ବିଶେଷ ଭାବେ ଦେବାପାଇଁ କହିଥିଲେ । ମୁନିଗଡ଼ା ବ୍ଲକକୁ ବିଶେଷ ଗୁରୁତ୍ୱ ଦେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ବ୍ଲକରେ ସ୍ୱାସ୍ଥ୍ୟ, ପୁଷ୍ଟି, କୃଷି ଓ ଶିକ୍ଷା ସୂଚକମାନଙ୍କର ଶତପ୍ରତିଶତ ସମ୍ପୂର୍ଣ୍ଣତା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀମାନେ ମଧ୍ୟରେ ସମନ୍ୱୟ ଓ ସମ୍ବନ୍ଧ ମଜବୁତ କରି ଜିଲ୍ଲାକୁ ଜାତୀୟ ସ୍ତରରେ ସର୍ବୋତ୍କୃଷ୍ଟ ଜିଲ୍ଲା ସ୍ୱରୂପେ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯାନର ପ୍ରସ୍ତୁତି ବୈଠକ ୨୯ ଜାନୁଆରୀରେ ଆୟୋଜିତ ହୋଇଥିଲା । ଅଭିଯାନର ଶୁଭାରମ୍ଭ ୦୩ ଫେବୃଆରୀ ସକାଳ ୮ ଘଟିକା ସମୟରେ ରାୟଗଡ଼ରେ ବ୍ୟାପକ ରାଲି ଦ୍ୱାରା ହୋଇଥିଲା, ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ଅଂଶଗ୍ରହଣ କରିଥିଲେ । ଏହି ୩ ମାସର ଅଭିଯାନ ଜାତୀୟ ସ୍ତରରେ ୨୮ ଜାନୁଆରୀ ୨୦୨୬ରୁ ଆରମ୍ଭ ହୋଇ ୧୪ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମର ଅଂଶ ରୂପେ ୧୨୨ଟି ଜିଲ୍ଲାରେ ୫ଟି ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ୫୧୩ଟି ବ୍ଲକରେ ୬ଟି ସୂଚକ ଉପରେ ଜାତୀୟସ୍ତରରେ କାର୍ଯ୍ୟ ହେବ । ଏହି ଅଭିଯାନର ମୁଖ୍ୟ ୩ଟି ସୂଚକ ହେଉଛି ସ୍ୱାସ୍ଥ୍ୟ ଓ ପୁଷ୍ଟି, କୃଷି ଏବଂ ଶିକ୍ଷା । ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଧୀନରେ ଟିବି ରୋଗ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ, ଶିକ୍ଷା ଅଧୀନରେ ବିଦ୍ୟାଳୟ ଓ ଅଙ୍ଗନବାଡ଼ିର କାର୍ଯ୍ୟକ୍ଷମ ମହିଳା ଶୌଚାଳୟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଶେଷ ଅଭିଯାନ ଅନୁଷ୍ଠିତ ହେବ । ବିଭିନ୍ନ ବିଭାଗର ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ସହ ସଫଳତା କାହାଣୀ ସଂଗ୍ରହ କରିବେ । ପ୍ରତିମାସରେ ଅଗ୍ରଗତି ରିପୋର୍ଟ ଜମା କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ । ୧୪ ଏପ୍ରିଲ୍ ବି.ଆର. ଆମ୍ବେଦକର ଜୟନ୍ତୀରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ସର୍ବୋତ୍ତମ ଅଭ୍ୟାସ ପାଇଁ ପୁରସ୍କାର ପ୍ରଦାନ କରି ଅଭିଯାନର ସମାପ୍ତି ଘୋଷଣା କରାଯିବ । ଏହି ବୈଠକ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ପ୍ରକଳ୍ପ ପରିଚାଳକ ନରେଶ ଶର୍ମା ପରିଚାଳନା କରିଥିଲେ ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଜିଲ୍ଲାରେ ସରକାରୀ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣତା ନିଶ୍ଚିତ ହେବ ବୋଲି ଶପଥ ନେଇଛନ୍ତି ।

# ପ୍ରାଦେଶିକ କ୍ରୀଡ଼ା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

କେନ୍ଦୁଝର: ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ପ୍ରାଦେଶିକ କ୍ରୀଡା ପ୍ରତିଯୋଗିତା ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କ୍ରୀଡା ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ଗଦଗଦି ଉଦୟପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।ସତର ବର୍ଷରୁ କମ୍ ବାଳିକା ବିଭାଗରେ ଗୁନଗୁନ ରାଣୀ ମହାନ୍ତ ୧୦୦ ମିଟର ଦୌଡରେ ଏବଂ ରିଲେ ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ବାଳକ ବିଭାଗରେ ନିରଞ୍ଜନ ମହାନ୍ତ ୪୦୦ ମିଟର ଦୌଡରେ ତୃତୀୟ ସ୍ଥାନ ଏବଂ ବାଧା ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଏଥିପାଇଁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଏବଂ ଆଚାର୍ଯ୍ୟ ଆଚାର୍ଯ୍ୟା ସେମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଏବଂ ପଦ ଧୌତ କରି ସ୍ୱାଗତ କରିବା ସହିତ ଘୋଷ ବାଦ୍ୟ ବଜାଇ ବିଦ୍ୟାଳୟକୁ ପାଛୋଟି ନେଇଥିଲେ ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ମିଳିଲା ୪୦ ଏକର ଜମିପଟ୍ଟା

ଜୟପୁର: ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ କୁ ଗ୍ରୀନ ସିଗନାଲ ମିଳିବା ସହ ରଣ୍ଡାପାଲିଠାରେ ଚିହ୍ନଟ ହୋଇଥିବା ୪୦ ଏକର ଜମିର ପଟ୍ଟା ଅତିରିକ୍ତ ତହସିଲଦାର ଅଫିସ ପକ୍ଷରୁ ରେଜିଷ୍ଟ୍ରାର ମହେଶ୍ୱର ନାୟକଙ୍କୁ ପ୍ରଦାନ କରାଯାଇଛି । ସଦର ବ୍ଲକ ରଣ୍ଡାପାଲି ମୌଜାରେ ୪୦ ଏକର ରାଜସ୍ୱ ବିଭାଗ ଜମି ରହିଥିଲା । ଏହା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ପ୍ରତିଷ୍ଠା ଲାଗି ଚିହ୍ନଟ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ବ୍ରହ୍ମପୁର ଦକ୍ଷିଣାଂଚଳ ଆରଡିସିଙ୍କୁ ଏହି ଜମି ହସ୍ତାନ୍ତର ବାବଦରେ ଚିଠି କରାଯାଇଥିଲା । ରାଜସ୍ୱ ବିଭାଗ ଅଧିନରୁ ଏହା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ଯାଇଥିଲା । ହସ୍ତାନ୍ତର ବାବଦ ମାମଲା ରେକର୍ଡ ସହ ଆରଏମସି (ରେଭେନ୍ୟୁ ମନିଟରି ସେଲ) ରିପୋର୍ଟ ଦାଖଲ କରାଯାଇଥିଲା । ଦିଆଯାଇଥିବା ରେକର୍ଡର ଏକକିତା ଲେଖାଏଁ ନକଲ ଜୟପୁର ଉପଜିଲ୍ଲାପାଳ, ତହସିଲଦାର ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟାରଙ୍କୁ ପଠାଯାଇଥିଲା । ବର୍ତ୍ତମାନ ଜମି ବିଶ୍ୱବିଦ୍ୟାଳୟ ନାମରେ ପଞ୍ଜିକରଣ ହେବା ପରେ ନୂଆ କ୍ୟାମ୍ପସ ପ୍ରତିଷ୍ଠା କାମ ଆରମ୍ଭ ହେବ । ପ୍ରକାଶ ଥାଉକି ୨ ବର୍ଷ ପୂର୍ବେ ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ଲାଗି ରଣ୍ଡାପାଲି ମୌଜାର ସରକାରୀ ପଲିଟେକନିକ କଲେଜ ପାଖରେ ପ୍ରଥମେ ୭୩ ଏକର ଜମି ଚିହ୍ନଟ ହୋଇଥିଲା । ଯାଂଚ ପରେ ଏହା ୭୦ ଏକରକୁ ଖସିଥିଲା । ସେ ଭିତରେ ଥିଲା ୪୦ ଏକର ପତିତ ଏବଂ ୩୦ ଏକର ଗୋଚର କିସମ । ଗୋଚର ଜମିରେ ଥିବା ଗଛ କାଟିବା ଲାଗି ବନ ବିଭାଗ କୁଆଡେ ଅନୁମତି ଦେଉନଥିବାରୁ ହସ୍ତାନ୍ତର ପ୍ରକିୟାରେ ଢିଲା ହୋଇଥିଲା । ୪୦ ଏକରରେ ବିଶ୍ୱବିଦ୍ୟାଳୟ ହୋଇପାରିବ ବୋଲି ରାଜସ୍ୱ ବିଭାଗ କର୍ମଚାରୀ ମାନେ ବିଭିନ୍ନ ବୈଠକରେ ମତ ଦେବା ପରେ ଏପ୍ରିଲ ୧୦ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିତ ତଥା କମିଶନର ବିଶ୍ୱବିଦ୍ୟାଳୟ ପରିଦର୍ଶନ ବେଳେ ଅଧ୍ୟାପକ ନିଯୁକ୍ତି, ନୂଆ କ୍ୟାମ୍ପସ ନିର୍ମାଣ ଏବଂ ଗବେଷଣା ବାବଦରେ ଆଲୋଚନା କରିଥିଲେ ।

# ସମସ୍ୟା ସମାଧାନ ଦାବି
## ଆନ୍ଦୋଳନ କରିବେ କାଗଜକଳର ଅବସରପ୍ରାପ୍ତ ଶ୍ରମିକ

ଜୟପୁର: ସ୍ଥାନୀୟ ଯାଦବ ଭବନ ଠାରେ ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଜରୁରୀ ବୈଠକ ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶ୍ରମିକ ନେତା ଏବଂ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଆବାହକ ପ୍ରମୋଦ କୁମାର ମହାନ୍ତି କହିଛନ୍ତି ଯେ ପି ଏଫ୍ , ଗ୍ରାଚ୍ୟୁଇଟି , ବକେୟା ପାଉଣା ପାଇଁ ଦୀର୍ଘ ୫୧୦ ଦିନ ଧରି ଶ୍ରମିକ ମାନେ କାରଖାନା ମେନ୍ ଗେଟ୍ ପାର୍ଶ୍ୱରେ ଧାରଣା ଦେଇ ଆସୁଛନ୍ତି । କାରଖାନା ଜୁଲାଇ ୨୦୨୪ ରୁ ବନ୍ଦ । ଗତ ତିନି ମାସ ହେଲା ଅଫିସର୍ ମାନେ କେହି ଆସୁ ନାହାଁନ୍ତି । ସପ୍ତାହରେ ଦୁଇ ତିନି ଦିନ କେବଳ ଏଚ୍ ଆର୍ ହେଡ କାରଖାନା କୁ ଆସୁଛନ୍ତି । ଶ୍ରମିକ ମାନେ ବହୁତ କମ୍ ସଂଖ୍ୟକ ଯାଉଛନ୍ତି । ୟୁନିଟ୍ ହେଡ ତିନି ମାସ ହେଲା ନାହିଁ । ପ୍ରାୟ ଷାଠିଏ ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶ୍ରମିକ ଓ ଠିକା ଶ୍ରମିକ ମୃତ୍ୟୁ ବରଣ କଲେଣି । ଆନ୍ଦୋଳନ କୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ଶ୍ରମିକ ମାନେ ପ୍ରତିଦିନ ଏକ ଘଂଟା ଧାରଣା ଦେଉଛନ୍ତି । ଗତ ଅଗଷ୍ଟ ୯ ତାରିଖରେ ମୁଖ୍ୟମନ୍ତ୍ରୀ କାଗଜ କଳ ପାଖ ଦେଇ ବାଙ୍କବିଜା ପଡ଼ିଆ ସାଧାରଣ ସଭାରେ ଘୋଷଣା କଲେ ଯେ , କାଗଜ କଳ କୁ ଚଲେଇବା ପାଇଁ ସବୁ ଉଦ୍ୟମ କରାଯିବ ।

କିନ୍ତୁ କୌଣସି ବିଷୟ ସ୍ପଷ୍ଟ ହେଉନାହିଁ । ଏଣୁ ସଭାରେ ସମସ୍ତେ ମିଳିତ ଭାବେ ସ୍ଥିର କରିଛନ୍ତି ଯେ କାରଖାନା ପାର୍ଶ୍ୱରେ ଚାଲିଥିବା ଧାରଣା ଜାରି ରହିବ , ଯେଉଁ ଅବସରପ୍ରାପ୍ତ ଶ୍ରମିକ ମାନେ ପେନସନ ପାଇଲେଣି ସ୍ୱେଚ୍ଛାରେ ପ୍ରତି ମାସ ପେନସନ ରୁ ଏକ ଶହ ଟଙ୍କା ସଂଗ୍ରାମ ପାଣ୍ଠିକୁ ଦେବେ , ଯଦି ଡିସେମ୍ବର ମାସ ସୁଦ୍ଧା କିଛି ହେଉନାହିଁ ତାହେଲେ ୨୦୨୬ ଜାନୁଆରୀ ଏକ ତାରିଖରୁ ଜୟପୁର ମୁଖ୍ୟ ଟ୍ରାଫିକ ଛକ ପାଖରେ ପ୍ରତିଦିନ ସକାଳ ଘ:୧୦ ରୁ ଘ:ଏଗାର ପର୍ଯ୍ୟନ୍ତ ଦଣ୍ଡାୟମାନ ଧାରଣା ଆରମ୍ଭ ହେବ । ଜୟପୁର ର ସମସ୍ତ ରାଜନୈତିକ ଦଳ, ଜନପ୍ରତିନିଧି, ଶ୍ରମିକ ସଂଗଠନ ଓ ବିଭିନ୍ନ ସଂଗଠନ ମାନଙ୍କ ସହଯୋଗ ଲୋଡି ଆନ୍ଦୋଳନ କୁ ବ୍ୟାପକ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଆଜିର ବୈଠକରେ ସର୍ବଶ୍ରୀ ସୁବାଷ ବେହେରା , ସରୋଜ ପଣ୍ଡା , ଭୀମସେନ ହୋତା, ଧ୍ରୁବ ମଲ୍ଲିକ, ଭାସ୍କର ମିଶ୍ର, ଚକ୍ରଧର ମଲ୍ଲିକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଯୋଗାଣ ସହାୟକଙ୍କୁ ସ୍ଥାୟୀ କରିବାକୁ ଦାବି

ଜୟପୁର: କୋରାପୁଟ ଜିଲା ଯୋଗାଣ ସହାୟକମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଯୋଗାଣ ସହାୟକ ମାନଙ୍କ ସମସ୍ତ ସମସ୍ୟା ନେଇ ଦେବିଘାଟ ପଂଚାୟତର ରାଜିବ ଗାନ୍ଧୀ ସେବା କେନ୍ଦ୍ର ଠାରେ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲା ସଭାପତି ମଧୁସୁଦନ ରାଉତ ଓ ସମ୍ପାଦକ ଶ୍ରୀଧର ନାୟକ ସମସ୍ତ ସମସ୍ୟା ଓ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯଦି ସରକାର ନଶୁଣନ୍ତି ତେବେ ଆଗାମୀ ଦିନରେ ଦୃଢ ପଦକ୍ଷେପ ନେବେ ବୋଲି ସଭାପତି ରାଉତ ଜଣେଇଛନ୍ତି । ଦାବି ଗୁଡିକ ମଧ୍ୟରେ ଯୋଗାଣ ସହାୟକଙ୍କୁ ସ୍ଥାୟୀ କରିବା ସହ ଦରମା ବୃଦ୍ଧି କରିବା, ଯୋଗାଣ ସହାୟକଙ୍କ ନାମରେ ପିଡିଏସ ଲାଇସେନ୍ସ କରିବା, କାର୍ଯ୍ୟରତ ଯୋଗାଣ ସହାୟକଙ୍କ ମୃତ୍ୟୁକାଳିନ ସହାୟତାକ ସହ ତାଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରିବା, ଯୋଗାଣ ସହାୟକଙ୍କୁ ପଂଚାୟତରାଜ ବିଭାଗରୁ ନିବୃତ କରି ଯୋଗାଣ ବିଭାଗରେ ଅନ୍ତର୍ଭୂକ୍ତ କରାଯାଉ ଆଦି ଦାବି ରହିଛି । ବୈଠକର ପରିଚାଳକ ଅଜିତ କୁମାର ଦଳେଇ ସରକାରଙ୍କୁ ଦିବେଦନ କରି କହିଛନ୍ତି ଯେ, ଆଜିକୁ ଦଶ ବର୍ଷରୁ ଉର୍ଦ୍ଧ୍ୱ ହେବ ଯୋଗାଣ ସହାୟକ ମାନେ ନିରବଚ୍ଛିନ୍ନ ଭାବେ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି । ପଂଚାୟତ ଅଧିନରେ ଥିବା ସମସ୍ତ ହିତାଧିକାରି ମାନଙ୍କୁ ମାସକୁ ମାସ ପିଡିଏସ ସାମଗ୍ରୀ ବଂଟନ କରୁଛନ୍ତି । ଆବଶ୍ୟକ ସ୍ଥଳେ ଦିବ୍ୟାଙ୍ଗ, ଅତି ବୁଢା ବୁଢି, ଘର ଘର ଯାଇ ପିଡିଏସ ସାମଗ୍ରୀ ଯୋଗାଇ ଦିଆଯାଉଛି । କରୋନା ମହାମାରି ସମୟରେ ମଧ୍ୟ ଖାତିର ନକରି ନିସ୍ୱାର୍ଥ ସେବା ହିତାଧିକାରିଙ୍କୁ ଯୋଗାଣ ସହାୟକ ମାନେ ସମସ୍ତ ସୁବିଧା ଯୋଗାଇ ଆସିଥିଲେ । ଜଣେ ଯୋଗାଣ ସହାୟକ ମାସିକ ୮ ହଜାର ଟଙ୍କା ଦରମାରେ ପରିବାର ଚଳାଇବା ବହୁ କଷ୍ଟକର ହୋଇପଡୁଛି । ଏହିପରି ଅନେକ ସମସ୍ୟାରେ ଯୋଗାଣ ସହାୟକ ମାନେ ରହିଛନ୍ତି । ତେଣୁ ରାଜ୍ୟ ସରକାର ଯୋଗାଣ ସହାୟକଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ନ୍ୟାୟ ଦେବା ପାଇଁ ଦାବି ହୋଇଛି ।

# ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ମେଳା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଉଦ୍ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ନେଇ ୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଷୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଷ୍ଟମ ଫର୍ ବିକଶିତ ଆତ୍ମନିର୍ଭର ଭାରତ ବିଷୟ ନେଇ ପ୍ରକଳ୍ପ ପ୍ରଦର୍ଶିତ ହୋଇଅଛି । ସେଥିମଧ୍ୟରୁ ୭ ଗୋଟି ଉପ ବିଷୟ ରହିଅଛି । ସେଗୁଡ଼ିକ ହେଲା କୃଷି ଆତ୍ମ ନିର୍ଭରଶୀଳ, ବର୍ଜ୍ୟବସ୍ତୁରୁ ବିକଳ୍ପ ପ୍ଲାଷ୍ଟିକ ସୁପରିଚାଳନା, ସବୁଜ ଶକ୍ତି, ଅଭିନବ ଟେକ୍ନୋଲୋଜି, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଗଣିତ ସଂଖ୍ୟାର ପୁନଃ ସୃଷ୍ଟି ବିଷୟରେ ଅନେକ ବିକଳ୍ପ ପଦ୍ଧତିରେ ନିଜ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ମନୋନୀତ ହୋଇ ଆଂଚଳିକ ସ୍ତରକୁ ଉନ୍ନୀତ ହେବା ସାଙ୍ଗକୁ ରାଜ୍ୟ ସ୍ତରରେ ପହଂଚାଇବାକୁ ଲକ୍ଷ୍ୟ ରହିଛି । ବିଜ୍ଞାନ ମେଳାରେ ନିରୀକ୍ଷକ କୋମଳ ଲାଲ ଦେବାଙ୍ଗନ, ସସାଙ୍ଗ କୁମାର, ଶେଫାଳୀ ବାବୁ, ମନୋରଞ୍ଜନ ଥାପା, ହରିପ୍ରୀୟା ପ୍ରମୁଖ ଯୋଗ ଦେଇଥିଲେ ।

# ମା’ ବାଶୁଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କେନ୍ଦୁଝର : ପାଟଣା ବ୍ଲକ ବଡ଼ପାଟଣା ମା ବାଶୁଳି କ୍ରିକେଟ କମିଟି ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ବେଗନା ଟିମ୍ ବନାମ ଗରାଣ୍ଡିଯୋଡି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଗରାଣ୍ଡିଯୋଡି ଟିମ୍ ୮୨ ରନ୍ କରିଥିବାବେଳେ ବେଗନା ଟିମ୍ ୧୦୯ ରନ୍ କରି ଚାମ୍ପିଆନ ହୋଇଥିଲେ । ଟୁର୍ଣ୍ଣାମେଂଟରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ବୈକୁଣ୍ଠ ବାରିକ ଓ ଶ୍ରବଣ ବାରିକ ଆମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ । ଉଦଯାପନି ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ପ୍ରତିନିଧି କମଳା କାନ୍ତ ଦାଶ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବଡ଼ପାଟଣା ସରପଂଚ ବିନତି ବାନରା, ୱାର୍ଡ଼ ସଦସ୍ୟ ଟୁଂଟୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଂଟରେ ଚାମ୍ପିଆନ ବେଗନା ଟିମ୍‌କୁ ଅତିଥିମାନେ ଟ୍ରଫି ସହିତ ନଗଦ ୨୦ ହଜାର ଓ ରନର୍ସଅପ ଦଳ ଗରାଣ୍ଡିଯୋଡି ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କମିଟିର ଜୟଦେବ ବାରିକ, ରଞ୍ଜନ କୁମାର ବାରିକ, ବଳରାମ ବାରିକ, ସୁଦର୍ଶନ ମହାରଣା, ଡମ୍ବରୁଧର ବାରିକ, ଚିନ୍ମୟ ଦେହୁରୀ, ସିନୁ ବାରିକ, ଦିନେଶ ସେଠୀ, ପିନୁ ବାରିକ, ଫୁଟୁଲୁ ବାରିକ, ଲିଙ୍କୁ ଦେହୁରୀ ଦେବାନନ୍ଦ ନାଏକ, ଭୁବନା ଦେହୁରୀ, ଶୁଶାନ୍ତ ବାରିକ, ସାନବାବୁ ମହାରଣା, ପଳଉ ଦେହୁରୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ରେଡକ୍ରସ ଶାଖା ଆନୁକୂଲ୍ୟରେ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଲମ ପଂଚାୟତର ପିତାବଳୀ ଖମଣ ଗ୍ରାମଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ଅଂଚଳର ବହୁ ରୋଗୀ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି ଶିବିରକୁ ସଫଳ କରାଇବାରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ସହଯୋଗ ଯୋଗାଇଥିଲେ । ଏହି ଶିବିରକୁ ଆସିଥିବା ସମସ୍ତ ରୋଗୀଙ୍କୁ ବିନାମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଂଟନ କରାଯାଇଥିଲା । ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହିତ ଏହି ଅବସରରେ ସାମାଜିକ ସେବା କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି: ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ସ୍ଥିତ ମାଡକାପଦର୍ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ । ଏହି ଶିବିରରେ ମୋଟ ୬୯ଟି ଅଭିଯୋଗର ଶୁଣାଣି ହୋଇଥିଲା । ତନ୍ମଧ୍ୟରୁ ୧୬ ଗୋଟି ବ୍ୟକ୍ତିଗତ ଓ ୫୩ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣୀରେ ପ୍ରଧାନମନ୍ତ୍ରୀ ଆବାସ ଗୃହ, ପେନସନ, ନଳକୂପ, ବିଜୁଳି ସଂଯୋଗିକରଣ, ରାସ୍ତା, ସେତୁ ଓ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା । ବିଭିନ୍ନ ଯୋଜନାର ହାତ ପାହାନ୍ତାରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା । ଅଭିଯୋଗ ପରେ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ବିଭିନ୍ନ ସ୍କୁଲ୍ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ମାନେ ଉପସ୍ଥିତ ଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗିର: ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲା ସଦରମହକୁମାସ୍ଥିତ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ରର ବୈଠକ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ ।

ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ପଂଚାୟତ ଅଂଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡିକ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶିବିରରେ ମୋଟ ୩୨ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଛି । ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୩୧ଟି ଏବଂ ସାମୁହିକ ୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ତରଣି ସୁନା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ ।

# ‘ମାତୃଶକ୍ତି ଓ ସପ୍ତଶକ୍ତି ସଙ୍ଗମ’ କାର୍ଯ୍ୟକ୍ରମ




କନ୍ଧମାଳ: ଓଡିଶା ଶିକ୍ଷା ବିକାଶ ସମିତିଙ୍କ ଯୋଜନା ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଫୁଲବାଣୀ ପକ୍ଷରୁ ବିଦ୍ୟାଳୟ ପରିସରରେ ‘ମାତୃ ଶକ୍ତି ଓ ସପ୍ତଶକ୍ତି ସଙ୍ଗମ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଫିରିଙ୍ଗିଆ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ହରପ୍ରିୟା ମିଶ୍ର ଯୋଗ ଦେଇଥିବା ବେଳେ ମାତୃ ଭାରତୀର ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀ ଉପସ୍ଥିତ ଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ତୁଳା ବେହେରା ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକର୍ମ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ଗୁରୁମାମାନଙ୍କ ଦ୍ୱାରା ସାମୂହିକ ସଂଗୀତ ଏବଂ ଛାତ୍ରୀ ରଘ୍ୟାଲ ତ୍ରିପାଠୀଙ୍କ ଦ୍ୱାରା ବ୍ୟକ୍ତିଗତ ସଂଗୀତ ଗାନ କରାଯାଇଥିଲା । ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ସାମନ୍ତ ରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ଭାରତର ବିକାଶରେ ମହିଳାଙ୍କ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଆଚାର୍ଯ୍ୟା ସବିତା ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସପ୍ତଶକ୍ତି ସମ୍ବନ୍ଧରେ ଆଲୋଚନା କରିଥିଲେ । ଅଭିଭାବିକା ଏବଂ ମାତୃ ଭାରତୀର ମା’ମାନଙ୍କ ମଧ୍ୟରେ ଆଚାର୍ଯ୍ୟା ମାଳବିକା ସତପଥୀଙ୍କ ଦ୍ୱାରା ପୁରାଣ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଆଚାର୍ଯ୍ୟା ପ୍ରତିଭା ଦାଶ ଓ ଜୟନ୍ତୀ ଦଳବେହେରାଙ୍କ ଦ୍ୱାରା ପ୍ରେରଣା ଦାୟୀ ମହିଳା (ଝାନ୍ସୀ ରାଣୀ)ଙ୍କର ବେଶ ପୋଷାକ ପରିଧାନ ପୂର୍ବକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟ ର ସାତଜଣ ଛାତ୍ରୀ ସପ୍ତଶକ୍ତି ଯଥା କୀର୍ତି, ଶ୍ରୀ, ବାଣୀ, ସ୍ମୃତି, ମେଧା,ଧୃତି ଓ କ୍ଷମା ଏହିପରି ନାମ ପୂର୍ବକ ଅଭିନୟ କରିଥିଲେ କ୍ଷ ମାତୃ ଶକ୍ତି ସମ୍ବନ୍ଧରେ ଛାତ୍ରୀ ମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା ।ପରିଶେଷରେ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରତିନିଧି ନଳିନୀ ପ୍ରଭା ଚାଉଳିଆ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବୈଜୟନ୍ତୀ ସାମନ୍ତରାୟ ସଂକଳ୍ପ ପାଠ କରିଥିଲେ । ପ୍ରାୟ ଦୁଇ ସହରୁ ଉର୍ଦ୍ଧ ମା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଡିଏମ୍‌ଏଫ୍–ଉଦ୍ୟମୀ ଓ ଜିଲ୍ଲା ଶିଳ୍ପକେନ୍ଦ୍ର ସହଯୋଗରେ ଡ୍ରାଏ କ୍ଲିନିଂକେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର: ଜିଲ୍ଲା ଖଣିଜ ଅନୁଷ୍ଠାନ(ଡିଏମଏଫ୍)ର ଅର୍ଥ ସହାୟତାରେ ଚାଲିଥିବା ଡିଏମଏଫ୍–ଉଦ୍ୟମୀ ପ୍ରକଳ୍ପ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ପି.ଏମ୍.ଇ.ଜି.ପି ଯୋଜନା ଅନ୍ତର୍ଗତ ସଦର ବ୍ଲକର ଡି.ଡି. କଲେଜ ରୋଡ଼ଠାରେ ଉଦ୍ୟମୀ ଇପ୍ସିତା ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏକ ଆଧୁନିକ ଡ୍ରାଏ କ୍ଲିନିଂ(ଟମ୍ବିଲ ଡ୍ରାଏ) କେନ୍ଦ୍ର ଶୁଭ ଉଦ୍‌ଘାଟନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀଯୁକ୍ତ ଗଣେଶ ନାୟକ, ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକା ମଲ୍ଲିକା ମୁର୍ମୁ ଓ ଅପର୍ଣ୍ଣା ସାହୁ ଯୋଗଦେଇ ଉଦ୍ୟମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ କେନ୍ଦ୍ରର ଶୁଭ ଉଦ୍ଘାଟନ କରିଥିଲେ । ଅତିଥିମାନେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଡିଏମଏଫ୍–ଉଦ୍ୟମୀ ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ଯୁବକ-ଯୁବତୀ ଓ ମହିଳାମାନଙ୍କୁ ସ୍ୱୟଂରୋଜଗାରର ସୁଯୋଗ ମିଳୁଛି, ଯାହା ଗ୍ରାମୀଣ ଓ ଖଣି ପ୍ରଭାବିତ ଅଞ୍ଚଳର ଅର୍ଥନୀତିକୁ ମଜବୁତ କରୁଛି । ଏପରି ମାଇକ୍ରୋ ଉଦ୍ୟମଗୁଡ଼ିକ ଆଗାମୀ ଦିନରେ ନୂତନ ରୋଜଗାର ସୃଷ୍ଟି ସହ ସ୍ଥାନୀୟ ସେବା ଓ ଉତ୍ପାଦନକୁ ଆହୁରି ଗତି ଦେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା(ଇ.ଡି.ଆଇ.ଆଇ) ଦ୍ୱାରା ରୂପାୟଣ ହେଉଥିବା ଡିଏମଏଫ୍–ଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ଉଦ୍ୟମ/ବ୍ୟବସାୟ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି । ଏହି ଲକ୍ଷ୍ୟ ପୂରଣ ପାଇଁ ସ୍ଥାନୀୟ ଯୁବକ-ଯୁବତୀ ଓ ମହିଳାମାନଙ୍କୁ ବ୍ୟବସାୟିକ ତାଲିମ, ବ୍ୟାଙ୍କ ସହ ଆର୍ଥିକ ସଂଯୋଗ, ସରକାରୀ ଯୋଜନା ସହ ସମନ୍ୱୟ, ମୂଲ୍ୟ ସଂଯୋଜନ, ବିକ୍ରୟ–ବଜାର ସହାୟତା, ଡିଜିଟାଲ ପ୍ରଚାର ଓ ବ୍ରାଣ୍ଡିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହି ପ୍ରୟାସ ମାଧ୍ୟମରେ ଗ୍ରାମୀଣ ଓ ଖଣି ପ୍ରଭାବିତ ଅଂଚଳରେ ସ୍ଥାୟୀ ସ୍ୱୟଂରୋଜଗାର ସୁଯୋଗ ବୃଦ୍ଧି ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ମୂଳ ଉଦ୍ଦେଶ୍ୟ ରହିଛି । କାର୍ଯ୍ୟକ୍ରମ ଶେଷରେ ଉଦ୍ୟମୀଙ୍କ ସଫଳତା କାମନା କରାଯାଇ ସମସ୍ତଙ୍କ ସହଯୋଗରେ ଏପରି ଉଦ୍ୟମଗୁଡ଼ିକୁ ଆଗକୁ ନେବା ପାଇଁ ଆହ୍ୱାନ ଜଣାଇ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଇ.ଡି.ଆଇ.ଆଇ ର ଜିଲ୍ଲା କାର୍ଯ୍ୟକ୍ରମ ସଂଚାଳକ ଶ୍ରୀ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବାବେଳେ ଆଦିତ୍ୟ, ଅରବିନ୍ଦ ଓ ଲକ୍ଷ୍ମଣ ସହଯୋଗ କରିଥିଲେ ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ କର୍ମଶାଳା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ତରଫରୁ ‘ସାଇବର ନିର୍ଯାତନାର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ’ ଶୀର୍ଷକ ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଅକ୍ଷୟ କୁମାର ସାହୁ ସଭା ଉଦଘାଟନ କରି ସାଇବର ନିର୍ଯାତନାର ବୃଦ୍ଧି ଓ ସଚେତନତା ଉପରେ ଉଦବୋଧନ ଦେଇଥିଲେ । ନୃତତ୍ୱ ବିଭାଗର ଗବେଷିକା ଅନୁରାଧା ଜେନା ମୁଖ୍ୟବକ୍ତା ଭାବରେ ଯୋଗଦେଇ ସାଇବର ବୁଲିଂର ପ୍ରଭାବ ଓ ତାହାର ସମାଜିକ ଦିଗ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ । ଡ଼. ଶିବ କୁମାର, ଡ଼. ସୁରେନ୍ଦ୍ର କଲେତ, ବନିତା ସେଠୀ, ଡ଼. ଶିବ ବାବୁ, ପ୍ରଳୟ ମହାନ୍ତି, ଚୁମନ ଦଣ୍ଡସେନା, ଡ଼ ଲିଙ୍ଗରାଜ ସାହୁ, ପ୍ରବୀଣ ପଟନାୟକ, ଟିଂଟୁ ଭୋଇ, କୁନାଲ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମନୋବଜ୍ଞାନର ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ମଂଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ପ୍ରୀତିପ୍ରଜ୍ଞା ଖମାରି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଜମୁଛି 'କଟି କଟି ଡବଲ କଟି' ଓ 'ଏଇ ବୋଧେ ଶେଷ ଦେଖା'





**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ଜମୁଛି ଦର୍ଶକଙ୍କ ଭିଡ଼ । ରଙ୍ଗ ମହଲର 'କଟି କଟି ଡବଲ କଟି' ଓ ତୁଳସୀ ଗଣନାଟ୍ୟର 'ଏଇ ବୋଧେ ଶେଷ ଦେଖା' ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଲଗାତାର ରିପିଟ୍ ହେଉଥିବା 'ଏଇ ବୋଧେ ଶେଷ ଦେଖା'ରେ ଖଳ ନାୟକ ସାଇ ସତ୍ୟଜିତ୍‌ଙ୍କ ଦମ୍‌ଦାର ଅଭିନୟ ସାଙ୍ଗକୁ ନାୟିକା ଭୂମିକାରେ ସୋନାଲି ଓ ପାୟଲଙ୍କ ଜବରଦସ୍ତ ଅଭିନୟ ଦର୍ଶକଙ୍କୁ ଶେଷଯାଏଁ ବାନ୍ଧି ରଖିବାରେ ସକ୍ଷମ ହେଉଛି । ସେହି ଏକା ନାଟକ ଆଜି ମଧ୍ୟ ମଞ୍ଚସ୍ଥ ହେଉଛି । ସେହିପରି କଟି କଟି ଡବଲ କଟିରେ ଦର୍ଶକଙ୍କ ଭିଡ଼ ଏହାର ଦମ୍‌ଦାର କାହାଣୀ ସାଙ୍ଗକୁ କଳାକାରଙ୍କ ମନଛୁଆଁ ଅଭିନୟ ବେଶ ହୃଦୟସ୍ପର୍ଶୀ ହେଉଛି ।

ଖଣ୍ଡଗିରି ଯାତ୍ରା ମହାକୁମ୍ଭ ନବମ ରାତିରେ ପହଞ୍ଚିଥିବା ବେଳେ ୭ଟି ଅପେରା ପାର୍ଟି ଏକକାଳୀନ ନାଟକ ପରିବେଷଣ କରୁଛନ୍ତି । ଯାତ୍ରା ମହାକୁମ୍ଭ ଯେତିକି ଯେତିକି ସରି ସରି ଆସୁଛି ମେଳା ପରିସରରେ ଦର୍ଶକଙ୍କ ଭିଡ ଓ ଲଢ଼େଇ ସେହି ପରିମାଣରେ ଜମିବାରେ ଲାଗିଛି । ସମସ୍ତ ପାର୍ଟିର କଳାକାର ପରସ୍ପରକୁ ମାତ୍ ଦେବାକୁ ସଜବାଜ ହୋଇ ମଇଦାନକୁ ଓହ୍ଲାଇଛନ୍ତି । ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ପେଣ୍ଡାଲରେ ଯାତ୍ରା ବିଶ୍ୱ ଦରବାର ଖଣ୍ଡଗିରିରେ ପାଦ ଥାପିଛି । ପ୍ରଥମ ରଜନୀରେ 'ବଦନାମ ଗଳିର ବାଦଶାହା' ନାଟକ ଦର୍ଶକଙ୍କୁ ଭେଟି ଦେଇଛି । ବହିରେ କମଳ ନନ୍ଦ, ସିନେ ଷ୍ଟାର ଲରେନ୍ସ, ଭାରତୀ, ଗୌର ପାଢ଼ୀ, ସୁକାନ୍ତି ପାଢ଼ୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ସତ୍ୟଙ୍କ ଛାତିଥରା ଡାଇଲଗ୍ ଶୁଣିବାକୁ ମିଳିଥିଲା । ଦୟା ଓ ତୁଳସୀଙ୍କ କମେଡିରେ ହସି ହସି ବେଦମ ହୋଇଥିଲେ ଦର୍ଶକ ।

ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ରଙ୍ଗମହଲ ଦ୍ୱିତୀୟ ରାତିରେ ମଧ୍ୟ 'କଟି କଟି ଡବଲ କଟି' ନାଟକ ପରିବେଷଣ କରିଛି । ପ୍ରତାପ, ସୁଧାକର, ମୁନୁ ପଣ୍ଡା, ଜିତା, ସବିତା, ଜୀବନ କବିଙ୍କ ଅଭିନୟ ଓ ରାଜବୀରଙ୍କ ଅଭିନୟ ଦେଖିବାକୁ ସାରା ରାତି ଉଜାଗର ହୋଇଛନ୍ତି ଦର୍ଶକ । ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଲଗାତାର ପଞ୍ଚମ ରାତିରେ 'ଏଇ ବୋଧେ ଶେଷ ଦେଖା' ବହି ରିପିଟ୍ କରିଛି । ସନାତନ ସେବା ସମିତି ମଞ୍ଚରେ ସୂର୍ଯ୍ୟମନ୍ଦିର ଦ୍ୱିତୀୟ ରାତିରେ ସେଇ ସମାନ ନାଟକ ପରିବେଷଣ କରିଛି । ଇଂ ଆଶୁତୋଷ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ 'ଅଭାଗିନୀ ଅଞ୍ଜଳି' ବହିରେ ହୃଷୀକେଶ, ମାମା, ସିଲୁ, କାଳୀ ଓ ଖଳନାୟକ ଭୂମିକାରେ ଡ୍ୟାନିଙ୍କ ଡାଇଲଗ୍ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଛି । ଭେଟେରାନ ଭିକାରୀ ସାଇଁଙ୍କ କମେଡି ହାସ୍ୟ ରୋଳ ସୃଷ୍ଟି କରିଥିଲା । ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ନାଚୁଥିବା ଶିବାନୀ ଗଣନାଟ୍ୟ 'ରଜ ସୁନ୍ଦରୀକୁ ସଜ ସିନ୍ଦୁର' ନାଟକ ନେଇ ଦ୍ୱିତୀୟ ରାତିରେ ମଇଦାନକୁ ଓହ୍ଲାଇଛି । ଗୌର ଦାସ, କାବେରୀ, କମେଡିରେ ବ୍ରଜ ପାଣି ଓ ଖଳନାୟକ ଟାହିଆଙ୍କ ଡାଇଲଗରେ ଜମୁଛି ପେଣ୍ଡାଲ ପରିସର । ସେହିପରି ଅନନ୍ତ କେଶରୀ ଦେବ ପେଣ୍ଡାଲରେ ଖେଳୁଥିବା ନାଟ୍ୟ ମଣ୍ଡପ ତୃତୀୟ ରାତିରେ ମଧ୍ୟ 'ଲେଡି ଗ୍ୟାଙ୍ଗଷ୍ଟର' ବହି ନେଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟକ୍କର ଦେଉଛି । ରାଣୀ ପଣ୍ଡା, ସ୍ନେହାଶ୍ରୀ, ବିନିଙ୍କ ଅଭିନୟ, ଗୁଡୁଙ୍କ କମେଡି ଓ ବାବୁଲି ପଣ୍ଡାଙ୍କ ଖଳ ଚରିତ୍ର ଦେଖିବାକୁ ମିଳିଛି । ସେପଟେ କଳିଙ୍ଗ ପେଣ୍ଡାଲରେ ଖେଳୁଥିବା ଯାତ୍ରା ଇନ୍ଦ୍ରଭୁବନ ଶେଷ ରାତିରେ ବହି ବଦଳାଇ ବିଦାୟ ନେଇଛି । ଆଜିଠାରୁ ସେହି ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ମଇଦାନକୁ ଓହ୍ଲାଇଛି । ପ୍ରଥମ ରାତିରେ ବହୁ ଚର୍ଚ୍ଚିତ ନାଟକ 'ରାଜଧାନୀର ରାଜା ଆଚାର୍ଯ୍ୟ ' ପରିବେଷଣ କରିଛି । ହାପି, ମାମୁନି, ସିନେ କଳାକାର ଅଶ୍ୱିନୀ, ବର୍ଷା, ଅକ୍ଷୟ ସାହୁଙ୍କ ସହ ଖଳନାୟକ ଭୂମିକାରେ ନଜର ଆସିଛନ୍ତି ନିଲ୍ । ସେହିପରି କ୍ୟାଲେଣ୍ଡରଙ୍କ କମେଡି ଦର୍ଶକଙ୍କ ମନକୁ ଛୁଇଁଛି ।

## ପାଞ୍ଚଜଣଙ୍କୁ ମିଳିବ ସିନ୍ଧୁଜା ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ମାସିକ ପାରିବାରିକ ମହିଳା ପତ୍ରିକା 'ସିନ୍ଧୁଜା'ର ଚତୁର୍ଦ୍ଦଶଦଶତମ ବାର୍ଷିକ ଉତ୍ସବ ଆସନ୍ତା ୮ ତାରିଖରେ (ରବିବାର) ସନ୍ଧ୍ୟା ୬ଘଟିକା ସମୟରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ 'ଗ୍ରାମୀଣ ଓଡ଼ିଶାର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ, ସିନ୍ଧୁଜା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅୟୋଜିତ ହେବ । ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣ ପ୍ରତିଭାଙ୍କୁ ସିନ୍ଧୁଜା ସମ୍ମାନରେ ସମ୍ମାନିତ କରାଯିବ । ସେମାନଙ୍କ ମଧ୍ୟରେ ଗଳ୍ପ ପାଇଁ ଡ. ଗଣେଶ୍ୱର ଜେନା, କବିତା ପାଇଁ ଅଖିଳ କୁମାର ମିଶ୍ର, ପ୍ରବନ୍ଧ ପାଇଁ ଅଧ୍ୟାପିକା ରୂପାଲି ମହାରଣା, କର୍ପୋରେଟ୍ ସମ୍ମାନ ପାଇଁ ଶୁଦ୍ଧି ରଂଜନ ମିଶ୍ର ଓ ସିନ୍ଧୁଜା ସେବା ସମ୍ମାନ ଶ୍ରୀମତୀ ଦେବଯାନୀ ଦାସଙ୍କୁ ପ୍ରଦାନ କରାଯିବ । ଏଥିସହିତ ଓଡ଼ିଶୀ ନୃତ୍ୟ ଓ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯିବ ବୋଲି ସଂପାଦିକା ଶର୍ମିଳା ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ପାରମ୍ପରିକ ଖାଦ୍ୟପେୟ ସଂକ୍ରାନ୍ତ ଆଲୋଚନା

**ଭୁବନେଶ୍ୱର (ପିପିଏସ୍):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ସମ୍ପର୍କରେ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ କରି ବାଚସ୍ପତି ସୁରମା ପାଢ଼ୀ ଓଡିଆର ଖାଦ୍ୟ ସାରା ବିଶ୍ୱରେ ଲୋକପ୍ରିୟ ହେବା ସହ ପଖାଳ ଦିବସ, ରସଗୋଲା ଦିବସ ପାଳନ ଏ ଜାତିର ଖାଦ୍ୟ ସଂସ୍କୃତିକୁ ନୂଆ ଶିଖରରେ ପହଞ୍ଚାଇଛି । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଅତିଥି ଭାବେ ବିଶ୍ୱ ଓଡିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଯୋଗଦେଇ ଘରେ ମାଆର ହାଣ୍ଡିଶାଳର ମହତ୍ତ୍ୱକୁ ବଖାଣିଥିଲେ । କୁଳସଚିବ ଅନାମିକା ଅଧିକାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଗବେଷଣାତ୍ମକ ପୁସ୍ତକ 'ଓଡିଶାର ଜୈନ ଧର୍ମ ଓ ସଂସ୍କୃତି' ଲୋକାର୍ପିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୩୬ଟି ହୋଟେଲ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ପରୀକ୍ଷା ନିୟନ୍ତ୍ରକ ତଥା ଆଲୋଚନାଚକ୍ରର ଆବାହକ ପ୍ରଫେସର ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ ।

## ବିଆଇଆଇଟିଏମ୍‌ରେ ବି-ଫେଷ୍ଟ 'ଭାଇବ୍ରାନ୍ସ'

**ଭୁବନେଶ୍ୱର (ପିପିଏସ୍):** ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ପକ୍ଷରୁ ବି-ଫେଷ୍ଟ ୨୦୨୬ 'ଭାଇବ୍ରାନ୍ସ' ଅନୁଷ୍ଠିତ ହୋଇଛି । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତ୍ୟାଧୁନିକ ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ଦିଆଯାଉଥିବା ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି । ମୁଖ୍ୟ ଅତିଥି ଭାବେ ସାଇଶୁପଥର ସିଇଓ ବିକେ ଥମ୍ପସନ୍ ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଓଜେଇଇ ଅଧ୍ୟକ୍ଷ ପ୍ରଫେସର ଏଲ୍‌ଏନ୍ ପଣ୍ଡା ଯୋଗଦେଇ ଶିଳ୍ପ ଜଗତର ଅନୁଭବ ବାଣ୍ଟିବା ସହ ନିରନ୍ତର ଉଦ୍ୟମ କରି ସଫଳତା ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ଏକାଡେମିକ୍ ଡିନ୍ ଡ. ଚିନ୍ମୟ କୁମାର ଦାଶ ଛାତ୍ରଛାତ୍ରୀଙ୍କର ପରିଚାଳନା କୌଶଳ, ନେତୃତ୍ୱ ଓ ବୃତ୍ତିଗତ ଦକ୍ଷତା ବିକାଶରେ ଏହି କାର୍ଯ୍ୟକ୍ରମ ସହଯୋଗୀ ହେବ ବୋଲି କହିଛନ୍ତି । ପ୍ରଫେସର କେ. ଚନ୍ଦ୍ରଶେଖର ଶୃଙ୍ଖଳା ଓ ଦାୟିତ୍ୱବୋଧ ସହ ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଶେଷରେ ପ୍ରଫେସର ଇଂ. ପିଆର୍ ପଟ୍ଟନାୟକଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ସଙ୍ଗୀତାୟନ'

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ରବିନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବର୍ତ୍ତନ ଉପବିଭାଗ ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ପୂର୍ବର୍ତ୍ତନ ଅଧ୍ୟାପକ ଗୁରୁ ପ୍ରଦୀପ କୁମାର



ଦାସ ଓ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଗୁରୁ ଡ. ପ୍ରଶାନ୍ତ ପାଢ଼ୀଙ୍କ ପୁସ୍ତକ 'ବେହେଲା ଦର୍ଶନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ ଗାୟନ ହିନ୍ଦୁସ୍ତାନୀ ବେହେଲା ବାଦନ ପରିବେଷଣ ହୋଇଥିଲା । ପରେ ପରେ ଓଡିଶୀ କଣ୍ଠ ଗାୟନ ଶିଳ୍ପୀ ଅମିର ପଣ୍ଡା ପରିବେଷଣ କରିଥିଲେ । ପୂର୍ଣିମା ନାଥ ଓ ଅର୍ପିତା ଲେଙ୍କା ଯୁଗଳ ବନ୍ଦୀରେ 'ଚମ୍ପୁ' ପରିବେଷଣ କରିଥିଲେ । ସେହିଭଳି ହିନ୍ଦୁସ୍ତାନୀ ଭାଓଲିନ୍ ଶାସ୍ତ୍ରୀୟ ରାଗ ସଙ୍ଗୀତ ଓ ଲୋକ ସଙ୍ଗୀତ ପରିବେଷଣ ହୋଇଥିଲା ।

## ମେଡିସିନ୍ ବ୍ୟାଙ୍କ ପକ୍ଷରୁ ମିଳିବ ଆମ୍ବୁଲାନ୍ସ ସେବା



**ଭୁବନେଶ୍ୱର (ପିପିଏସ୍):** ରାଜ୍ୟର ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ମେଡିସିନ୍ ବ୍ୟାଙ୍କ ପକ୍ଷରୁ ଆମ୍ବୁଲାନ୍ସ ସେବା ସହ ଆୟୁର୍ବେଦିକ କ୍ଲିନିକ ସହ ଓ ଔଷଧ ଆଗାମୀ ମେ ୮ତାରିଖ ଠାରୁ ଉପଲବ୍ଧ ହେବ ବୋଲି ମେଡିସିନବ୍ୟାଙ୍କର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଜୟଦେବ ଭବନ ଠାରେ ମେଡିସିନବ୍ୟାଙ୍କର ୩୬ତମ ବାର୍ଷିକ ଉତ୍ସବରେ ମେଡିସିନବ୍ୟାଙ୍କର ଉପଦେଷ୍ଟା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଓଡିଶାରେ ଗୁଣାତ୍ମକ ଔଷଧ ସୁଲ ମୂଲ୍ୟରେ ମିଳିବା ଲକ୍ଷ୍ୟରେ ୩୧୪ଟି ବ୍ଲକରେ ମେଡିସିନବ୍ୟାଙ୍କ ତାର ଶାଖା ସ୍ଥାପନ ପାଇଁ ଚେଷ୍ଟା ଜାରି ରହିଛି । ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଗୁଡିକର ଗୁଣବତ୍ତା ଉଚ୍ଚମାନର ରହିବାପାଇଁ ସରକାର ଚେଷ୍ଟା କରିବା ଉଚିତ ବୋଲି ସେ କହିଛନ୍ତି । ଓଡିଶାରେ ଥିବା ଔଷଧ ଦୋକାନ ଗୁଡିକରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ ମାନଙ୍କର ଘୋର ଅଭାବ ରହିଛି । ମେଡିସିନବ୍ୟାଙ୍କ ପକ୍ଷରୁ ପ୍ରତିଜିଲ୍ଲାରେ ଫାମାସିଷ୍ଟ ତାଲିମକେନ୍ଦ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଛି । ଆଇଆଇଟି ଅରଗୁଳଠାରେ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ପ୍ରାୟ ୨୫ଏକର ଜମିରେ ଏକ ୨୫ହଜାରବର୍ଗଫୁଟର ଗୃହରେ ଖୁବ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଆର୍ଯୁବେଦିକ କ୍ଲିନିକ ଓ ଔଷଧ ଦୋକାନ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି । ଖୁବଶୀଘ୍ର ଏ ଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଯଦି ସରକାରଙ୍କ ସହଯୋଗ ମିଳେ ତେବେ ଏହା ସୂଚାରୁରୂପେ ସାରା ଓଡିଶାରେ କାର୍ଯ୍ୟକ୍ଷମ ହୋଇପାରିବ । ଓଡିଶାରେ ପ୍ରଥମ କରି ଏହି କାର୍ଯ୍ୟକ୍ଷମକୁ ମେଡିସିନବ୍ୟାଙ୍କ ହାତକୁ ନେଇଛି । ଆଗାମୀ ୬ମାସ ମଧ୍ୟରେ ସାରା ଓଡିଶାରେ ୧୪୭ ନିର୍ବାଚନ ମଣ୍ଡଳୀରେ ମେଡିସିନବ୍ୟାଙ୍କ ପକ୍ଷରୁ ଆମ୍ବୁଲାନସ ସେବା ଏବଂ ଆୟୁବେଦିକ ଦୋକାନ ତଥା କ୍ଲିନିକ ସ୍ଥାପନ ଲାଗି ବ୍ୟବସ୍ଥା ହେଉଛି । ଏଏପିଏଲ, ବିପିଏଲ, ବରିଷ୍ଠ ନାଗରିକମାନଙ୍କୁ ବିନାମୂଲ୍ୟରେ ସେବା ଯୋଗାଇ ଦିଆଯିବ । ମେଡିସିନବ୍ୟାଙ୍କ ତରଫରୁ ରାଜ୍ୟରେ ଥିବା ପିଏଚସି, ସିଏଚସି, ଜିଲ୍ଲା ହସପିଟାଲ ଗୁଡିକରେ ମେଡିସିନ କେନ୍ଦ୍ର ସ୍ଥାପନ ପାଇଁ ଆବଶ୍ୟକ ହେଉଥିବା ଜାଗା କିମ୍ବା ଗୃହ ଆବଣ୍ଟନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି । ବର୍ତ୍ତମାନସୁଦ୍ଧା ସରକାରଙ୍କ ବିଚାରାଧୀନ ଅଛି । ଏହି ଉତ୍ସବରେ ପ୍ରାରମ୍ଭରେ ମେଡିସିନବ୍ୟାଙ୍କର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ଅନୁଷ୍ଠାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଅବିନାଶ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ଡଃ ସ୍ମିତା ପାଢୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧାପିକା ଡଃ ଲତିକା ସିଂହ, ଓଡିଶା ଡିଜିଟାଲ ମିଡିଆର ଆସୋସିଏସନର ସଭାପତି ତୁଷାର ପଟ୍ଟନାୟକ ଏବଂ ରାୟଗଡାସ୍ଥ ଉତ୍କଳ ଲ କଲେଜର ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ମେଡିସିନବ୍ୟାଙ୍କର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମେଡିସିନବ୍ୟାଙ୍କର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିବା ସହିତ ଆଲଫା ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ ଏବଂ ମା' ସୁନାଦେଇ ୱାର୍କର୍ସ କ୍ଲବର ବାର୍ଷିକ ଉତ୍ସବ ଅବସରରେ ଗୀତଗୋବିନ୍ଦ ସଦନଠାରେ ପଞ୍ଚମ ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ-୨୦୨୬ ଅନୁଷ୍ଠିତ ହୋଇଛି । ଏଥିରେ ଉଦ୍‌ଘାଟକ ରାଜୀବ ଶେଖର ସାହୁ, ପ୍ରତିଷ୍ଠାତା ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ବୃକ୍ଷପ୍ରେମୀ ସୁନାରାମ ସିଂହ, ସମାଜସେବୀ ନବକିଶୋର ବେହେରା, ସମାଜସେବୀ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ପାଇକ ଆଖଡ଼ା ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସନ୍ତୋଷ ଜେନା, ନାଟ୍ୟ ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ ଓ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ବାରିକ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରେଷ୍ଠ ନାଟକ ଭାବରେ ରଙ୍ଗମହଲର ନାଟକ 'ନଅଙ୍କ ଦୁର୍ଭିକ୍ଷ'କୁ ସମ୍ମାନିତ କରାଯାଇଥିଲା । ଶ୍ରେଷ୍ଠ ଲୋକପ୍ରିୟ ନାଟକ ଭାବରେ କୋଣାର୍କ ଗଣନାଟ୍ୟର 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଓ ଯାତ୍ରା ରଙ୍ଗ ମହଲର 'କଟି କଟି ଡବଲ କଟି'କୁ ପୁରସ୍କୃତ କରାଯାଇଥିଲା । ପରେ ପରେ ଶ୍ରେଷ୍ଠ ନାଟ୍ୟକାର ଭାବେ ଡ. ଦୀପକ ଜେନା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଗୁରୁପ୍ରସାଦ ମିଶ୍ର ଓ



ଦୀନେଶ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହିତ ଗୀତିକାର ନିଗମ ମିଶ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଲା ଓ ଶ୍ରେଷ୍ଠ ଗୀତିକାର ସାସମଲ ମାନସଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅଭିନୟନରେ ସ୍ୱତନ୍ତ୍ର ସମ୍ମାନ- ପୀୟୁଷ ତ୍ରିପାଠୀ, ଲୋକପ୍ରିୟ ନାୟକ ବିନୋଦ କୁମାର, ଲୋକପ୍ରିୟ ନାୟିକା ବେବିନା, କାବେରୀ ପାଢୀ ଏବଂ ୬୦ରୁ ଉର୍ଦ୍ଧ୍ୱ କଳାକାର, ପ୍ରଯୋଜକ, ନବାଗତ ଯାତ୍ରା ଅନୁଷ୍ଠାନ, ପ୍ରଚ୍ଛଦପଟ ଯାତ୍ରାଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା । ଅତିଥି ଭାବରେ ପ୍ରଶାନ୍ତ ମହାନ୍ତି, ରୀତା ମହାନ୍ତି, ଭଜକୃଷ୍ଣ ମହାନ୍ତି, ବିବେକାନନ୍ଦ ବାରିକ, ପ୍ରଭାତୀ ବାରିକ, ଅରବିନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କ ଯାତ୍ରା ସମ୍ମାନରେ ସମ୍ମାନିତ କରିଥିଲେ । ଶୃଙ୍ଖଳିତ ଯାତ୍ରା ଅନୁଷ୍ଠାନ ଭାବରେ ଶିବାନୀ ଗଣନାଟ୍ୟକୁ ସମ୍ମାନିତ କରାଯାଇଥିଲା ।

## ଡ. ସୁଭାଷ ନାୟକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି । ଉତ୍କର୍ଷ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତି, ବ୍ୟବସାୟ ଏବଂ ସାହିତ୍ୟରେ ଉତ୍କର୍ଷ ଲାଭ କରିଥିବା ୩୦ ଜଣଙ୍କୁ ସମ୍ମାନୀତ କରାଯାଇଥିବାବେଳେ ତନ୍ମଧ୍ୟରେ ଡ. ନାଏକ ସ୍ଥାନ ପାଇଛନ୍ତି । ଅତିଥି ଭାବେ ବିଧାୟକ ବାବୁସିଂ ଓ ଆକାଶ ଦାସ ନାୟକ ପ୍ରମୁଖ ଯୋଗଦେଇ ତାଙ୍କୁ ସମ୍ମାନୀତ କରିଛନ୍ତି । ଏହି ଅବସରରେ ଓଡ଼ିଶାର ପ୍ରଗତିଶୀଳ ଭବିଷ୍ୟତ ପାଇଁ ଏକ ଆଲୋଚନାଚ୍କ୍ର ଅନୁଷ୍ଠିତ ହୋଇଛି । ଓଡ଼ିଶାର ବିକାଶକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଉପସ୍ଥାପନା କରିବା ଲକ୍ଷ୍ୟରେ ଉତ୍କର୍ଷ ଓଡ଼ିଶାର ଏକ ନୂତନ ୱେବ୍ ଚ୍ୟାନେଲ୍ ଆରମ୍ଭ କରାଯାଇଛି । ଏହି ପୁରସ୍କାରକୁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀଙ୍କୁ ସମର୍ପିତ କରିବା ସହ ଆୟୋଜକଙ୍କୁ ଡ. ନାଏକ କୃତଜ୍ଞତା ଜଣାଇଛନ୍ତି ।

## ନାବାଳିକାଙ୍କୁ ଅସଦାଚରଣକାରୀକୁ ୫ବର୍ଷ ଜେଲ

**ଭୁବନେଶ୍ୱର (ପିପିଏସ୍):** ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାର ଶୁଣାଣି କରି କୋର୍ଟ ସାଜିତ ଖାଁଙ୍କୁ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି । ପୋକସୋ ଆଇନର ଧାରା-୧୦ ଅନୁଯାୟୀ ୫ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୨ ମାସର କାରାଦଣ୍ଡ ଭୋଗିବାକୁ ହେବ । ୯ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୭ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି କୋର୍ଟ ଏହି ରାୟ ଶୁଣାଇଥିଲେ ।

ସୂଚନା ଅନୁଯାୟୀ, ଅଭିଯୋଗକରିଣୀ ସ୍ୱର୍ଣ୍ଣଲତା ଭୋଇ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ଅଭିଯୁକ୍ତ ସାଜିତ ଖାଁ ତାଙ୍କ ଘର ନିକଟରେ ଭଡା ସୂତ୍ରରେ ରହିଆସୁଥିଲେ । ଗତ ୨୦୨୫ ମେ ୩୦ ରାତ୍ରି ପ୍ରାୟ ୮ ଟା ସମୟରେ ଅଭିଯୋଗକାରିଣୀ ପାଖ ପଡୋଶୀ ଛୋଟ ଛୁଆକୁ ଟ୍ୟୁସନ କରିସାରିବା ପରେ ତାଙ୍କ ଘରକୁ ଛାଡିବା ଲାଗି ଯାଇଥିଲେ । ଏହି ସମୟରେ ଘରେ ତାଙ୍କର ୯ ବର୍ଷ ବୟସ୍କା ନାବାଳିକା ଝିଅ ଥିଲେ । ଘରୁ ଫେରିବା ବେଳେ, ଘର ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ଅଭିଯୁକ୍ତ ସାଜିତ ଖାଁ, ତାଙ୍କ ଝିଅ ସହ ଅସଦାଚରଣ କରିଥିବା ନେଇ ପୀଡିତା ନାବାଳିକା କାନ୍ଦିକାନ୍ଦି ଆସି ମା ଙ୍କୁ ସବୁ କଥା କହିଥିଲେ । ଝିଅ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହେବାପରେ ପରିବାର ଲୋକେ ବାଲିପାଟଣା ଥାନାରେ ଦ୍ୱାରସ୍ଥ ହୋଇଥିଲେ ।

## ଯାତ୍ରାରେ 'ହିଞ୍ଜଡ଼ା' ଶବ୍ଦ ପ୍ରୟୋଗକୁ ବିରୋଧ କରି ମାମଲା ରୁଜୁ

**ଭୁବନେଶ୍ୱର (ପିପିଏସ୍):** କିଛିଦିନ ତଳେ ଶ୍ରୀମନ୍ଦିର ଯାତ୍ରା ପାର୍ଟିର ଅଭିନେତା କାହ୍ନା ସ୍ୱାଇଁ ନାମକ ଜଣେ କଳାକାର ଏକ ନାଟକରେ ସୁପ୍ରିମକୋର୍ଟଙ୍କ ନାଲସା ଜଜମେଣ୍ଟ ଓ ପ୍ରୋଟେକ୍ସନ ଅଫ୍ ଟ୍ରାନ୍ସଜେଣ୍ଡର ଆଇନ ବିରୋଧରେ ଯାଇଥିଲେ । ଏପରିକି ଯେଉଁ ଭାଷା କହିହେବ ନାହିଁ ସେହି ଭାଷାକୁ ପ୍ରୟୋଗ କରି ନାଟକ ମଞ୍ଚସ୍ଥ କରିଥିଲେ । ଶଳା ହିଞ୍ଜଡ଼ା ଭାଷା ପ୍ରୟୋଗ କରିବା ଫଳରେ ଓଡ଼ିଶାରେ ଥିବା ପାଖାପାଖି ୩୦ ହଜାରରୁ ଅଧିକ କିନ୍ନରଙ୍କ ମାନ ହାନି ହେବା ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରିଥିଲେ । ଏହି ଭାଷା ପ୍ରୟୋଗ କରିବା ଫଳରେ ରାସ୍ତାରେ ଯାଉଥିବା କିନ୍ନରଙ୍କୁ ସାଧାରଣ ଲୋକେ କାହ୍ନା କହିଥିବା ଭାଷା ପ୍ରୟୋଗ କରିବା ଆରମ୍ଭ କଲେଣି । ତେଣୁ ଯଦି କାହ୍ନା ସ୍ୱାଇଁ ଏବଂ ଦୀପକ ଜେନା କ୍ଷମା ପ୍ରାର୍ଥନା ନକରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ପକ୍ଷରୁ ଖଣ୍ଡଗିରି ଥାନାରେ ଏତଲା ଦିଆଯିବା ସହ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ମହାସଂଘ ନିବେଦନ କରିଛି । ସୂଚନାଥାଉ କି, ଯେଉଁଭଳି ଭାବରେ ଅନୁସୂଚିତ ଜାତି, ଜନଜାତିଙ୍କ ବିରୋଧରେ ଜାତିଆଣ ଭାଷା ପ୍ରୟୋଗ କଲେ ଆଟ୍ରୋସିଟି ମାମଲା ରୁଜୁ ହେଉଛି । ସେହିଭଳି କିନ୍ନରଙ୍କ ବିରୋଧରେ ତୃତୀୟ ଲିଙ୍ଗୀ ବା କିନ୍ନର କଥା ବ୍ୟତୀତ ଅନ୍ୟ ଭାଷା ହିଞ୍ଜଡ଼ା, ମାଇକିଆ, ଛକା, ରଙ୍ଗ ଆଦି ପ୍ରୟୋଗ କଲେ ସେମାନଙ୍କ ବିରୋଧରେ କ୍ରିମିନାଲ ଆକ୍ଟ ଲଗାଯିବା କଥା । ଏଭଳି ଭାଷା ପ୍ରୟୋଗ କରିଥିବାରୁ କିନ୍ନରମାନେ କାହ୍ନା ସ୍ୱାଇଁ ଏବଂ ଲେଖକ ଦୀପକ ଜେନାଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ୨୪ ଘଣ୍ଟା ସମୟ ଦେଇଥିଲେ । କିନ୍ତୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ସେମାନେ କ୍ଷମା ପ୍ରାର୍ଥନା କରିବା ପରିବର୍ତ୍ତେ ଗର୍ବ ପ୍ରକାଶ କରି ମୋର କେହି କିଛି କରିପାରିବେନାହିଁ, ମୁଁ କାହିଁକି କ୍ଷମା ମାଗିବି ବୋଲି ପାଲଟା ଗଣମାଧ୍ୟମରେ ସଫେଇ ଦେଉଛନ୍ତି । ଯାହାକୁ ନେଇ ମହାସଂଘ କ୍ଷୋଭ ପ୍ରକାଶ କରିବା ସହ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ।

## ଜେଲ୍ ଭିତରେ ବନ୍‌ଜାରାଙ୍କ ହେବ ଟିଆଇ ପରେଡ

**ଭୁବନେଶ୍ୱର (ପିପିଏସ୍):** ଚୋରି ଛିନତାଇ ମାମଲାରେ ଆସାମୀ ଚିହ୍ନଟ ପାଇଁ ଝାରପଡ଼ା ଜେଲ ଭିତରେ ବଞ୍ଜାରାଙ୍କ ଟିଆଇ ପରେଡ଼ ହେବ । ପ୍ରକାଶ ଥାଉ କି ଗିରଫ ଅଭିଯୁକ୍ତମାନେ ମହିଳାଙ୍କୁ ଢାଲ କରି ଜାଲ ବିଛାଇଥିଲେ । ଆଖି ପିଛୁଳାକେ ପକେଟ କାଟୁଥିଲେ ଓ ଚେନ ଝାମ୍ପୁଥିଲେ । ରାଜ୍ୟ ବାହାରୁ ଆସି କଳ୍ପନାରୁ ଖଣ୍ଡଗିରି ଆଉ ନନ୍ଦନକାନନରୁ ନୂଆପଲ୍ଲୀ, ସବୁଠି ଲୁଟପାଟ କରୁଥିଲେ । ଏକୁଟିଆ ବ୍ୟାଗ ଧରିଥିବା ମହିଳା ହୁଅନ୍ତୁ, ଅଥବା ମେଳା ମହୋତ୍ସବ ଗହଳି, ଯାତ୍ରୀଙ୍କଠୁ ବ୍ୟାଗ ଝାମ୍ପୁଥିଲେ । ସିସିଟିଭି କି ପୁଲିସ ପାଇଁତରା, କାହାରିକୁ ଖାତିର ନକରି ଖଣ୍ଡଗିରି ମେଳାକୁ ଆସୁଥିବା ଲୋକଙ୍କଠାରୁ ବେଧଡକ ଲୁଟ ହେଉଥିବାବେଳେ ୧୦ ଲକ୍ଷ ଟଙ୍କାର ସୁନା ଗହଣା, ନଗଦ ଟଙ୍କା, ମୋବାଇଲ ଲୁଟ ଘଟଣାରେ ନୂଆପଲ୍ଲୀ ଓ ଖଣ୍ଡଗିରି ଥାନା ପୁଲିସ ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନଙ୍କ ସମ୍ପୃକ୍ତି ଅନ୍ୟ କେସରେ ଥିବା ସନ୍ଦେହ କରିବା ପରେ ଏହି ବଞ୍ଜାରାଙ୍କ ଟିଆଇ ପରେଡ଼ ହେବ । ୧୨ ତାରିଖରେ ଝାରପଡା ଜେଲରେ ଏମାନଙ୍କ ପରେଡ଼ ହେବ ବୋଲି କମିସନରେଟ ପୁଲିସ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ଖଣ୍ଡଗିରି ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ଗ୍ୟାଙ୍ଗ ଯାତ୍ରା ସହ ବରମୁଣ୍ଡା ବସ୍ ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ । ଏମାନଙ୍କର ଏକ ବଡ଼ ଗ୍ୟାଙ୍ଗ ବାହାର ରାଜ୍ୟରୁ ଅପରେଟ ହେଉଥିବା ପୁଲିସ ଜାଣିବାକୁ ପାଇଛି । କେବଳ ସେତିକି ନୁହେଁ, ଭିଡ଼ ହୋଇଥିବା ଆମ ବସରେ ଚଢିବା ଓ ଲୁଟ ପାଟ କରିବା ଭଳି ସାଙ୍ଘାତିକ ଅଭିଯୋଗ ଏମାନଙ୍କ ନାଁ ରେ ରହିଛି । ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଭିକ୍ଷାବୃତ୍ତି କରିବା ଆଳରେ ଲୁଟ କରିବା ଆଳରେ ଅଭିଯୋଗ ମଧ୍ୟ ଏହି ଗ୍ରୁପ ବିରୋଧରେ ରହିଛି । ଏମାନଙ୍କୁ ବହୁ ପୂର୍ବରୁ କମିସନରେଟ ପୁଲିସ ଗିରଫ କରିଛି ।

## ଆଦିବାସୀ ମେଳା: ମନମୋହୁଛି ଜନଜାତି ଜୀବନଶୈଳୀ, ଆଦିବାସୀ ଗାଁ

**ଭୁବନେଶ୍ୱର (ପିପିଏସ୍):** ୧୦ ଦିନରେ ବି ଜମୁଛି ଆଦିବାସୀ ମେଳା । ଏହି ମେଳାରେ ଦର୍ଶକଙ୍କ ମନମୋହୁଛି ଜନଜାତି ଜୀବନଶୈଳୀ ସହ ଆଦିବାସୀ ଗାଁର ଧାଡ଼ି ଧାଡ଼ି ଘର । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬ର ନବମ ଦିବନରେ ପହଞ୍ଚିଛି । ମେଳାର ଅବଧି ସରିଆସୁଥିବା ବେଳେ ଦର୍ଶକଙ୍କ ଭିଡ଼ ମଧ୍ୟ ବଢ଼ି ଚାଲିଛି । ଅପରାହ୍ଣ ୨ଟାରୁ ରାତି ୯ଟା ଯାଏ ବିଭିନ୍ନ ବର୍ଗର ଦର୍ଶକମାନେ ଆଦିବାସୀ ଜନଜାତିଙ୍କ ଦ୍ୱାରା ନିର୍ମିତ ଘର ବୁଲି ଦେଖିବା ସାଙ୍ଗକୁ ସେମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଆକର୍ଷଣୀୟ ଘରସଜ୍ଜା ସାମଗ୍ରୀ ପ୍ରତି ଆଗ୍ରହ



ବଢୁଥିବା ଦେଖିବାକୁ ମିଳିଛି । ତା ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ମେଳାର ସାଂସ୍କୃତିକ ମଞ୍ଚରେ ଦର୍ଶକମାନେ ଜନଜାତିଙ୍କ ନୃତ୍ୟକୁ ମନଭରି ଉପଭୋଗ କରୁଛନ୍ତି । ବାଉଁଶରେ ତିଆରି ହୋଇଛି ନିଆରା କଳାକୃତି । ବାଉଁଶରୁ ବିଭିନ୍ନ ଘରସଜ୍ଜା ସାମଗ୍ରୀ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି । ଏହା କେବଳ ଗ୍ରାହକଙ୍କୁ ଆକୃଷ୍ଟ କରୁନି ବରଂ କାରିଗରମାନଙ୍କୁ ମଧ ରୋଜଗାରକ୍ଷମ କରିପାରିଛି । ଦିନକୁ ଦିନ ଲୋକଙ୍କ ରୁଚି ବଦଳିବାରେ ଲାଗିଛି । ବର୍ତ୍ତମାନ ବାଉଁଶରେ ତିଆରି ବିଭିନ୍ନ କାରୁକାର୍ଯ୍ୟର ଚାହିଦା ବୃଦ୍ଧି ପାଉଥିବାରୁ କାରିଗରମାନେ ମଧ ଆଖିଦୃଶିଆ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଯାହାର ଉଦାହରଣ ଦେଖିବାକୁ ମଳିଛି ଆଦିବାସୀ ମେଳାରେ । ଏହି ପ୍ରଦର୍ଶନୀରେ ବାଲେଶ୍ୱର ନୀଳଗିରିରୁ ଆସିଥିବା ଜନଜାତି ମହିଳାମାଙ୍କଦ୍ୱାରା ବାଉଁଶରୁ ନିର୍ମିତ ବିଭିନ୍ନ କଳାକୃତି କିଣିବାକୁ ଭିଡ଼ ଜମିଥିଲା । ବିଶେଷ କରି ବାଉଁଶକୁ କାଟି ବିଭିନ୍ନ ଆକୃତିରେ ନିଖୁଣଭାବେ ତିଆରି କରାଯାଉଥିବା ବିଭିନ୍ନ କଳାକୃତି ପ୍ରସ୍ତୁତ ପ୍ରଣାଳୀକୁ ଦେଖିବାକୁ ମଧ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମୁଛି । ସେହିପରି ମୟୁରଭଞ୍ଜରୁ ବାଉଁଶ କାରିଗରମାନେ ପାତରୁ ପ୍ରସ୍ତୁତ ବିଭିନ୍ନ ଫୁଲ କୁଣ୍ଡ, ମନ୍ଦିର ଆକୃତିର ଠାକୁରଙ୍କ ଖଟୁଲି, ପେନ୍ ଷ୍ଟାଣ୍ଡ, ବାଉଁଶର ୱାଲ ହ୍ୟାଙ୍ଗିଂରେ ବିଭିନ୍ନ ଦେବାଦେବୀଙ୍କ ଫଟୋ ତିଆରି କରିଛନ୍ତି । ଯାହାକୁ ଦେଖିଲେ ଆଖି ଲାଗିଯାଉଥିବା ଦର୍ଶକମାନେ କହିଛନ୍ତି । ଏଥିପାଇଁ ବାଉଁଶକୁ କାଟି ସେସବୁକୁ ଔଷଧିୟ ପ୍ରଣାଳୀରେ ପ୍ରୋସେସିଂ କରାଯାଇ ସେଥିରୁ କାରିଗରୀ ତିଆରି କରାଯାଉଛି । ୱାଲ୍ ହାଙ୍ଗିଙ୍ଗଠାରୁ ଆରମ୍ଭ କରି ଚୁଡି, କ୍ଲିପ୍, ଝୁଡି, ବିଭିନ୍ନ ଡିଜାଇନ୍‌ର ଫୁଲଦାନୀ ରହିଛି । କମ୍ ଦାମ୍‌ରେ ମଜବୁତ୍ ଓ ନୂଆ ଡିଜାଇନ୍‌ର ସାମଗ୍ରୀ ମିଳୁଥିବାରୁ ପ୍ରତିଦିନ ଲୋକଙ୍କର ଭିଡ଼ ଜମୁଛି । ଏସବୁ ସାମଗ୍ରୀର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।

# ମୃତ୍ୟୁ ପୂର୍ବରୁ ଅଜିତ ପାୱାରଙ୍କ ଶେଷ କଲ୍



ପୁଣେ : ମହାରାଷ୍ଟ୍ରର ବାରାମତୀରେ ଘଟିଥିବା ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ଜୀବନ ଯାଇଥିଲା। ସେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ମୁଖ୍ୟ ଥିଲେ। ଅଜିତ ପାୱାରଙ୍କ ଉପରେ ଅନେକ ଦାୟିତ୍ୱ ଥିଲା, ଯେଉଁଥିରୁ ଗୋଟିଏ ହେଉଛି ଆଗାମୀ ମହାରାଷ୍ଟ୍ର ଜିଲା ପରିଷଦ ନିର୍ବାଚନରେ ତାଙ୍କ ଦଳକୁ ନେତୃତ୍ୱ ଦେବା। ସେ ଏହି ଦାୟିତ୍ୱକୁ ସେ ଦକ୍ଷତାର ସହିତ ପାଳନ କରୁଥିଲେ। ଏକ ଭାଇରାଲ ଅଡିଓ କ୍ଲିପ ଦାବି କରୁଛି ଯେ, ବାରାମତୀ ବିମାନ ଦୁର୍ଘଟଣା ପୂର୍ବରୁ ବିମାନରେ ବସିଥିବା ସମୟରେ ଅଜିତ ପାୱାର ତାଙ୍କ ଭଣଜା ଶ୍ରୀଜିତ ପାୱାରଙ୍କ ସହ କଥା ହୋଇଥିଲେ। ମହାରାଷ୍ଟ୍ର ଜିଲା ପରିଷଦ ନିର୍ବାଚନକୁ ଉଲ୍ଲେଖ କରି ସେ କହିଛନ୍ତି ଯେ, ସେ ପ୍ରତ୍ୟେକ ବର୍ଗ ଏବଂ ସମ୍ପ୍ରଦାୟକୁ ସାଙ୍ଗରେ ନେବେ ଏବଂ ତାଙ୍କ ଦଳରେ ଏହା ହେବା ଉଚିତ। ମହାରାଷ୍ଟ୍ରର ସ୍ୱର୍ଗତ ଉପମୁଖ୍ୟମନ୍ତ୍ରୀ ଅଜିତ ଦାଦା ପାୱାର ତାଙ୍କ ଶେଷ ମୁହୂର୍ତ୍ତରେ ଶେଷ ଥର ପାଇଁ ତାଙ୍କ ଭଣଜାଙ୍କ ସହ କଥା ହୋଇଥିଲେ। କାଟେୱାଡିର ବାସିନ୍ଦା ଅଜିତ ପାୱାରଙ୍କ ସହ ଏହି ଆଲୋଚନା ସ୍ପଷ୍ଟ କରୁଛି, ସେ ଶେଷ ପର୍ଯ୍ୟନ୍ତ ସମସ୍ତ ଜାତି ଏବଂ ସମ୍ପ୍ରଦାୟକୁ ଏକାଠି କରିବା ପାଇଁ ତାଙ୍କର ପ୍ରତିବଦ୍ଧତାରେ ଅଟଳ ରହିଥିଲେ। ସମାଜର ପ୍ରତ୍ୟେକ ବର୍ଗକୁ ଏକତ୍ର କରିବା ପାଇଁ ତାଙ୍କର ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ଶେଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିଲା। ଏହି ଆଲୋଚନାରେ ଏହା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି।

# ଆମେରିକା ସହ ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ: କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ଆମେରିକା ସହ ବାଣିଜ୍ୟ ଚୁକ୍ତି ବିଷୟରେ ସଂସଦକୁ ସୂଚନା ଦେଇଛନ୍ତି। ବିରୋଧୀ ସାଂସଦଙ୍କ ବିରୋଧ ମଧ୍ୟରେ ଲୋକସଭାରେ ଭାଷଣ ଦେଇ ଗୋୟଲ ଆଶ୍ୱାସନା ଦେଇଛନ୍ତି ଯେ, କୃଷି ଓ ଦୁଗ୍ଧ ଉତ୍ପାଦନ ଭଳି ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା ସୁନିଶ୍ଚିତ କରିବାରେ ନୂଆଦିଲ୍ଲୀ ସଫଳ ହୋଇଛି। ଗୋୟଲ କହିଛନ୍ତି ଯେ, ଉଭୟ ପକ୍ଷ ସହମତିରେ ପହଞ୍ଚିବାକୁ ଏକ ବର୍ଷ ସମୟ ନେଇଥିଲେ, କିନ୍ତୁ ନିଶ୍ଚିତ କରିଥିଲେ ଯେ ଭାରତୀୟ ଚାଷୀଙ୍କ ସହ ଜଡ଼ିତ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଅଣଦେଖା କରାଯିବ ନାହିଁ। ଆଲୋଚନା ସମୟରେ ଭାରତୀୟ ପକ୍ଷ ଏହାର ସମ୍ବେଦନଶୀଳ କ୍ଷେତ୍ର, ବିଶେଷ କରି କୃଷି ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ସ୍ୱାର୍ଥ ରକ୍ଷା କରିବାରେ ସଫଳ ହୋଇଥିଲା। ଏକ ବର୍ଷର ଆଲୋଚନା ପରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ବିଭିନ୍ନ କ୍ଷେତ୍ରକୁ ଚୂଡ଼ାନ୍ତ ରୂପ ଦେବାରେ ସଫଳ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୋମବାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଘୋଷଣା କରିଥିଲେ ଏବଂ କହିଥିଲେ ଯେ ସେ ଭାରତ ଉପରେ ପାରସ୍ପରିକ ଶୁଳ୍କ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବେ। ତେବେ କୃଷି ସମେତ ୫୦୦ ବିଲିୟନ ଡଲାରରୁ



ଅଧିକ ଉତ୍ପାଦ କିଣିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଉଲ୍ଲେଖ କରିବା ଶୀଘ୍ର ଦୃଷ୍ଟି ଆକର୍ଷଣ କରିଥିଲା। ଏହା ବିରୋଧୀ ଶିବିରରୁ ତୀବ୍ର ସମାଲୋଚନାକୁ ଆମନ୍ତ୍ରଣ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ବିକିଦେଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ।
ଟ୍ରମ୍ପଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ୫୦୦ ବିଲିୟନ ଡଲାରର କ୍ରୟ ପ୍ରତିଶ୍ରୁତି ଉପରେ ଭାରତୀୟ ପକ୍ଷ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ତେବେ ସରକାରୀ ସୂତ୍ରରୁ ପ୍ରକାଶ୍ୟ ଯେ, ବାଣିଜ୍ୟ ଚୁକ୍ତି ଆଲୋଚନାରେ ବିବାଦର ସବୁଠାରୁ ବଡ ବିନ୍ଦୁ ମଧ୍ୟରୁ ଅନ୍ୟତମ କୃଷକଙ୍କ ସ୍ୱାର୍ଥ ସୁରକ୍ଷିତ ରହିଛି। ସେମାନେ କହିଥିଲେ ଯେ ଭେନେଜୁଏଲାରୁ ଅଶୋଧିତ ତୈଳ ସମେତ ରଣନୈତିକ ଶକ୍ତି କ୍ରୟ ଐତିହାସିକ ଚୁକ୍ତିନାମା ଅନୁଯାୟୀ ଏକ ମୁଖ୍ୟ ଆକର୍ଷଣ ହୋଇପାରେ। ଟ୍ରମ୍ପ ବ୍ରାଜିଲ ବ୍ୟତୀତ ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଯେଉଁଥିରେ ରୁଷ୍ର ତୈଳ କିଣିବା ପାଇଁ ଜରିମାନା ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍ ମାଧ୍ୟମରେ ବାଣିଜ୍ୟ ଚୁକ୍ତି ଘୋଷଣା କରି କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଛନ୍ତି। ୭୫ ବର୍ଷୀୟ ଭାରତୀୟ ପ୍ରଧାନମନ୍ତ୍ରୀ ଭାରତୀୟଙ୍କ ତରଫରୁ ଆମେରିକା ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇବା ସହ 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦ ଉପରେ ଏବେ କମ୍ ଶୁଳ୍କ ଲାଗୁ ହେବ ବୋଲି କହିଛନ୍ତି।

# ଶୀଘ୍ର ଋଣ ଟଙ୍କା ଫେରାଇବାକୁ ପାକିସ୍ତାନ ଆଗରେ ଦାବି କଲା ୟୁଏଇ

ଇସଲାମାବାଦ: ସାଉଦି ଆରବ ବଳରେ ନିଜକୁ ବଳିଆ କରିବା ଚିନ୍ତାଧାରା ନେଇ ସାଉଦି ଆରବ ସହ ସମ୍ପର୍କ ବାନ୍ଧିଥିଲା ପାକିସ୍ତାନ, କିନ୍ତୁ ଏହି ବନ୍ଧୁତା ପାକିସ୍ତାନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ୟୁନାଟେଡ୍ ଆରବ ଏମିରେଟ୍ସ (ୟୁଏଇ)ଠୁ ପାକିସ୍ତାନ ନେଇଥିବା ଋଣ ଯଥାଶୀଘ୍ର ପରିଶୋଧ କରିବା ପାଇଁ ସିଧା ସିଧା ଶୁଣାଇ ଦେଇଛି ୟୁଏଇ।ୟୁଏଇ ପାକିସ୍ତାନକୁ ୨ ବିଲିୟନ ଡଲାର ଋଣ ପ୍ରଦାନ କରିଛି। ଦୁଇଟି କିସ୍ତିରେ ଏହି ଋଣ ପ୍ରଦାନ କରିଛି ୟୁଏଇ, ଅର୍ଥାତ୍ ପ୍ରଥମେ ୧ବିଲିୟନ୍ ଡଲାର, ପରେ ପୁଣି ୧ବିଲିୟନ୍ ଡଲାର ପାକିସ୍ତାନକୁ ଋଣ ଆକାରରେ ଦେଇଛି ୟୁଏଇ। ଏହି ଋଣ ସୁଝିବାର ଶେଷ ତାରିଖ ଥିଲା ଜାନୁଆରି ୧୬ ଓ ୨୨ ତାରିଖ। କିନ୍ତୁ ଏହି ସମୟସୀମା ମଧ୍ୟରେ ଋଣ ପରିଶୋଧ କରିନପାରିବାରୁ ପାକିସ୍ତାନକୁ ଆଉ ୩୦ଦିନର ମହଲତ ଦେଇଛି ୟୁଏଇ। ତଥାପି ପାକିସ୍ତାନ ଆହୁରି ସମୟ ଚାହୁଁଛି ଏବଂ ସୁଧ ହାର କମାଇବା ପାଇଁ ଗୁହାରି କରୁଛି। ବର୍ତ୍ତମାନର ୬.୫% ସୁଧ ହାରରେ ପାକିସ୍ତାନକୁ ଋଣ ପ୍ରଦାନ କରିଛି ୟୁଏଇ। ତଥାପି ପାକିସ୍ତାନ ସୁଧ ହାର ହ୍ରାସ ଏବଂ ଦୀର୍ଘ ଅବଧି ଚାହୁଁଛି।

ୟୁଏଇ କି ନ୍ତୁ ଅ । ଉ ଅଧିକ ସମୟ



ବଢ଼ାଇବାକୁ ଚାହୁଁନି। କଠୋର ମନୋଭାବ ଗ୍ରହଣ କରି କେବଳ ଗୋଟିଏ ମାସ ମଞ୍ଜୁର କରିଛି। ଏହା ପ୍ରଥମ ଥର ଘଟିଛି, ଯେଉଁଠି ୟୁଏଇ ପାକିସ୍ତାନକୁ ଋଣ ପରିଶୋଧ ପାଇଁ ଏତେ କମ୍ ସମୟସୀମା ପ୍ରଦାନ କରିଛି। ଏହାକୁ ସାଉଦି ଆରବ ଓ ୟୁଏଇ ମଧ୍ୟରେ ଚାଲିଥିବା ଉତ୍ତେଜନା ସହ ଯୋଡା ଯାଇଛି। ସବୁ କ୍ଷେତ୍ରରେ ପାକିସ୍ତାନ ଖୋଲାଖୋଲି ଭାବରେ ସାଉଦି ଆରବକୁ ସମର୍ଥନ କରିଆସୁଛି। ଏହି ପରିପ୍ରେକ୍ଷୀରେ, ୟୁଏଇ ପାକିସ୍ତାନ ଉପରେ ନିଜର ଦବଦବା ଜାହିର କରିବା ପାଇଁ କଠୋର ମନଭାବ ଆପଣାଇଥିବା କୁହାଯାଉଛି। ଯଦି ୟୁଏଇ ତାର କଠୋର ମନୋଭାବ ବଜାୟ ରଖେ, ତେବେ ପୂର୍ବରୁ ଏକ କଷ୍ଟକର ଆର୍ଥିକ ପରିସ୍ଥିତି ଦେଇ ଗତି କରୁଥିବା ପାକିସ୍ତାନ ଏକ ବଡ଼ ସଙ୍କଟର ସମ୍ମୁଖୀନ ହୋଇପାରେ।
ରିପୋର୍ଟରେ କୁହାଯାଇଛି, ଏସବିପି (ପାକିସ୍ତାନର ମୁଖ୍ୟ ବ୍ୟାଙ୍କ)ର ଗଭର୍ଣ୍ଣର ଜମିଲ ଅହମ୍ମଦ ୟୁଏଇ ସରକାରଙ୍କୁ ୨.୫ ବିଲିୟନ ଡଲାର ଋଣକୁ ଦୁଇ ବର୍ଷ ବୃଦ୍ଧି କରିବା ଏବଂ ସୁଧ ହାରକୁ ଅଧା କରିବାକୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ପରବର୍ତ୍ତୀ ସମୟରେ ୟୁଏଇ ରାଷ୍ଟ୍ରପତିଙ୍କୁ ସମାନ ଅନୁରୋଧ କରିଥିଲେ। କିନ୍ତୁ ପାକିସ୍ତାନ ଷ୍ଟେଟ୍ ବ୍ୟାଙ୍କ ଏବଂ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ, ୟୁଏଇ ଋଣ ପରିଶୋଧ ସମୟ ବୃଦ୍ଧି କରିବାକୁ ସିଧା ସିଧା ମନା କରିଦେଇଛନ୍ତି। ୟୁଏଇ କେବଳ ଗୋଟିଏ ମାସ ପାଇଁ ସମୟ ବୃଦ୍ଧି କରିଛି। ଦୁଇ ବର୍ଷ ବୃଦ୍ଧି ଏବଂ ସୁଧ ହାରର ଦେଢ଼ଗୁଣ ପାଇଁ ପାକିସ୍ତାନର ଦାବି ପୂରଣ ହେବାର ସମ୍ଭାବନା କମ୍ ଦେଖାଯାଉଛି।

# ପଶ୍ଚିମବଙ୍ଗ ପ୍ରତି ଅନ୍ୟାୟ ହୋଇଛି : ମମତା

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ପଶ୍ଚିମବଙ୍ଗରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ (ଝଓଜ) ମାମଲାର ଶୁଣାଣି କରିଛନ୍ତି। ସମସ୍ତଙ୍କ ନଜର ରାଜ୍ୟର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଥିଲା, ସେ ମଧ୍ୟ ଉପସ୍ଥିତ ଥିଲେ। ମମତା ବାନାର୍ଜୀ କହିବା ପାଇଁ ଅନୁମତି ମାଗି ପଚାରିଲେ, ମୁଁ କହିପାରିବି କି ? କୌଣସି ସ୍ଥାନରେ ନ୍ୟାୟ ମିଳୁନାହିଁ । ଆମେ ସମ୍ପୂର୍ଣ୍ଣ ବିବରଣୀ ସହିତ ନିର୍ବାଚନ କମିଶନଙ୍କୁ ଛଅ ଥର ଚିଠି ଲେଖିଛୁ । ମୁଁ ଏକ ସାଧାରଣ ପରିବାରରୁ ଆସିଛି, ନ୍ୟାୟ ମୋ ପାଇଁ କାନ୍ଦୁଛି । ଏହି ଯୁକ୍ତିଗୁଡ଼ିକ ଉପରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଛନ୍ତି । ପରବର୍ତ୍ତୀ ଶୁଣାଣି ଏବେ ଫେବୃଆରୀ ୯ ତାରିଖରେ ହେବ । ଶୁଣାଣି ସମୟରେ ମମତା ବାନାର୍ଜୀ କୋର୍ଟଙ୍କୁ କହିଥିଲେ ଯେ ଝଓଜର ଉଦ୍ଦେଶ୍ୟ ଭୋଟ୍ ଡିଲିଟ୍ କରିବା, ଯୋଡିବା ନୁହେଁ । ଏକ ଉଦାହରଣ ଦେଇ ମମତା ବାନାର୍ଜୀ କହିଥିଲେ ଯେ ଯଦି ଜଣେ ଝିଅ ବିବାହ କରି ତାଙ୍କ ଶ୍ୱଶୁର ଘରକୁ ଯାଆନ୍ତି, ତେବେ ସେହି ମାମଲାରେ ମଧ୍ୟ ସୂଚନାର ମେଳ ନ ଥାଇପାରେ। କୋର୍ଟ ମମତାଙ୍କୁ କହିଥିଲେ ଯେ ଆପଣଙ୍କ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ପ୍ରମୁଖ ଓକିଲ ଉପଲବ୍ଧ ଅଛନ୍ତି । ଶ୍ୟାମ ଦିବାନ ଏବଂ କପିଲ ସିବଲଙ୍କ ଭଳି ଓକିଲ ଅଛନ୍ତି । କୋର୍ଟ କହିଛନ୍ତି ଯେ ଆମେ



ସମାଧାନ ଖୋଜିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବୁ ଏବଂ ନିଶ୍ଚିତ କରିବୁ ଯେ କୌଣସି ନିର୍ଦ୍ଦୋଷ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ ନପଡ଼େ । ଆମେ ପୂର୍ବରୁ ସମୟ ସୀମା ୧୦ଦିନ ବୃଦ୍ଧି କରିସାରିଛୁ । ଆମେ ଆଉ ସମୟ ବୃଦ୍ଧି କରିପାରିବୁ ନାହିଁ ।
ମମତା ବାନାର୍ଜୀ କହିଛନ୍ତି ଯେ ପଶ୍ଚିମବଙ୍ଗକୁ ଟାର୍ଗେଟ କରାଯାଉଛି। ଆସାମ ଏବଂ ଉତ୍ତର-ପୂର୍ବରେ ଝଓଜ କାହିଁକି ଲାଗୁ କରାଯାଉନାହିଁ ? ଲୋକମାନେ ଫସଲ ଚାଷ କରିବାରେ ବ୍ୟସ୍ତ ଅଛନ୍ତି ଏବଂ ସେମାନଙ୍କୁ ନୋଟିସ୍ ଦିଆଯାଉଛି। ସେମାନେ ଏପର୍ଯ୍ୟନ୍ତ ଏଥିପାଇଁ ପ୍ରସ୍ତୁତ ନୁହଁନ୍ତି। ଚାପରେ ଈଖଡଙ ଆତ୍ମହତ୍ୟା କରୁଛନ୍ତି। ବାନାର୍ଜୀ ଯୁକ୍ତି ଦେଇଥିଲେ ଯେ ସେମାନେ କହିଛନ୍ତି ଯେ ସେମାନଙ୍କୁ ଆଧାର ସହିତ ଆଉ ଏକ ପ୍ରମାଣପତ୍ର ଆବଶ୍ୟକ। ଅନ୍ୟ ରାଜ୍ୟରେ, ବାସସ୍ଥାନ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଇତ୍ୟାଦି ବିଚାର କରାଯାଏ ନାହିଁ। ସେମାନେ ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗକୁ ଟାର୍ଗେଟ କରିଥିଲେ। ଦୁଇ ମାସରେ ଏପରି କିଛି କରିବାକୁ ଚାହୁଁଥିଲେ ଯାହା ଦୁଇ ବର୍ଷ ସମୟ ନେଇଥାନ୍ତା। ଲୋକମାନେ ଦୂରରେ ଥିବା ସମୟରେ ସେମାନେ ଏହା କରିଥିଲେ । ମମତା ବାନାର୍ଜୀ କହିଥିଲେ ଯେ ଗରିବ ଲୋକମାନେ ସ୍ଥାନାନ୍ତରିତ ହୁଅନ୍ତି, କିନ୍ତୁ ସେମାନଙ୍କ ନାମ ମଧ୍ୟ କଟାଯାଉଛି। କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରାଯାଉଛି। ଏକ ଫାୟାରବ୍ରାଣ୍ଡ ଭାବମୂର୍ତ୍ତି ଥିବା ମମତା ଭୋଟର ତାଲିକା ପାଇଁ ଚାଲିଥିବା ଝଓଜ ପ୍ରକ୍ରିୟା ବିରୁଦ୍ଧରେ ସ୍ୱର ଉଠାଇଛନ୍ତି । ପୂର୍ବରୁ ସେ ବିହାରରେ ଝଓଜ ପ୍ରକ୍ରିୟା ବିରୁଦ୍ଧରେ ପ୍ରତିବାଦ କରିଥିଲେ ଏବଂ ଏବେ ଯେତେବେଳେ ତାଙ୍କ ନିଜ ରାଜ୍ୟରେ ଏହି ସଂସ୍କାର ପ୍ରକ୍ରିୟା ଚାଲିଛି, ସେ ଏହା ବିରୁଦ୍ଧରେ ନିରନ୍ତର ବିଦ୍ରୋହୀ ମନୋଭାବ ଗ୍ରହଣ କରୁଛନ୍ତି। ମମତା ଏବଂ ତାଙ୍କ ଦଳ ତୃଣମୂଳ କଂଗ୍ରେସ (ଞଗଉ) ଝଓଜ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ମୁଅମ୍ମର ଗଦ୍ଦାଫିଙ୍କ ପୁଅ ସୈଫଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ ; ଲିବିୟା ରାଜନୀତିରେ ହଲଚଲ ଦେଖିବାକୁ ମିଳିଛି । ଲିବିୟା ପୂର୍ବତନ ଏକଛତ୍ରବାଦୀ କର୍ଣ୍ଣେଲ ମୁଅମ୍ମର ଗଦ୍ଦାଫିଙ୍କ ପୁଅ ଏବଂ ଏକଦା ତାଙ୍କ ସ୍ୱର୍ଗତ ପିତାଙ୍କ ଉତ୍ତରାଧିକାରୀ ଭାବରେ ଜଣାଶୁଣା ସୈଫ ଅଲ-ଇସଲାମ ଗଦ୍ଦାଫିଙ୍କୁ ହତ୍ୟା କରାଯାଇଛି । ସୈଫ ଅଲ୍ ଗଦ୍ଦାଫିଙ୍କୁ ତାଙ୍କ ଘରେ ପଶି ୪ ମୁଖା ପିନ୍ଧା ଦୁର୍ବୃତ୍ତ ହତ୍ୟା କରିଥିବା ସୂଚନା ମିଳିଛି । ୫୩ ବର୍ଷୀୟ ସୈଫ ଅଲ୍ ଗଦ୍ଦାଫିଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଦୁର୍ବୃତ୍ତ । ୨୦୧୧ ବିଦ୍ରୋହ ପରେ ସୈଫଙ୍କୁ ଗିରଫ କରାଯାଇ ଅଟକ ରଖାଯାଇଥିଲା ଏବଂ ଯୁଦ୍ଧ ଅପରାଧ ପାଇଁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପଶ୍ଚିମ ଲିବିୟାର ଜିନ୍ତାନ ସହରସ୍ଥିତ ତାଙ୍କ ବାସଭବନରରେ ୪ ଜଣ କମାଣ୍ଡୋ ୟୁନିଟ୍ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ଜିନ୍ତାନ ରାଜଧାନୀ ତ୍ରିପୋଲିରୁ ପ୍ରାୟ ୧୩୬ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ସୈଫ୍ ଅଲ୍-ଇସଲାମ ଗଦ୍ଦାଫି ପୂର୍ବତନ ଲିବିଆନ୍ ଏକଛତ୍ରବାଦୀ କର୍ଣ୍ଣେଲ ମୁଅମ୍ମର ଗଦ୍ଦାଫିଙ୍କ ପୁଅ । ୫୩ ବର୍ଷୀୟ ସୈଫ୍ ଅଲ୍-ଇସଲାମ ଗଦ୍ଦାଫିଙ୍କୁ ତାଙ୍କ ପିତା ମୁଅମ୍ମର ଗଦ୍ଦାଫିଙ୍କ ହତ୍ୟା ପରଠାରୁ ତାଙ୍କର ସମ୍ଭାବ୍ୟ ଉତ୍ତରାଧିକାରୀ ଭାବରେ ବିବେଚନା କରାଯାଉଥିଲା ।

# ଟ୍ରେଡ୍ ଡିଲ୍ ପରେ ଜୟଶଙ୍କର-ରୁବିଓ ସାକ୍ଷାତ୍

ନୂଆଦିଲ୍ଲୀ : ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଙ୍ଗଳବାର ଆମେରିକାର ଗସ୍ତ କରିଛନ୍ତି। ଗସ୍ତର ପ୍ରଥମ ଦିନରେ, ସେ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଏବଂ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଏହି ବୈଠକଗୁଡ଼ିକରେ ବାଣିଜ୍ୟ, ଶକ୍ତି, ପରମାଣୁ ସହଯୋଗ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଭାରତ-ଆମେରିକା ସହଭାଗୀତାକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରାଯାଇଥିଲା ।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ଘୋଷଣା କରିବାର ଗୋଟିଏ ଦିନ ପରେ ଜୟଶଙ୍କରଙ୍କ ୩ ଦିନିଆ ଗସ୍ତ କରିଛନ୍ତି । ଚୁକ୍ତି ଅନୁଯାୟୀ, ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ୨୫% ରୁ ୧୮% କୁ ହ୍ରାସ କରାଯାଇଛି, ଯାହା ତୁରନ୍ତ କାର୍ଯ୍ୟକାରୀ ହେବ। ୱାସିଂଟନରେ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଭେଟିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର । ଐତିହାସିକ ଟ୍ରେଡ୍ ଡିଲ୍ ପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ଏ ନେଇ ଏକ୍ସରେ ସୂଚନା ଦେଇଛନ୍ତି ଜୟଶଙ୍କର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ



ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା ହୋଇଛି । 'ବାଣିଜ୍ୟ, ଶକ୍ତି, ପରମାଣୁ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡିଛି । ଉଭୟ ପକ୍ଷ ସହଭାଗୀ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଶୀଘ୍ର ପୃଥକ ପ୍ରତିଷ୍ଠାନ ବୈଠକ କରିବାକୁ ରାଜି ହୋଇଛନ୍ତି । ମାର୍କୋ ରୁବିଓ ତାଙ୍କ ପୋଷ୍ଟରେ କହିଛନ୍ତି ଯେ, ଏହି ବୈଠକ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନୁସନ୍ଧାନ ଏବଂ ନୂତନ ଆର୍ଥିକ ସୁଯୋଗ ଖୋଲିବା ଉପରେ ଧ୍ୟାନ ଦିଆଯାଇଛି । ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟଙ୍କ ସହ ଏକ ସାକ୍ଷାତ ସହିତ ତାଙ୍କ ଗସ୍ତ ଆରମ୍ଭ କରିଥିଲେ । ଜଣେ ଆଲୋଚନା ଅଧିକାରୀ କହିଛନ୍ତି ଯେ, ଏକ ନୂତନ ଭାରତ-ଆମେରିକା ଅର୍ଥନୈତିକ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ରବିବାର ଘୋଷଣା ହୋଇଥିବା ପ୍ରମୁଖ ବାଣିଜ୍ୟ ଚୁକ୍ତିର ସୂକ୍ଷ୍ମ ବିନ୍ଦୁଗୁଡ଼ିକୁ ଚୂଡ଼ାନ୍ତ କରିବା ଦିଗରେ ଏହି ଆଲୋଚନାଗୁଡ଼ିକୁ ଏକ ଆବଶ୍ୟକୀୟ ପଦକ୍ଷେପ ଭାବରେ ବର୍ଣ୍ଣନା କରାଯାଇଛି । ବୈଠକ ପରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଜୟଶଙ୍କର କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଭାଗୀତା ଏବଂ ରଣନୈତିକ ସହଯୋଗକୁ ଆଗକୁ ବଢ଼ାଇବା ଉପରେ ଉପଯୋଗୀ ଆଲୋଚନା ହୋଇଛି । ଟ୍ରେଜେରୀ ବିଭାଗ ସହିତ ଏହି ଆଲୋଚନା ରାଜନୈତିକ ନିଷ୍ପତ୍ତିଗୁଡ଼ିକୁ ନୀତିରେ ପରିଣତ କରିବାରେ ସାହାଯ୍ୟ କରିବ, ବିଶେଷକରି ବାଣିଜ୍ୟ ସୁବିଧା, ବଜାର ପ୍ରବେଶ ଏବଂ ନିୟମାବଳୀର ସମନ୍ୱୟ ଭଳି ପ୍ରସଙ୍ଗରେ ସହାୟକ ହେବ ।

# ବଲୁଚିସ୍ତାନର ବିଶାଳ ଭୂଭାଗ ପାକିସ୍ତାନ ସେନାର ଅକ୍ଷମତାର କାରଣ : ଖ୍ୱାଜା ଆସିଫ୍

ଇସଲାମାବାଦ: ପାକିସ୍ତାନର ବଲୁଚିସ୍ତାନରେ ବିଦ୍ରୋହୀ ବଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗତ ସପ୍ତାହରେ ବଡ଼ଧରଣର ସଂଘର୍ଷ ଘଟିଥିଲା। ଏପରିସ୍ଥିତିରେ ବିଦ୍ରୋହୀଙ୍କ ସହିତ କେ ?ଣସି ପ୍ରକାର କଥାବାର୍ତ୍ତା କରିବାକୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ମନା କରିଦେଇଛନ୍ତି। ନାଗରିକଙ୍କ ମୃତ୍ୟୁ ପାଇଁ ଦାୟୀ ଆତଙ୍କବାଦୀଙ୍କ ସହିତ କେ ?ଣସି ପ୍ରକାର ଆଲୋଚନା କରାଯିବ ନାହିଁ ବୋଲି ସେ କହିଛନ୍ତି। ଆସିଫ୍ କହିଛନ୍ତି ଯେ, ପାକିସ୍ତାନୀ ସୁରକ୍ଷା ବାହିନୀ ବଲୁଚିସ୍ତାନ ଭୂଭାଗର ବିଶାଳତା ଯୋଗୁଁ ବିଦ୍ରୋହୀଙ୍କ ବିରୋଧରେ କେ ?ଣସି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହେଉନାହାନ୍ତି। ପାକିସ୍ତାନର ନ୍ୟାସନାଲ ଆସେମ୍ବ୍ଲିକୁ ସମ୍ବୋଧିତ କରି ଆସିଫ୍ କହିଛନ୍ତି, ଦେଶର ସବୁଠୁ ବଡ଼ ପ୍ରଦେଶ ଓ ସବୁଠୁ କମ୍ ଲୋକ ରହୁଥିବା ବଲୁଚିସ୍ତାନରେ ସୁରକ୍ଷାକର୍ମୀଙ୍କୁ ଭେ ?ଗୋଳିକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ପାକିସ୍ତାନର ଭୂଭାଗର ୪୦ ପ୍ରତିଶତ କେବଳ ବଲୁଚିସ୍ତାନକୁ ନେଇ ଗଠିତ। ଏଥିପାଇଁ ବହୁତ ସଂଖ୍ୟକ ସୁରକ୍ଷାକର୍ମୀଙ୍କ ଆବଶ୍ୟକତା ରହିଛି। ବିଦ୍ରୋହୀ ଏକସାଙ୍ଗରେ ୧୨ଟି ସ୍ଥାନରେ ଆକ୍ରମଣ କରିଥିଲେ। ଏତେ ବଡ଼ ଅଞ୍ଚଳକୁ ଜଗିବାରେ ସୁରକ୍ଷାକର୍ମୀ ଅକ୍ଷମ ହେଉଛନ୍ତି ବୋଲି ଆସିଫ୍ କହିଛନ୍ତି। ପାକିସ୍ତାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ସପ୍ତାହନ୍ତ ହିଂସାରେ ୩୩ ନାଗରିକ ଓ ୧୭ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅପରେସନରେ ୧୭୭ ବିଦ୍ରୋହୀ ନିହତ ହୋଇଛନ୍ତି।

# ଛୁଆଙ୍କ ଜୀବନ ନେଉଛି କୋରିଆନ୍ ଲଭର୍ ଗେମ୍ !

ନୂଆଦିଲ୍ଲୀ : ବ୍ଲୁ ହ୍ୱେଲ୍ ଗେମ୍ ପରେ, ଏବେ କୋରିଆନ୍ ଲଭର୍ ଗେମ୍ ଲୋକଙ୍କ ଜୀବନ ସହିତ ଖେଳିବା ଆରମ୍ଭ କରିଛି । ଏହି ଗେମ୍ ଗୁଡ଼ିକରେ ଲୋକଙ୍କୁ ଅନଲାଇନରେ ଚ୍ୟାଲେଞ୍ଜ କରାଯାଏ । ଏପର୍ଯ୍ୟନ୍ତ ବ୍ଲୁ ହ୍ୱେଲ୍ ଗେମ୍ ଯୋଗୁଁ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଏବେ କୋରିଆନ୍ ଲଭର୍ ଗେମ୍ ମଧ୍ୟ ଲୋକଙ୍କ ଜୀବନ ନେବା ଆରମ୍ଭ କରିଛି । ବ୍ଲୁ ହ୍ୱେଲ୍ ଚ୍ୟାଲେଞ୍ଜ ରୁଷରୁ ଆରମ୍ଭ ହୋଇଥିଲା ଏବଂ ଏହି ଖେଳ ୨୦୧୬-୨୦୧୭ରେ ବହୁତ ଲୋକପ୍ରିୟ ହୋଇଥିଲା। କୋରିଆନ୍ ଗେମ୍ ଯୋଗୁଁ ଗାଜିଆବାଦରେ ରହୁଥିବା ୩ ଜଣ ଭଉଣୀଙ୍କ ଆତ୍ମହତ୍ୟାର ଏକ ମାମଲା ସାମ୍ନାକୁ ଆସିଛି। ଏହି ଘଟଣା ଗାଜିଆବାଦର ଭାରତ ସହରରୁ ଆସିଛି, ତିନି ଭଉଣୀ ୯ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । କୋରିଆନ୍ ଲଭ୍ ଗେମ୍ ଏକ ଅନଲାଇନ୍, ଟାସ୍କ-ଭିତ୍ତିକ ଇଣ୍ଟରାକ୍ଟିଭ୍ ଗେମ୍ । କୋରିଆନ୍ ଲଭ୍ ଗେମ୍ ଏକ ଥିମ୍- ଏବଂ



ଟାସ୍କ-ଭିତ୍ତିକ ଅନଲାଇନ୍ ରୋମାଣ୍ଟିକ୍ ଖେଳ ଯେଉଁଥିରେ ଖେଳାଳିମାନେ ଏକ ଭର୍ଚୁଆଲ୍ ପାର୍ଟନରଙ୍କ ସହିତ ଇଣ୍ଟରାକ୍ଟ କରନ୍ତି । ଏହି ଗେମଟି ମୋବାଇଲ୍ ପ୍ଲାଟଫର୍ମ ଏବଂ ୱେବସାଇଟ୍ରେ ସହଜରେ ଉପଲବ୍ଧ ଏବଂ କ-ଡ୍ରାମା ଏବଂ କ-ପପ୍ ସମେତ କୋରିଆନ୍ ପପ୍ ସଂସ୍କୃତି ଉପରେ ବହୁତ ନିର୍ଭର କରେ। ଏକ ରିପୋର୍ଟ ଅନୁଯାୟୀ, କୋରିଆନ୍ ଲଭ୍ ଗେମ୍ରେ ଖେଳାଳିମାନେ ଜଣେ ଭର୍ଚୁଆଲ୍ ପାର୍ଟନର ବାଛନ୍ତି ଯିଏ କୋରିଆନ୍ ଭାଷାରେ କଥା ହୁଅନ୍ତି, ରୋମାଣ୍ଟିକ୍ ମେସେଜ୍ ପଠାନ୍ତି ଏବଂ ଦୈନନ୍ଦିନ କାର୍ଯ୍ୟ ନିଯୁକ୍ତ କରନ୍ତି । ଖେଳ ଆଗକୁ ବଢ଼ିବା ସହିତ, ଏହି କାର୍ଯ୍ୟଗୁଡ଼ିକ ଅଧିକ କଷ୍ଟକର ହୋଇଯାଏ। ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ଚାଟିଂ, ଫଟୋ ସେୟାର କରିବା କିମ୍ବା ନିରନ୍ତର କଥାବାର୍ତ୍ତାରେ ଜଡିତ ହୋଇପାରେ, ଯେତେବେଳେ ପରବର୍ତ୍ତୀ କାର୍ଯ୍ୟଗୁଡ଼ିକ ଅଧିକ ବ୍ୟକ୍ତିଗତ ଏବଂ କିଛି କ୍ଷେତ୍ରରେ ବିପଦପୂର୍ଣ୍ଣ କିମ୍ବା କ୍ଷତିକାରକ ହୋଇଯାଏ। ଏହି ଗେମ୍ଗୁଡ଼ିକ କୋରିଆନ୍ ମନୋରଞ୍ଜନ ସଂସ୍କୃତିର ଲୋକପ୍ରିୟତାକୁ ପୁଞ୍ଜି କରେ, ବ୍ୟବହାରକାରୀମାନଙ୍କୁ ଏକ ଫ୍ୟାଣ୍ଟାସିରେ ବୁଡ଼ି ରହିବାକୁ ଉତ୍ସାହିତ କରେ। ଏକ ସାମ୍ପ୍ରତିକ ଘଟଣା ପରେ, ପୋଲିସ ତଦନ୍ତରୁ ଜଣାପଡିଛି ଯେ COVID-୧୯ ମହାମାରୀ ସମୟରେ ତିନି ଭଉଣୀ ଅତ୍ୟଧିକ ଅନଲାଇନ୍ ଗେମ୍ ଖେଳୁଥିଲେ।

# ଶକ୍ତିଶାଳୀ ଦେଶର ଏଲିଟ୍ କ୍ଲବରେ ଭାରତ

ନୂଆଦିଲ୍ଲୀ : ଶତ୍ରୁ ହେବେ ଥରହର । ଶତ୍ରୁ ଦେଶ ବିରୁଦ୍ଧରେ ବାୟୁସେନାକୁ ଆହୁରି ଶକ୍ତିଶାଳୀ ହେବାକୁ ପ୍ରସ୍ତୁତ ହେଉଛି ଭାରତ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ ମଙ୍ଗଳବାର ଏକ ରାମଜେଟ୍ର ସଫଳ ପରୀକ୍ଷଣ କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପରୀକ୍ଷଣ ଭାରତର ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକୁ ଆହୁରି ସଠିକତାର ସହିତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଏହି ପରୀକ୍ଷଣ ଓଡ଼ିଶାର ଉପକୂଳ ଚାନ୍ଦିପୁରରେ ଥିବା ପରୀକ୍ଷଣ ରେଞ୍ଜରେ କରାଯାଇଥିଲା । ଏହି ସଫଳ ପ୍ରଦର୍ଶନ ଭାରତକୁ ଏହି ପ୍ରଯୁକ୍ତିବିଦ୍ୟା ଥିବା କିଛି ମନୋନୀତ ଦେଶମାନଙ୍କ ମଧ୍ୟରେ ସ୍ଥାନିତ କରିଛି, ଯାହା ଦୂରଗାମୀ ବାୟୁରୁ ବାୟୁ କ୍ଷେପଣାସ୍ତ୍ର ବିକାଶକୁ ସକ୍ଷମ କରିଥାଏ । ଯାହା ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ଏକ ରଣନୈତିକ ଲାଭ ପ୍ରଦାନ କରିଥାଏ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି । ପ୍ରାରମ୍ଭିକ ଭାବରେ ଗ୍ରାଉଣ୍ଡ ବୁଷ୍ଟର ମୋଟର ଦ୍ୱାରା ଚାଳିତ ହେବା ପରେ ନୋଜଲ୍-ଲେସ୍ ବୁଷ୍ଟର, ଝରଉଜ ମୋଟର ଏବଂ ଇନ୍ଧନ ପ୍ରବାହ ନିୟନ୍ତ୍ରକ ସମେତ ସମସ୍ତ ପ୍ରଣାଳୀ ଆଶାନୁରୂପ କାର୍ଯ୍ୟ କରିଛି । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରୟୋଗଶାଳା, ଉଚ୍ଚ ଶକ୍ତି ସାମଗ୍ରହୀ ଗବେଷଣା ପ୍ରୟୋଗଶାଳା, ଗବେଷଣା କେନ୍ଦ୍ର ଇମାରତ ଏବଂ ଓଞ୍ଜଜ ସମେତ ବିଭିନ୍ନ ଉଜଉଙ ପ୍ରୟୋଗଶାଳାର ବରିଷ୍ଠ ବୈଜ୍ଞାନିକମାନେ ଏହି ପରୀକ୍ଷଣକୁ ତଦାରଖ କରିଥିଲେ ।

# ୨ ଜୈଶ୍ ଆତଙ୍କୀ ନିହତ

ଉଧମପୁର : ଜମ୍ମୁ କାଶ୍ମୀରରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ଉଧମପୁରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଜୈଶ୍ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ନିହତଙ୍କ ମଧ୍ୟରେ ଜୈସ୍ କମାଣ୍ଡର ଥିବା ଜଣାପଡିଛି। ଗତକାଲିଠାରୁ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ଚାଲିଛି। ଜମ୍ମୁ କାଶ୍ମୀର ପୁଲିସର ରିପୋର୍ଟ ଅନୁଯାୟୀ ଉଧମପୁରର ବନସନ୍ତଗଡ଼ ଅଞ୍ଚଳରେ ଜମ୍ମୁ କାଶ୍ମୀର ପୁଲିସ, ଭାରତୀୟ ସେନା ଏବଂ ସିଆରପିଏଫ ଙ୍କ ମିଳିତ ଏନକାଉଣ୍ଟରରେ ଦୁଇ ଜଣ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ୍ ପର୍ଯ୍ୟନ୍ତ ଘଟଣାରେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

DSPL-310 37001/13/0023/2425



# ଅଣ୍ଡର-୧୯ : ଫାଇନାଲରେ ଭାରତ



ନୂଆଦିଲ୍ଲୀ : ଜିମ୍ବାୱେ ଓ ନାମ୍ବିଆରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ପୁରୁଷ ଦିନିକିଆ କ୍ରିକେଟ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ହରାରେ ସ୍ପୋର୍ଟସ କ୍ଲବରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭାରତ ଆଫଗାନିସ୍ତାନକୁ ୭ ୱିକେଟ୍‌ରେ ହରାଇବା ସହ ଫାଇନାଲରେ ପ୍ରବେଶ କରିଛି। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ଲିଗ୍ ଓ ସୁପର-୬ରେ ଅପରାଜୟ ସହ ସେମିଫାଇନାଲରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟରେ ଭାରତ ୬ ୱିକେଟରେ ଆମେରିକାକୁ, ୧୮ରନରେ ବାଂଲାଦେଶକୁ ଓ ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ସୁପର-୬ରେ ଭାରତ ୨୦୪ରନରେ ଜିମ୍ବାୱେ ଓ ୫୮ରନରେ ପାକିସ୍ତାନକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ଭାରତ ପକ୍ଷରୁ ଓପନର ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ଭଲ ଫର୍ମରେ ରହିଥିବାବେଳେ ମଧ୍ୟକ୍ରମରେ ଆୟୁଷ ମାହାତ୍ରେ, ବେଦାନ୍ତ ତ୍ରିବେଦୀ, ବିହାନ ମାଲହୋତ୍ରା, ଅଭିଜ୍ଞାନ କୁଣ୍ଡୁ ସ୍ଥିତି ସମ୍ଭାଳୁଛନ୍ତି। ବୋଲିଂରେ ଦୀପେଶ ଦେବେନ୍ଦ୍ରନ, କନିଷ୍କ ଚୌହ୍ୱାନ, ଖିଲାନ ପଟେଲ ପ୍ରମୁଖ ୱିକେଟ ନେଉଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂରେ ଭାରତ ସ୍ଥିର ପ୍ରଦର୍ଶନ କରୁଥିବାବେଳେ ଆଫଗାନିସ୍ତାନକୁ ହରାଇ ଫାଇନାଲରେ ପହଞ୍ଚିବା ଲକ୍ଷ୍ୟ ରଖିଛି। ପୂର୍ବରୁ ଭାରତ ୨୦୦୦, ୨୦୦୨, ୨୦୦୬, ୨୦୦୮, ୨୦୧୨, ୨୦୧୬, ୨୦୧୮,୨୦୨୦, ୨୦୨୨ ଓ ୨୦୨୪ରେ ୧୦ଥର ସେମିଫାଇନାଲ ଖେଳିଛି। ସେଥିମଧ୍ୟରୁ ୯ଥର ବିଜୟୀ ହୋଇଥିବାବେଳେ ଥରେ ପରାଜିତ ହୋଇଛି। ଦଳ ୧୦ଥର ଲାଗି ଫାଇନାଲ ଖେଳିବା ଲକ୍ଷ୍ୟ ରଖିଛି।

ଅନ୍ୟପକ୍ଷରେ ମେହେବୁବ୍ ଖାନଙ୍କ ନେତୃତ୍ୱାଧିନ ଆଫଗାନିସ୍ତାନ ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ୨୮ରନରେ, ୱେଷ୍ଟଇଣ୍ଡିଜ୍‌କୁ ୧୩୮ରନରେ ଓ ତାଞ୍ଜାନିଆକୁ ୯ ୱିକେଟରେ ପରାସ୍ତ କରିଥିଲା। ଦଳ ସୁପର-୬ରେ ଶ୍ରୀଲଙ୍କା ନିକଟରୁ ୪ ୱିକେଟରେ ପରାଜିତ ହୋଇଥିବା ବେଳେ ଆୟର୍ଲାଣ୍ଡକୁ ୧୯୧ରନରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ଦଳ ଲିଗ୍ ଓ ସୁପର-୬ରେ ଭଲ ପ୍ରଦର୍ଶନ କରିଛି। ଭାରତ ବିପକ୍ଷ ସେମିଫାଇନାଲରେ ଉକ୍ତ ପ୍ରଦର୍ଶନକୁ ବଜାୟ ରଖିବା ସହ ଫାଇନାଲରେ ପହଞ୍ଚିବା ନେଇ ଦୃଢ ଆଶାବାଦୀ ରହିଛି। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଶେଷ ୫ଟି ମ୍ୟାଚରୁ ପ୍ରଦର୍ଶନକୁ ଦେଖିଲେ ଭାରତ ୪ଟି ଓ ଆଫଗାନିସ୍ତାନ ଗୋଟିଏ ମ୍ୟାଚରେ ବିଜୟୀ ହୋଇଛି। ଭାରତ ଶେଷ ୪ଟି ମ୍ୟାଚରେ ଆଫଗାନିସ୍ତାନକୁ ପରାସ୍ତ କରିଛି।

# ତଳିତଳାନ୍ତ ହୋଇଯିବ ପାକିସ୍ତାନ କ୍ରିକେଟ୍ : କପିଳଦେବ



ନୂଆଦିଲ୍ଲୀ : ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷ ମ୍ୟାଚ୍‌କୁ ବର୍ଜନ କରିବାକୁ ଧମକ ଦେଇଥିବାରୁ ପାକିସ୍ତାନକୁ ସମାଲୋଚନା କରିଛନ୍ତି ଭାରତର ମହାନ ଅଲରାଉଣ୍ଡର କପିଳ ଦେବ। ସେ କହିଛନ୍ତି ଯେ ଏପରି ପଦକ୍ଷେପ ପାକିସ୍ତାନ କ୍ରିକେଟ୍‌କୁ ତଳିତଳାନ୍ତ କରିଦେବ, କେହି ସେମାନଙ୍କୁ ମନେ ପକାଇବେ ନାହିଁ।

୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅଧିନାୟକ କହିଛନ୍ତି, ଏହି ବର୍ଜନ ନିଷ୍ପତ୍ତି କିଏ ନେଇଛନ୍ତି ? ଯଦି ଖେଳାଳିମାନେ ନେଇଛନ୍ତି ତେବେ ସେମାନେ ଆଗକୁ ଆସି କହିବା ଉଚିତ୍। କିନ୍ତୁ ବୋର୍ଡ କହିବ ଯେ ଖେଳାଳିମାନେ ଖେଳିବେ ନାହିଁ ତେବେ ଦେଶର ସମ୍ମାନ ପ୍ରଭାବିତ ହେବ। ଏହା ପାକିସ୍ତାନ (କ୍ରିକେଟ୍) ପାଇଁ ଭଲ ହେବନି। ତୁମେମାନେ ଗୋଟିଏ ପିଢିକୁ ନଷ୍ଟ କରିଦେଉଛ। ପାକିସ୍ତାନ କ୍ରିକେଟ୍‌କୁ ଅନେକ ମହାନ ଖେଳାଳି ଦେଇଛି। କିନ୍ତୁ ଯଦି ପିଲାମାନଙ୍କୁ ଖେଳିବାକୁ ଦିଆନଯିବ, ତେବେ ଗୋଟିଏ ପିଢିକୁ ନଷ୍ଟ କରାଯାଉଛି। ଖେଳକୁ ନଷ୍ଟ କରାଯାଉଛି। ତୁମେ ନିଜ ଖେଳାଳିଙ୍କ ପ୍ରତି ଅନ୍ୟାୟ କରୁଛ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସରଗରମ ଚର୍ଚ୍ଚା ଥମିବା ପରେ ପ୍ରସଂଶକମାନେ ଚାଲିଯିବେ, ଭାବାବେଗ ପ୍ରଭାବିତ ହେବ। ପରେ ଲୋକମାନେ ଏସବୁ କଥା ଭୁଲିଯିବେ, ପାକିସ୍ତାନକୁ କେହି ମନେ ପକାଇବେ ନାହିଁ ଓ ଆଗକୁ ବଢିଯିବେ।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାଙ୍ଗିପାରେ ୫ ରେକର୍ଡ



ମୁମ୍ବାଇ : ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଶନିବାର ଠାରୁ ଆରମ୍ଭ ହେଉଥିବା ବେଳେ ତାହାକୁ ନେଇ ଏବେଠାରୁ ପ୍ରସଂଶକଙ୍କ ମନରେ ଉତ୍ସାହ ବଢିବାରେ ଲାଗିଛି। ଏଥର ମୋଟ ୨୦ଟି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି, ତେବେ ସମସ୍ତଙ୍କ ନଜର ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍ ଉପରେ ରହିବ। କାରଣ ଏସବୁ ଦଳରେ ଏପରି ଖେଳାଳି ଅଛନ୍ତି ଯେଉଁମାନେ ପୁରୁଣା ରେକର୍ଡ ଭାଙ୍ଗି ନୂଆ ରେକର୍ଡ କରିବାର କ୍ଷମତା ରଖନ୍ତି। କେବଳ ଏସବୁ ଦଳ ନୁହନ୍ତି ଅନ୍ୟ ଦଳଗୁଡ଼ିକରେ ବି ଅନେକ ଖେଳାଳି ଅଛନ୍ତି ଯେଉଁମାନେ ରେକର୍ଡ କରିବାକୁ ପ୍ରସ୍ତୁତ। ଏବେ ଆସନ୍ତୁ ଜାଣିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ୫ଟି ବଡ଼ ରେକର୍ଡ ଉପରେ।

**ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ୫ଟି ବଡ଼ ରେକର୍ଡ**

୧. ଗୋଟିଏ ସଂସ୍କରଣରେ ସର୍ବାଧିକ ବିଜୟ : ଏହି ରେକର୍ଡଟି ଭାରତ ନାଁରେ ଅଛି। ୨୦୨୪ ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତ ଲଗାତାର ୮ଟି ମ୍ୟାଚ ଜିତିଥିଲା। ଏହା ଟ୍ୱେଣ୍ଟି-୨୦ ବିଶ୍ୱକପର ଯେକୌଣସି ସଂସ୍କରଣରେ ଗୋଟିଏ ଦଳ ଦ୍ୱାରା ହାସଲ କରାଯାଇଥିବା ସର୍ବାଧିକ ବିଜୟ। ନୂଆ ସଂସ୍କରଣରେ ଯେଉଁ ଦଳ ୯ଟି ମ୍ୟାଚ ଜିତିବ ସେହିଦଳ ଭାରତର ରେକର୍ଡ ଭାଙ୍ଗିବ।

୨. ସର୍ବାଧିକ ବ୍ୟକ୍ତିଗତ ରନ: ଏହି ରେକର୍ଡଟି ବିରାଟ କୋହଲିଙ୍କ ନାଁରେ ରହିଛି। ଟ୍ୱେଣ୍ଟି-୨୦ ବିଶ୍ୱକପରେ ସେ ମୋଟ ୩୫ଟି ମ୍ୟାଚ୍ ଖେଳି ମୋଟ ୧୨୯୨ ରନ କରିଛନ୍ତି। ତାଙ୍କ ତଳକୁ ଅଛନ୍ତି ଇଂଲଣ୍ଡର ଜସ୍ ବଟଲର୍ ଯିଏକି ୧୦୧୩ ରନ କରିଛନ୍ତି। ସେ ଆଗାମୀ ବିଶ୍ୱକପରେ ଖେଳିବାକୁ ଯାଉଛନ୍ତ। ସେ ଯଦି ଆଉ ୨୮୦ ରନ କରନ୍ତି ତେବେ ବିରାଟଙ୍କ ରେକର୍ଡ ଭାଙ୍ଗିବ।

୩. ସର୍ବାଧିକ ବ୍ୟକ୍ତିଗତ ସ୍କୋର: ଏହି ରେକର୍ଡଟି ନ୍ୟୁଜିଲାଣ୍ଡର ବ୍ରାଣ୍ଡନ ମାକୁଲମ୍‌ଙ୍କ ନାମରେ ରହିଛି, ଯାହାକି ସେ ୨୦୧୨ ଟ୍ୱେଣ୍ଟି-୨୦ ବିଶ୍ୱକପରେ ୫୮ଟି ବଲରୁ ୧୨୩ ରନ କରି ହାସଲ କରିଥିଲେ। ଏପର୍ଯ୍ୟନ୍ତ ୧୦ଜଣ ବ୍ୟାଟର ଏହି ବିଶ୍ୱକପରେ ଶତକ ହାସଲ କରିଛନ୍ତି, କିନ୍ତୁ କେହି ମାକୁଲମଙ୍କ ସ୍କୋରକୁ ଟପିପାରିନାହାନ୍ତି। ଗତ ୧୬ ବର୍ଷ ହେଲା ଏହି ରେକର୍ଡ କାଏମ ରହିଛି।

୪. ଗୋଟିଏ ସଂସ୍କରଣରେ ସର୍ବାଧିକ ରନ: ଏହି ରେକର୍ଡ ବି ବିରାଟଙ୍କ ନାଁରେ ରହିଛି। ସେ ୨୦୧୪ ଟ୍ୱେଣ୍ଟି-୨୦ ବିଶ୍ୱକପରେ ୬ଟି ମ୍ୟାଚରେ ୪ଟି ଅର୍ଦ୍ଧଶତକ ସହ ମୋଟ ୩୧୯ ରନ କରିଥିଲେ। ଏଥରର ବିଶ୍ୱକପରେ ଜଣେ ଖେଳାଳି ସର୍ବାଧିକ ୯ଟି ମ୍ୟାଚ୍ ଖେଳିବାକୁ ଥିବାରୁ ଏହି ରେକର୍ଡ ଭଙ୍ଗ ହେବାର ସମ୍ଭାବନା ରହିଛି।

୫. ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା: ୱେଷ୍ଟ ଇଣ୍ଡିଜ୍‌ର ନିକୋଲାସ୍ ପୁରନଙ୍କ ନାଁରେ ଏହି ରେକର୍ଡ ରହିଛି। ସେ ୨୦୨୪ ବିଶ୍ୱକପରେ ୧୭ଟି ଛକା ମାରିଥିଲେ। ଏଥରର ବିଶ୍ୱକପରେ ଛକା ମାରିବାରେ ଅନେକ ମାହିର ଖେଳାଳି ଥିବାରୁ ପୁରନଙ୍କ ରେକର୍ଡ ଭଙ୍ଗ ହୋଇପାରେ।

# ଗୁଜରାଟ ଜାଏଣ୍ଟସକୁ ହରାଇ ସେମିରେ ଦିଲ୍ଲୀ କ୍ୟାପିଟାଲ୍ସ



ଗୁଜୁରାଟ : ମଙ୍ଗଳବାର ଦିନ ଭଦୋଦରାର ବିସିଏ ଷ୍ଟାଡିୟମରେ ଏଲିମିନେଟରରେ ଗୁଜରାଟ ଜାଏଣ୍ଟସକୁ ୭ ୱିକେଟରେ ପରାସ୍ତ କରି ଦିଲ୍ଲୀ କ୍ୟାପିଟାଲ୍ସ ଲଗାତାର ଚତୁର୍ଥ ମହିଳା ପ୍ରିମିୟର ଲିଗ୍ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତିବା ପରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇ ଡିସି ଅଧିନାୟକ ଜେମିମା ରୋଡ୍ରିଗ୍ସ ସ୍ଥିର କରିଥିଲେ। ପ୍ରଥମେ ଗୁଜରାଟ ଜାଏଣ୍ଟସ ବ୍ୟାଟିଂ କରି ୭ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ବେଥ୍ ମୁନିଙ୍କ ଅପରାଜିତ ୬୨ ରନ କରିଥିଲେ। ଜବାବରେ, ଦିଲ୍ଲୀ କ୍ୟାପିଟାଲ୍ସ ୧୫ ଓଭର ୪ଟି ବଲରେ ୩ ୱିକେଟ ହରାଇ ୧୬୯ ରନ୍ କରି ବିଜୟୀ ହୋଇଛି। ଓପନର ଶାଫାଲି ବର୍ମା (୨୧ ବଲ୍ ରୁ ୩୧) ଏବଂ ଲିଜେଲ ଲି (୨୪ ବଲ୍ ରୁ ୪୩) ଏକ ଧମାକାଦାର ଆରମ୍ଭ ଦେଇଥିଲେ। ପରେ ଜେମିମାହ ରଡ୍ରିଗ୍ସ ୨୩ ବଲ୍ ରୁ ୪୧ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଦଳକୁ ବିଜୟ କରିଥିଲେ। ଗୁରୁବାର ୫ ଫେବୃଆରୀ ରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦୨୬ର ଫାଇନାଲରେ ଡିସି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ମୁକାବିଲା କରିବ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧-୭ ଫେବୃଆରୀ- ୨୦୨୬

ରହସ୍ୟରେ ନିଲମ୍ବନ !




**ଜାତୀୟ:** ବୁଲା କୁକୁରଙ୍କ ପାଇଁ ମୃତ୍ୟୁର ଫାସ ପାଲଟିଛ

**ଅନ୍ତର୍ଜାତୀୟ:** ମଧ୍ୟପ୍ରାଚ୍ୟରେ ଘନେଇଲା ଯୁଦ୍ଧ ଆଶଙ୍କା

**ବିଶେଷ ପ୍ରସଙ୍ଗ:** ଆଞ୍ଚଳିକ ଦଳ ପାଇଁ ନିଶା କାହିଁକି ?

**ନାରୀ:** : ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କେତେ ବୟସ ଗ୍ୟାପ୍ ରହିବା ଉଚିତ

**କ୍ଷୁଦ୍ରଗଳ୍ପ:** ଭାଗ୍ୟ ପରାଗ

**ଚଳଚ୍ଚିତ୍ର:** ୪୮ବର୍ଷ ବୟସରେ ବି ଏକା ଏକା ଜୀବନ କାଟୁଛନ୍ତି ଦିବ୍ୟା ଦତ୍ତାଆଉଟ୍ ବଲିଉଡ ଉପରେ ରାଗିଛନ୍ତି କି ପ୍ରକାଶ ରାଜ ?

**ଖେଳ:** ବାଂଲାଦେଶ ଆଉଟ୍ ସ୍କଟଲାଣ୍ଡ ଇନ୍‌କମ,

**ମୀନାବଜାର:** ଅପରଙ୍କୁ ନ ହଟାଇ ଆଗକୁ ବଢ଼ିଚାଲ, ଚର୍ଚ୍ଚାରେ: ଇତିହାସ ରଚିଲା 'ଭେରୋନିକା', ବିଜ୍ଞାନ: ଅନ୍ତରିକ୍ଷରେ ବିସ୍ଫୋରଣ କାହିଁକି ଭିନ୍ନ, ପର୍ଯ୍ୟଟନ: ଛତିଶଗଡ଼ର ଧମତରୀ ସହର ବିଲେଇମାତା ମନ୍ଦିର, ବାସ୍ତୁ: କୁଣ୍ଡଳୀରେ ଚାକିରି ଯୋଗ କେମିତି ଲାଗେ ଭଳି ଏଥିରେ ରହିଛି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


## ଏଲପଡ଼ା ବକ୍ସି ଜଗବନ୍ଧୁ ନ୍ୟାସନାଲ ଟି- ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଝଗଡ଼ପଡା ଫାଇନାଲରେ



ଭାପୁର, (ପିପିଏସ): ଭାପୁର ବ୍ଲକ ଏଲପଡ଼ା ଖେଳ ପଡ଼ିଆରେ ଚାଲିଥିବା ବକ୍ସି ଜଗବନ୍ଧୁ ନ୍ୟାସନାଲ ଟି-୨୦ ନବମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବୁଧବାର ଦିନ ଝଗଡ଼ପଡା କ୍ରିକେଟ ଟିମ ଓ ସାନସହରା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଝଗଡ଼ପଡା କ୍ରିକେଟ ଟିମ ବ୍ୟାଟିଙ୍ଗ କରିବାର ନିଷ୍ପତ୍ତି ନେଇ ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ସାନସହରା କ୍ରିକେଟ ଟିମ ୧୪.୩ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ ସଂଗ୍ରହ କରି ୫୬ ରନରେ ପରାଜିତ ହୋଇଥିଲା। ବିଜୟୀ ଦଳର ମନୋଜ କୁମାର ନାୟକଙ୍କ ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାନ ଅଫ ଦ ମ୍ୟାଚ କପ ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ରୋଶନ ଯୁଝାରସିଂ, ରିବୁଲ ସାମନ୍ତରା ପରିଚାଳନା କରିଥିବାବେଳେ ସ୍କୋରର ଭାବେ ପରମାନନ୍ଦ ମାର୍ଥା ଏବଂ ରାମଚନ୍ଦ୍ର ମହାନ୍ତି ଦାୟୀତ୍ୱ ନିର୍ବାହ କରିଥିଲେ। ସେହିପରି ଭାଷ୍ୟକାର ଭାବେ କୈଳାଶ ଚନ୍ଦ୍ର ପ୍ରଧାନ ଦାୟୀତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ସନାତନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ଯୁଝାରସିଂ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ନିହାଲପ୍ରସାଦ କ୍ରିକେଟ ଟିମ ସହ ଝଗଡ଼ପଡା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ କବାଡି ଚାମ୍ପିୟନସିପ୍ ପୁରୁଷ ଓ ମହିଳା ୨୦୨୬

ବ୍ରହ୍ମପୁର, (ପିପିଏସ୍) : ଆସନ୍ତା ମାସ ଫେବୃଆରୀ ୧୩ ତାରିଖ ଠାରୁ ୧୫ ଯାଇଁ ଆୟୋଜିତ ହେବାକୁ ଯାଉଛି ୭୩ତମ ରାଜ୍ୟ ସ୍ତରୀୟ ସିନିଅର ଉଭୟ ପୁରୁଷ ଓ ମହିଳା ବର୍ଗ କବାଡି ଚାମ୍ପିୟନସିପ। ଏଣୁ ଗଞ୍ଜାମ ଜିଲ୍ଲା କବାଡି ଦଳର ଚୟନ ଶିବିର ଆସନ୍ତା ମାସ ଫେବୃଆରୀ ୮ ତାରିଖ ଦିନ ସକାଳ ୯ ଘାଣ୍ଟିକା ସମୟ ରେ ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଆୟୋଜିତ ହେବ। ଇଚ୍ଛୁକ ଖେଳାଳିମାନେ ନିଜ କୀଟ ସହ ଚୟନ ଶିବିରରେ ଯୋଗ ଦେଇପାରିବେ। ଚୟନ ଶିବିରରେ ଯୋଗ ଦେବାପାଇଁ ନିର୍ଧାରିତ ନିୟମ ରହିଅଛି ଯଥା : ପୁରୁଷ ଖେଳାଳି ଙ୍କ ଓଜନ ୮୫ କି. ଗ୍ରା ରୁ କମ ହୋଇଥିବା ଆବଶ୍ୟକ ଓ ମହିଳା ଖେଳାଳି ଙ୍କ ଓଜନ ୭୫ କି. ଗ୍ରାମ ରୁ କମ ହୋଇଥିବା ନିତ୍ୟାନ୍ତ ଆବଶ୍ୟକ ଏବଂ ଏଥି ସହ ଉଭୟ ଖେଳାଳିମାନେ ନିଜର ଆଧାର କାର୍ଡ ଜେରକ୍ସ ଓ ୩ ଗୋଟି ପାସ ଫୋଟୋ ସହ ଯୋଗ ଦେବେ। ଚୟନ ଶିବିରରେ ଯୋଗ ଦେବା ପାଇଁ ଖେଳାଳି ଯୋଗାଯୋଗ କରିବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଉପ-ସଭାପତି କେଦାର ଚୌଧୁରୀ (୯୮୬୧୧୦୯୧୫୦) ଓ ଗଞ୍ଜାମ ଜିଲ୍ଲା କବାଡି ସଙ୍ଘ ସହ ସମ୍ପାଦକ ସୀତାରାମ ଦ୍ୱିବ୍ରତ (୭୯୭୮୭୮୯୬୭୭) ଙ୍କୁ ଯୋଗାଯୋଗ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ସି.ଏମ୍. ଟ୍ରଫି କବାଡି ଚୟନ ପ୍ରତିଯୋଗିତା



କେନ୍ଦ୍ରାପଡ଼ା (ପିପିଏସ୍): ସି.ଏମ୍.ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା କବାଡି ପ୍ରତିଯୋଗିତାର ଚୟନ ପ୍ରତିଯୋଗୀତା ମଙ୍ଗଳବାର ଦିନ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲାର ବ୍ଲକ ଓ ପୌରା□ଳ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ରିଡାବିତ ମାନେ ଭାଗନେଇ ଥିଲେ। ପାଖାପଖି ୩୦୦ ବାଳକ/ବାଳିକାମାନେ ଅଂଶଗ୍ରହଣ କରିଥିଲେ। ଏଥିରୁ ବଚ୍ଛାବଚ୍ଛା ଭଲ ପ୍ରଦର୍ଶନ କରିଥିବା ୧୦ଟି ଦଳ ବାଳକ ଓ ୬ଟି ବାଳିକା ବିଭାଗର ଖେଳାଳୀମାନେ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରିଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରିଡା ଅଧିକାରୀ ଲୋକାନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଶାରିରୀକ ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜ୍ୟୋତିର୍ମୟ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିମା ଦ୍ୱିବେଦି, ସସ୍ମିତା ପଣ୍ଡା, ଜ୍ୟୋର୍ତିମୟୀ ସେନାପତି ପ୍ରଭୃତି ବରିଷ୍ଠ ଶାରିରୀକ ଶିକ୍ଷକ ଯୋଗ ଦେଇଥିଲେ।

# ସି.ଏମ୍ ଟ୍ରଫି ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଅନ୍ତଃ ୧୪ ବର୍ଷୀୟ ବାଳକ ଓ ବାଳିକା ଚୟନ ଶିବିର

ବ୍ରହ୍ମପୁର, (ପିପିଏସ୍) : ପ୍ରଥମ ସି.ଏମ୍ କପ ଖୋ-ଖୋ ଟୁର୍ନାମେଣ୍ଟ ଚୟନ ଶିବିର ଚଳିତ ମାସ ଫେବୃଆରୀ ୯ ତାରିଖ ଆୟୋଜିତ ହେବାକୁ ଯାଉଅଛି। ଏହି ଟୁର୍ନାମେଣ୍ଟ ଅନ୍ତଃ ୧୪ ବର୍ଷୀୟ ଉଭୟ ବାଳକ ଓ ବାଳିକା ଖେଳାଳି ଙ୍କ ନିମନ୍ତେ ଆୟୋଜିତ ହେବାକୁ ଯାଉଅଛି। ଖେଳାଳିଙ୍କ ବୟସ ସୀମା ୧/୧/୨୦୧୩ ଠାରୁ ୧/୧/୨୦୧୬ ମଧ୍ୟରେ ହୋଇଥିବା ଆବଶ୍ୟକ, ଏଣୁ ପୂର୍ବରୁ ଯେଉଁ ଖେଳାଳିମାନେ ଅନଲାଇନ ପଞ୍ଜୀକରଣ କରିଥିଲେ ଓ ଯେଉଁ ଖେଳାଳିମାନେ ଅନଲାଇନ ପଞ୍ଜୀକରଣ କରି ନାହାନ୍ତି ସେହିମାନେ ନିଜ ଆଧାର କାର୍ଡ ଜେରକ୍ସ, ଓ ବୟସ ପ୍ରମାଣ ପତ୍ର ସହ ଚଳିତ ମାସ ଫେବୃଆରୀ ୯ ତାରିଖ ଦିନ ସକାଳ ୯ ଘାଣ୍ଟିକା ସମୟରେ ମଦନ ମୋହନ ନୋଡାଲ ହାଇସ୍କୁଲ, ଗିରିଶଳା ଠାରେ ନିଜ କୀଟ ସହ ଏହି ଚୟନ ଶିବିରରେ ଯୋଗ ଦେବେ। ଏହି ଚୟନ ଶିବିର ରେ ଚୟନ ହୋଇଥିବା ଖେଳାଳି ମାନଙ୍କୁ ନେଇ କେତେ ଗୋଟି ଦଳ ରେ ଭାଗ କରାଯିବ। ଇଚ୍ଛୁକ ଖେଳାଳି ମାନେ ଖୋ-ଖୋ ପ୍ରଶିକ୍ଷକ ମଧୁସୂଦନ ବେହେରା (୮୦୯୩୨୬୩୦୯୮), ଆଶିଷ କୁମାର ସାହୁ (୯୮୬୧୨୬୧୩୪୯), ପ୍ରୀତିରଞ୍ଜନ ପ୍ରଧାନ (୯୪୩୮୪୫୭୬୨୨) ଙ୍କୁ ଅଧିକ ବିବରଣୀ ପାଇଁ ଯୋଗାଯୋଗ କରିପାରିବେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583